

ଇୟୁ ବସ୍‌ଙ୍କ ଗୋଆ ଲିଙ୍କ୍

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 305 | ଭାଗ ୩୩ | ସଂଖ୍ୟା ୩୦୫ Wednesday 28 January 2026 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୨୮ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦେଶର ପ୍ରଥମ ଏଫ୍ଆର୍‌ପି ୟୁନିଟ୍

# ଶିଳ୍ପ ବିକାଶ ସହ ଯୋଡ଼ି ହୋଇଛି ଗାଁ



## ରାଜ୍ୟର ନୂଆ ଶିଳ୍ପ ହବ୍ ହେଉଛି ପଶ୍ଚିମ ଓଡ଼ିଶା

## ସମ୍ପ୍ରସାରଣ ପ୍ରକଳ୍ପରେ ୨୭ ହଜାର କୋଟିର ନିବେଶ

## ୫୦୧୨ ଯୁବକଯୁବତୀଙ୍କୁ ମିଳିବ ନିଯୁକ୍ତି

ସମ୍ବଲପୁର,୨୭।୧(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ସୃଷ୍ଟି ହୋଇଛି ନୂଆ ଶିଳ୍ପ ବିପ୍ଳବ। ରାଜ୍ୟରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସିଛି। ଏହିସବୁ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଯୁବକଯୁବତୀଙ୍କ ପାଇଁ ୧୫ ଲକ୍ଷରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଜି ସମ୍ବଲପୁରର ଲପଙ୍ଗାଠାରେ ହିଣ୍ଡାଲକୋର ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟରେ ଦେଶର ପ୍ରଥମ ଫ୍ଲାଟ ରୋଲ୍ଡ ପ୍ରଡକ୍ଟ (ଏଫଆରପି) ୟୁନିଟ୍‌ର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲପଙ୍ଗା ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୨୬ ହଜାର ୯୯୬ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଥିବା ବେଳେ ୫୦୧୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଆହୁରି ଆନୁଷଙ୍ଗିକ ଶିଳ୍ପର ବିକାଶ ହେବ ସହ ଲୋକଙ୍କ ଜୀବନଜୀବିକା ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ହିଣ୍ଡାଲକୋ ଅଧିକାରୀମାନେ ଯୋଗ ଦେଇଥିଲେ। ବଣଜଙ୍ଗଲଭରା ପଶ୍ଚିମ ଓଡ଼ିଶା ➮ପୃଷ୍ଠା-୬



କେନ୍ଦ୍ର ବଜେଟ୍‌ଃ ଲକ୍-ଇନ୍ ପିରିଅଡ୍ ଆରମ୍ଭ

# 'ହାଲୱା ଉତ୍ସବ' ସମ୍ପନ୍ନ

ନୂଆଦିଲ୍ଲୀଃ ଆସନ୍ତା ମାସ ପହିଲାରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଅଷ୍ଟମ ଥର ପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉଦ୍ଦିଷ୍ଟ ଉକ୍ତ ବଜେଟ୍ ପାଇଁ ପ୍ରସ୍ତୁତି ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟ ଅର୍ଥାତ୍ ଲକ୍-ଇନ୍ ପିରିଅଡ୍‌କୁ ସୂଚିତ କରୁଥିବା 'ହାଲୱା ଉତ୍ସବ' ଆଜି ନର୍ଥ ବ୍ଲକସ୍ଥିତ ବଜେଟ୍ ପ୍ରେସରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ପରେ ଶ୍ରୀମତୀ ସୀତାରମଣ ଓ ବଜେଟ୍ ପ୍ରସ୍ତୁତି ସହ ଜଡ଼ିତ ସମସ୍ତ ଅଧିକାରୀ ବାହ୍ୟ ଦୁନିଆ ସହ ସମ୍ପର୍କ ତୁଟାଇ କେବଳ ବଜେଟ୍ ପ୍ରସ୍ତୁତିରେ ନିମଗ୍ନ ରହିବେ। ଏହି ସମୟକୁ ଗୋପନୀୟ ଅବଧି କୁହାଯାଏ। ଏଥିରେ ଶ୍ରୀମତୀ ସୀତାରମଣଙ୍କ ସହ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ସମସ୍ତ ବିଭାଗର ସଚିବ ଓ ବଜେଟ୍ ପ୍ରସ୍ତୁତିରେ ସାମିଲ ହୋଇଥିବା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ସୀତାରମଣ ବଜେଟ୍ ପ୍ରେସ୍ ପରିଦର୍ଶନ ଓ ପ୍ରସ୍ତୁତିର ସମୀକ୍ଷା କରିବା ସହ ସମଗ୍ର ବଜେଟ୍ ଦଳକୁ ଶୁଭେଚ୍ଛା ମଧ ଜଣାଇଥିଲେ।

ସମସ୍ତ ପ୍ରକାରର କେନ୍ଦ୍ର ବଜେଟ୍ ଦସ୍ତାବିଜ, ଯେଉଁଥିରେ ବାର୍ଷିକ ଆର୍ଥିକ ବିବରଣୀ, ଅନୁଦାନ ଦାବି, ଅର୍ଥ ବିଲ୍ ରହିଛି। ସେସବୁ ମଧ 'ୟୁନିୟନ୍ ବଜେଟ୍' ମୋବାଇଲ୍ ଆପ୍'ରେ ଉପଲବ୍ଧ ହେବ। ଏହାଦ୍ୱାରା ସଂସଦର ସଦସ୍ୟ ଓ ସାଧାରଣ ଜନତା ଡିଜିଟାଲ୍ ମାଧମରେ ବଜେଟ୍ ଦସ୍ତାବିଜଗୁଡ଼ିକୁ ସୁବିଧାରେ ପାଇପାରିବେ। ଏହି ଆପ୍ ଦୁଇଟି ଭାଷା ଇଂରାଜୀ ଓ ହିନ୍ଦୀରେ ରହିଥିବା ବେଳେ ➮ପୃଷ୍ଠା-୬

# ଭାରତ-ଇୟୁ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ



## ଫଳବତୀ ହେଲା ୧୮ ବର୍ଷର ଆଲୋଚନା

## ଶୁଳ୍କମୁକ୍ତ ହେବ ୯୬ ପ୍ରତିଶତ ବ୍ୟବସାୟ

## ଶସ୍ତା ହେବ ମଦ, ଯନ୍ତ୍ରପାତି, କାର୍

## ବାର୍ଷିକ ସଞ୍ଚୟ ହେବ ୪ ବିଲିୟନ୍ ୟୁରୋ

## ପ୍ରଭାବହୀନ ହେବ ଟ୍ରମ୍ପ୍‌ଙ୍କ ଅତିରିକ୍ତ ବୋଝ

ନୂଆଦିଲ୍ଲୀ,୨୭।୧ଃ ଆଜି ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛନ୍ତି। ଏଥିସହ ଦୀର୍ଘ ୧୮ ବର୍ଷର ପ୍ରଚେଷ୍ଟା ଫଳ ମିଳିଛି। କାରଣ ଗତ ୨୦୦୭ରୁ ଏହି ଚୁକ୍ତି ସକାଶେ ଆଲୋଚନା ହୋଇଆସିଥିଲା। ଆଜି ଉଭୟ ପକ୍ଷର ନେତୃତ୍ୱ ଏହି ଐତିହାସିକ ଚୁକ୍ତିନାମାରେ ମୋହର ମାରିଥିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ 'ମଦର ଅଫ୍ ଅଲ୍ ଡିଲ୍' ବୋଲି କହିଛନ୍ତି। ସେ ଏହାକୁ ସ୍ୱାଗତ କରିବା ସହ ଏହା ଉଭୟ ଭାରତ ଓ ୟୁରୋପୀୟ ଜନସାଧାରଣଙ୍କ ପାଇଁ ବଡ଼ ସୁଯୋଗ ଆଣିବ ବୋଲି ଆଶା କରିଛନ୍ତି। ଏହି ଡିଲ୍ ଉତ୍ପାଦନ କ୍ଷେତ୍ରରେ ଉଭୟ ପକ୍ଷକୁ ଯଥେଷ୍ଟ ଫାଇଦା ଦେବ ବୋଲି ସେ କହିଛନ୍ତି।

ଏହି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଦିଥିବା ଅତିରିକ୍ତ ଟିକସ ବୋଝରୁ ଦେଶକୁ ତ୍ରାହି ମିଳିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଫଳରେ ଉଭୟ ପକ୍ଷ ଆମଦାନି କରୁଥିବା ପାଖାପାଖି ୯୬ ପ୍ରତିଶତ ସାମଗ୍ରୀ କ୍ରମଶଃ ଶୁଳ୍କମୁକ୍ତ ହେବ। ଏଥିରେ ମଦ, କାର୍, ➮ପୃଷ୍ଠା-୬

# ଶ୍ରୀକ୍ଷେତ୍ରରେ ଦୁଇ ଦିନ ରହିବେ ରାଷ୍ଟ୍ରପତି



ପୁରୀ,୨୭।୧(ସଂଚାର ବ୍ୟୁରୋ)ଃ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୩ ତାରିଖରେ ଦୁଇଦିନିଆ ପୁରୀ ଗସ୍ତରେ ଆସିବେ। ଏହି ଅବସରରେ ସେ ପୁରୀରେ ଦୁଇଦିନ ଯାକ ଅବସ୍ଥାନ କରିବେ ବୋଲି ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ସୂଚନାନୁସାରେ, ରାଷ୍ଟ୍ରପତି ଆସନ୍ତା ୩ ତାରିଖରେ ପୁରୀରେ ପହଞ୍ଚି ରାତ୍ରିଯାପନ କରିବେ। ପରଦିନ ଅର୍ଥାତ୍ ଆସନ୍ତା ୪ ତାରିଖ ପ୍ରାତଃ ୭ଟା ସମୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ➮ପୃଷ୍ଠା-୬

ସରକାରଙ୍କୁ ଝଟ୍‌କା

# ପେଟ୍ରୋଲ୍ ପାଇଁ ଜରୁରୀ ନୁହେଁ ପିୟୁସିସି

## ଆବେଦନ ଖାରଜ କଲେ ହାଇକୋର୍ଟ

## ଚାଲାଣ କଟିଥିଲେ ବି ପିୟୁସିସି ମିଳିବ

ଭୁବନେଶ୍ୱର,୨୭।୧ଃ ଗତ ମାସ ଶେଷ ଭାଗରେ ରାଜ୍ୟ ସରକାର ପ୍ରଦୂଷଣ ରୋକିବା ସକାଶେ ଅନ୍ୟତମ ପଦକ୍ଷେପ ଭାବେ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ୍ ପମ୍ପ୍‌ରେ ତେଲ ମିଳିବ ନାହିଁ ବୋଲି ଘୋଷଣା କ ରିଥିଲେ। ଏଥିସହ ଏ ସଂକ୍ରାନ୍ତ ନିୟମକୁ କାର୍ଯ୍ୟକାରୀ କରିବା ସକାଶେ ସରକାର ତୈଳ ଆବଣ୍ଟନକାରୀ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଚ୍ୟାଲେଞ୍ଜ୍ କରି ତୈଳ ଆବଣ୍ଟନକାରୀ କମ୍ପାନୀମାନେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର୍ କରିଥିଲେ। ଏନେଇ ଆଜି ହାଇକୋର୍ଟ ଶୁଣାଣି କରି ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ଖାରଜ କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଏଣିକି କୌଣସି ଗାଡ଼ିର ଚାଲାଣ କଟିଥିଲେ ବି ତାଙ୍କୁ ପିୟୁସିସି ଜାରି କରିବା ନେଇ କୌଣସି ସମସ୍ୟା ରହିବ ନାହିଁ। ତା'ଛଡ଼ା 'ବାହନ' ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତି, ତା' ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ➮ପୃଷ୍ଠା-୬

ରାଉରକେଲାରେ 'ଏଣ୍ଟରପ୍ରାଇଜ ଓଡ଼ିଶା'ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପପତିଙ୍କ ସହ ରାଉଣ୍ଡ ଟେବୁଲ ବୈଠକ



ରାଉରକେଲା,୨୭।୧(ସଂଚାର ବ୍ୟୁରୋ)ଃ ପଶ୍ଚିମ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଆଜିଠାରୁ ଏଠାରେ ଆରମ୍ଭ ହୋଇଛି 'ଏଣ୍ଟରପ୍ରାଇଜ ଓଡ଼ିଶା-୨୦୨୬'। ସିଆଇଆଇ ସହଭାଗିତାରେ ଆୟୋଜିତ ହେଉଥିବା ଏହି 'ଏଣ୍ଟରପ୍ରାଇଜ ଓଡ଼ିଶା' ଶିଳ୍ପ ପ୍ରଦର୍ଶନୀକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ଶିଳ୍ପାନୁଷ୍ଠାନଗୁଡ଼ିକ ନିଜର ଦକ୍ଷତା, ଅଭିନବ ପ୍ରଦର୍ଶନ ଓ ଶିଳ୍ପ ଅଭିବୃଦ୍ଧିର କ୍ରମବିବର୍ତ୍ତନ ପ୍ରଦର୍ଶନ କରୁଛନ୍ତି। ଏହା ରାଜ୍ୟରେ ପୁଞ୍ଜିନବେଶ ଓ ଦକ୍ଷତା ବୃଦ୍ଧି ନେଇ ଏକ ପ୍ଲାଟଫର୍ମ ସୃଷ୍ଟି କରିଛି। ଏଥିସହିତ ରାଜ୍ୟ ସରକାର ଯୋଗାଇଦେଉଥିବା ସହଯୋଗ ଓ ଭିତ୍ତିଭୂମି ବିକାଶରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ନିବେଶକ ଓ ସାଧାରଣ ଲୋକଙ୍କୁ ଅବଗତ କରାଯାଇଛି। ଏହି ଅବସରରେ ରାଉରକେଲାର ସାମାଜିକ ଜୀବନ, ଶିଳ୍ପର ବିକାଶ ଓ ➮ପୃଷ୍ଠା-୬

ପତାକା ଖୋଲିଲା ବେଳେ ଅଘଟଣ

# ବିଦ୍ୟୁତ ସଂସ୍ପର୍ଶରେ ଆସି ଛାତ୍ର ମୃତ

ପାରାଦୀପ,୨୭।୧(ସଂଚାର ବ୍ୟୁରୋ)ଃ ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ୭୭ତମ ଗଣତନ୍ତ୍ର ଆନନ୍ଦଉଲ୍ଲାସରେ ପାଳିତ ହୋଇଥିଲେ ହେଁ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ଅଞ୍ଚଳରେ ଏକ ଅଘଟଣ ଘଟିଛି, ଯାହାକି ସ୍ଥାନୀୟ ଲୋକଙ୍କ ମଧରେ ଶୋକର ଲହରୀ ଖେଳାଇ ଦେଇଛି। ପତାକା ଖୋଲୁଥିବା ସମୟରେ ଜଣେ ଛାତ୍ର ଅଚାନକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମିଳିଥିବା ସୂଚନାନୁସାରେ, କୁଜଙ୍ଗ ଗ୍ରାମର ଏକ କୋଚିଂ ସେଣ୍ଟରରେ ସକାଳେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ତେବେ ସନ୍ଧ୍ୟାରେ ଏହି ପତାକା ଖୋଲିବା ସକାଶେ ଦଶମ ଶ୍ରେଣୀର ଛାତ୍ର ଓମ୍‌ପ୍ରକାଶ ଦ୍ୱିବେଦୀ (୧୬) ଛାତ ଉପରକୁ ଯାଇଥିଲେ। କିନ୍ତୁ ସେଠାରେ ➮ପୃଷ୍ଠା-୬

କଂଗ୍ରେସ ବନାମ ଜନତା କଂଗ୍ରେସ

# ମାର୍ଚ୍ଚରେ ଆତ୍ମପ୍ରକାଶ କରିବ ଓଡ଼ିଶା ଜନତା କଂଗ୍ରେସ!



## ବରିଷ୍ଠ ନେତାଙ୍କ ଦାବି ପ୍ରଭାବିତ ହେବନିଃ କଂଗ୍ରେସ ଓ ବିଜେଡି

ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ)ଃ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ତିଆରି ହେବ ଓଡ଼ିଶା ଜନତା କଂଗ୍ରେସ। କଂଗ୍ରେସ ଭୋଟ ବିଭାଜନ ଲକ୍ଷ୍ୟରେ ଗଠନ ହେବାକୁ ଥିବା ଏହି ନୂଆ ଆଞ୍ଚଳିକ ଦଳ ମାର୍ଚ୍ଚରେ ଆତ୍ମପ୍ରକାଶ କରିବ ବୋଲି ଚର୍ଚ୍ଚା ହେଉଛି। ଏହି ଦଳ ଓଡ଼ିଶା କେନ୍ଦ୍ରୀୟ ପାର୍ଟି ହେବ ବୋଲି ମୋକିମ ଦାବି କରୁଛନ୍ତି। ସେପଟେ ନୂଆ ଆଞ୍ଚଳିକ ଦଳ ଦ୍ୱାରା କଂଗ୍ରେସ ଭୋଟ କୌଣସି ଭାବେ ପ୍ରଭାବିତ ହେବ ନାହିଁ ବୋଲି ଦାବି କରିଛନ୍ତି ବରିଷ୍ଠ ନେତାମାନେ। କଂଗ୍ରେସ ନାଁରେ ମୋକିମ ଗଠନ କରିବାକୁ ଯାଉଛନ୍ତି ନୂଆ ଦଳ। ନୂଆ ଆଞ୍ଚଳିକ ନାଁ ଓଡ଼ିଶା ଜନତା କଂଗ୍ରେସ ରହିବ ବୋଲି ଆପାତତଃ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଏହି ନୂଆ ଦଳ ଜରିଆରେ ଅସନ୍ତୁଷ୍ଟ କଂଗ୍ରେସ ନେତାମାନେ ଏକାଠି ହେବେ ବୋଲି ଚର୍ଚ୍ଚା ହେଉଛି। ନୂଆ ଦଳ ଓଡ଼ିଶାକେନ୍ଦ୍ରିକ ପାର୍ଟି ହେବ ବୋଲି କହିଛନ୍ତି ମୋକିମ। ସେ କହିଛନ୍ତି ଯେ ନୂଆ ଦଳ ଗଠନ ନେଇ ବିଭିନ୍ନ ନେତାଙ୍କ ସହ ଆଲୋଚନା କରିଛି। ସମସ୍ତଙ୍କ ମତାମତ ନେଇ ଦଳ ଗଠନ କରାଯାଉଛି। ଏଥିସହିତ ଅନ୍ୟ ଦଳର ସମଭାବାପନ୍ନ ➮ପୃଷ୍ଠା-୬

# ଶୁଭେଚ୍ଛାରେ ସୀମିତ ବିଜେଡିର ଚାଷୀ ଦରଦ

## ଓଡ଼ିଶା ବନ୍ଦରୁ ଦୂରେଇ ରହିଲା

## ବଳ ଦେଲା କଂଗ୍ରେସ




ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ)ଃ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ସହ ସ୍ମାର୍ଟ ମିଟର ଭଳି ପ୍ରସଙ୍ଗରେ ନବ ନିର୍ମାଣ କୃଷକ ସଂଗଠନ ଆସନ୍ତାକାଲି (ବୁଧବାର) ଓଡିଶା ବନ୍ଦ ଡାକରା ଦେଇଥିବାବେଳେ ବିଜେଡି ଏକ ପ୍ରକାର ଏଥିରୁ ନିଜକୁ ଦୂରେଇ ରଖିଛି। ବନ୍ଦ ପ୍ରତି ଶୁଭେଚ୍ଛା ଜଣାଇ ବିଜେଡି ତାହାର କାମ ସାରିଦେଇଥିବାବେଳେ କଂଗ୍ରେସ କିନ୍ତୁ ଏହାକୁ ସମର୍ଥନ କରି ବଳ ଦେଇଛି। କିଛିଦିନ ହେଲା ରାଜ୍ୟର ମୁଖ୍ୟ ବିରୋଧିଦଳ ଭାବେ ବିଜେଡି ଚାଷୀଙ୍କ ପ୍ରସଙ୍ଗ ଉଠାଇବାରେ ଲାଗିଛି। ବିଧାନସଭା ଭିତରେ ଓ ବାହାରେ ଗର୍ଜନ କରୁଛି। ଧାନ ବିକ୍ରି ପ୍ରସଙ୍ଗକୁ ନେଇ ବାରମ୍ବାର ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଘେରିବାରେ ଲାଗିଛି। ହେଲେ ଯେତେବେଳେ ସମାନ ପ୍ରସଙ୍ଗରେ ଏକାଧିକ ସଂଗଠନ ଓଡିଶା ବନ୍ଦ ଡାକରା ଦେଇ ରାସ୍ତାକୁ ଓହ୍ଲାଉଛନ୍ତି ସେତେବେଳେ କିନ୍ତୁ ବିଜେଡି ଶୁଭେଚ୍ଛା ଜଣାଇ ନିଜର ଦାୟିତ୍ୱ ସାରି ଦେଇଛି। ଅବଶ୍ୟ ବିଜେଡି ସଫେଇ ଦେଇଛି ଫେବୃଆରୀରେ ଏହି ପ୍ରସଙ୍ଗରେ ଆନ୍ଦୋଳନ ଡାକରା ଦେଇଛି। ହେଲେ ବନ୍ଦକୁ ଯଦି ସମର୍ଥନ କରିଥାନ୍ତା ତେବେ ଅସୁବିଧା କେଉଁଠି ବୋଲି ଦଳୀୟ କର୍ମୀମାନେ ପ୍ରଶ୍ନ କରୁଛନ୍ତି।

ଅନ୍ୟ ପକ୍ଷରେ ସରକାର ବିରୁଦ୍ଧରେ ନବ ନିର୍ମାଣ ଦେଇଥିବା ଯୁଦ୍ଧଂ ଦେହି ଡାକରାକୁ ଖୋଲା ସମର୍ଥନ କରିଛି କଂଗ୍ରେସ। କଂଗ୍ରେସ ମଧ ଲଗାତାର ଭାବେ ଚାଷୀ ଓ ବିଦ୍ୟୁତ୍ ମିଟର ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାରେ ଲାଗିଛି। ଯେତେବେଳେ ନବ ନିର୍ମାଣ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାପାଇଁ ଘୋଷଣା କଲା କଂଗ୍ରେସ କାଳ ବିଳମ୍ବ ନକରି ତାହାକୁ ସମର୍ଥନ କରିଛି। ଏବେ ବନ୍ଦରେ କଂଗ୍ରେସ କିଭଳି ଅଂଶ ଗ୍ରହଣ କରିବ ଓ କେତେ ରାଜନୈତିକ ➮ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ଯୁବପିଢି ଆଗକୁ ଆସି ଦେଶକୁ ଗଢି ତୋଳିବାକୁ ଆହ୍ୱାନ



**କେନ୍ଦ୍ରାପଡ଼ା,୨୭।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ଖେଳ ପଡିଆରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ କହିବା ସହିତ ଯୁବପିଢି ଆଗକୁ ଆସି ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବାକୁ ଆହ୍ୱାନ କରିଥିଲେ। ଏହାଛଡ଼ା ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ତୁଳସୀ କ୍ଷେତ୍ରର ମହତ୍ତ୍ୱ, ଭିତର କନିକା ଜାତୀୟ ଉଦ୍ୟାନ, ହୁକିଟୋଲା, ପେଣ୍ଠ ସମୁଦ୍ର ବେଳାଭୂମି ସହିତ ଜିଲ୍ଲାର ହସ୍ତତନ୍ତ କଥା ଉପସ୍ଥାପନ କରିଥିଲେ । ଜିଲ୍ଲାସ୍ତରୀୟ ପ୍ୟାରେଡରେ ମୋଟ ୩୧ଟି ଦଳ ଅଂଶ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ୭୭ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୁହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ବିଭିନ୍ନ କ୍ରୀଡା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁନ୍ଦର ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପ୍ରଥମ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱିତୀୟ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ତୃତୀୟ ସ୍ଥାନ ଅଧିକାରୀ କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ପଟ୍ଟାମୁଣ୍ଡାଇରେ ୭୭ତମ ଜନରାଜ୍ୟ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୨୭।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ୭୭ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜାତୀୟ ଦିବସ ପାଳନ କମିଟି ଅଧ୍ୟକ୍ଷ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରହିତ୍ୟରେ ସ୍ଥାନୀୟ ପ୍ୟାରେଡ ପଡିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ପଟ୍ଟାମୁଣ୍ଡାଇର ସାର୍ବିକ ବିକାଶ ଓ ସବଡିଭିଜନ ପାଇଁ ସଂଗ୍ରାମ ଜାରି ରହିଛି ବୋଲି ବୋଲି ପ୍ରକାଶ କରି ମହାନ ସ୍ୱାଧୀନତା ସଂଗ୍ରାମୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଇ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟକ ପୁରସ୍କାର ବିତରଣ କରିଥିଲେ।

## ରାଜନଗରରେ ସାଧାରଣତନ୍ତ୍ର ଦିବସ ପାଳିତ

**ରାଜନଗର,୨୭।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ୭୭ତମ ପବିତ୍ର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଜୟଦୁର୍ଗା ବଣିକ ସଙ୍ଘ ପକ୍ଷରୁ ରାମଧୂନ୍ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲା । ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡ଼ିଓ ଦିଲୋତ୍ତମା ପୃଷ୍ଟି, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ସୈନିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତହସିଲରେ ତହସିଲଦାର ଯୀଶୁକୃଷ୍ଣ ଦାସ, ଥାନାରେ ଆଇଆଇସି ନରେଶ କୁମାର ସାହୁ, ତାଳଚୁଆ ମେରାଇନ ଥାନାରେ ଆଇଆଇସି ସନ୍ଧ୍ୟା ରାଣୀ ଜେନା ପତାକା ଉତ୍ତୋଳନ କରିଥିଲେ । ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ରାଉତ ପତାକା ଉତ୍ତୋଳନ କରିଥିଲେ । ସେହିପରି କଂଗ୍ରେସ ବିଧାୟକ ଦଳର ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ତାରାଦେଇପୁର ଠାରେ ପତାକା ଉତ୍ତୋଳନ କରିଥିଲେ । ବିଜେପି କାର୍ଯ୍ୟାଳୟରେ ଦଳର ନେତା ଲଳିତ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ । ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ଦଳୀୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ । ସେହିପରି ତ୍ରିନାଥ ବଜାର ଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା,ବଣିକ ସଂଘରେ ସଭାପତି ବାଉଧର ସେଠୀ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଡା ରଶ୍ମିରଞ୍ଜନ ମହାନ୍ତି, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ରାଜନଗର ସେବା ସମବାୟ ସମିତିରେ ସଭାପତି ଜୟୀବାମନ ଭୂୟାଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ରାଜନଗର ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ସଂଗୀତ ମିଶ୍ର, ବନବିଭାଗ କାର୍ଯ୍ୟାଳୟରେ ଡିଏଫଓ ଭରତରାଜ ଗାଓଁଙ୍କର ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ।

## ଆଳିରେ ସାଧାରଣତନ୍ତ୍ର ଦିବସ ପାଳିତ

**ଆଳି,୨୭।୧(ସଂଚାର ବ୍ୟୁରୋ):** ଆଳିରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଆରମ୍ଭ କରି ସରକାରୀ ଅଫିସରେ ପାଳନ କରାଯାଇଛି। ବ୍ଲକ, ତହସିଲ,ଥାନା, ମେଡିକାଲ,କୃଷି ଆଦି ସରକାରୀ କାର୍ଯ୍ୟାଳୟ ରେ ସାଧାରଣତନ୍ତ୍ର ଦିବସ ପାଳିତ ହେଉଥିବା ବେଳେ, ପଂଚାୟତ ସମିତି ଅଧ୍ୟକ୍ଷ ଅନୁପମା ସାମଲ ବ୍ଲକ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ, ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠି ଙ୍କ ସମେତ ଅଧିକାରୀ କର୍ମଚାରୀ ସ୍କୁଲ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଅନୁରୂପ ଭାବେ ଆଳିରେ ଥିବା ଜାଜିଆର ଇଶ୍ୱର ନ୍ୟାସନାଲ ସ୍କୁଲ ପରିସରରେ ଚେୟାରମ୍ୟାନ କୃଷ୍ଣ ଚନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ତାଙ୍କ ସହ ଥିଲେ ଅବସରପ୍ରାପ୍ତ ଶିକ୍ଷାବିତ ଅଶୋକ କୁମାର ମିଶ୍ର, ବୈଦ୍ୟନାଥ ମହାନ୍ତିଅନ୍ୟପଟେ ଅପରେସନ ସିନ୍ଦୁର ର ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାରତ ପ୍ରିନ୍ସିପାଲ ଅକ୍ଷୟ ପଣ୍ଡା ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଗଣତନ୍ତ୍ର ର ମହାନ ପର୍ବ କୁ ମହା ଆଡ଼ମ୍ବରରେ ପାଳନ କରିଥିଲେ।

## ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ

**ସାଲେପୁର,୨୭।୧(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟରେ ୭୭ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସାଲେପୁର ସଦର ମହକୁମା ସ୍ତରୀୟ ଗଣତନ୍ତ୍ର ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିବାବେଳେ ଏଥିରେ ସାଲେପୁର ଅଞ୍ଚଳର ସମସ୍ତ ସରକାରୀ ବେସରକାରୀ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ଉପଜିଲ୍ଲାପାଳ ରାମଚନ୍ଦ୍ର ଭୋଇ, ତହସିଲଦାର ଜୟନ୍ତ କୁମାର ଜୟସିଂହ, ବିଡ଼ିଓ ଲୋପାମୁଦ୍ରା ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସେହିପରି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଲେପୁର ଆଦର୍ଶ ବିଦ୍ୟାଳୟ, ସାଲେପୁର ଆଦର୍ଶ ଥାନାରେ ଆଇ.ଆଇ.ସି. ମହେଶ୍ୱର ବେହେରା, ସାଲେପୁର କୋର୍ଟରେ ଅତିରିକ୍ତ ଜିଲ୍ଲା ଜଜ୍ ଚୌଧୁରୀ ସରୋଜ କୁମାର ଦାସ, ସାଲେପୁର ବାର ଆସୋସିଏସନ ସଭାପତି ବିକ୍ରମ କେଶରୀ ବଳ, ନବ ପ୍ରଭାତ ଆଇ.ଟି.ଆଇ.ରେ ପ୍ରତିଷ୍ଠାତା ମାନଗୋବିନ୍ଦ ପଣ୍ଡା, ଏସ୍.ଡି.ପି. କାର୍ଯ୍ୟାଳୟରେ ବିରଞ୍ଚିନାରାୟଣ ପତି, ସାବିତ୍ରୀ ଦେବୀ କଲେଜରେ ପ୍ରତିଷ୍ଠାତା ରମାକାନ୍ତ ଓଝା, ଫାର୍ମାସୀ କଲେଜରେ ସମ୍ପାଦକ ରବୀନ୍ଦ୍ର କୁମାର କର, ଅଟଳ ସେନା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଦିବାକର ପ୍ରଧାନ, ଉଲଚରଣେଶ୍ୱର ଅଙ୍ଗନୱାଡି କେନ୍ଦ୍ରରେ କୁନିଲତା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସେହିପରି ସାଲେପୁର ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସାଲେପୁର ପବ୍ଲିକ ସ୍କୁଲ, ପ୍ରିଜମ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅନୁଷ୍ଠାନମାନଙ୍କରେ ୭୭ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

# ବାଲ୍ୟବିବାହମୁକ୍ତ ଭାରତ ପାଇଁ ସାଇକେଲ୍ ଶୋଭାଯାତ୍ରା




**କେନ୍ଦ୍ରାପଡା,୨୭।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ ବିବାହ ମୁକ୍ତ ସଚେତନତା ଓ ସାଇକେଲ୍ ରାଲି ଆୟୋଜନ କରାଯାଇଥିଲା । ଶହେଦିନ ସଚେତନତା ଉପଲକ୍ଷେ ପବିତ୍ର ସାଧାରଣତନ୍ତ୍ର ଦିବସରେ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଏହି ଶୋଭାଯାତ୍ରାକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟାର୍ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ । ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ବାଲ୍ ବିବାହ ମୁକ୍ତ ପାଇଁ ସ୍ଲୋଗାନ୍ ଦେଇ ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରାଟି କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ବାଲ୍ ବିବାହ ମୁକ୍ତ ଭାରତ ପାଇଁ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ ।

## ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**ରାଜନଗର,୨୭।୧(ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନାରେ ନୂତନ ଭାରପ୍ରାପ୍ତ ଥାନା ଅଧିକାରୀଣି ଭାବେ ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା ଯୋଗଦେଇଛନ୍ତି। ନୂତନ ଆଇଆଇସିଙ୍କୁ ବିଜୁ ଜନତା ଦଳର ଡାଙ୍ଗମାଳ ପଞ୍ଚାୟତର ନେତୃବୃନ୍ଦ ସ୍ୱାଗତ ଜଣାଇବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଡାଙ୍ଗମାଳ ପଞ୍ଚାୟତର ସମିତି ସଭ୍ୟ ଶ୍ରୀଚରଣ ଦାସ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ନାୟବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁବ ନେତା ପ୍ରଭାତ କୁମାର ବେହେରା, ରବିନ୍ଦ୍ର ସିଂହ, ଛାତ୍ର ନେତା ସୁଶାନ୍ତ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା କେମିତି ସଠିକ୍ ସଞ୍ଚାଳନ ହେବ ସେ ପ୍ରତି ଆଲୋଚନ କରିଥିଲେ।

# ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି



**ମାର୍ଶାଘାଇ,୨୭।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ମୋଟ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୫୦ ଟି ବ୍ୟକ୍ତିଗତ ଅଭିଯୋଗ ଓ ୮ ଟି ସାମୂହିକ ଅଭିଯୋଗ ରହିଥିଲା ।

କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ, ଉପ ଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି,ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ,ଜିଲ୍ଲା ଆର୍ଥିକ ସେବା ଏବଂ ସଞ୍ଚୟ ଅଧିକାରୀ ଅମ୍ବରୀଶ ସାମଲ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା, ବିଡ଼ିଓ ପଞ୍ଚାନନ ମଳିକ,ତହସିଲଦାର ଶ୍ରୀକାନ୍ତ ପରିଡାଙ୍କ ସହ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଲାଇନ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ ।

# ବ୍ୟାଙ୍କ୍ ସମ୍ମୁଖରେ କର୍ମଚାରୀଙ୍କ ଧର୍ମଘଟ




**ସାଲେପୁର,୨୭।୧(ସଂଚାର ବ୍ୟୁରୋ):** ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ସମ୍ମୁଖରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ୍ ପକ୍ଷରୁ ମିଳିତ ଧର୍ମଘଟ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଲେପୁରର ଥିବା ସମସ୍ତ ବ୍ୟବସାୟୀକ ବ୍ୟାଙ୍କ୍ ଓ ଘରୋଇ ବ୍ୟାଙ୍କ୍ ଶାଖାର କର୍ମଚାରୀମାନେ ଏହି ଧାରଣାରେ ଯୋଗଦେଇ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଏଥି ସହିତ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ଠାରେ ଥିବା ସମସ୍ତ ବ୍ୟାଙ୍କ୍‌ର କର୍ମଚାରୀମାନେ ମିଳିତ ଭାବରେ ଧର୍ମଘଟକୁ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ସପ୍ତାହରେ ୭ଦିନ ମଧ୍ୟରୁ ଶନିବାର ଓ ରବିବାରକୁ ସର୍ବସାଧାରଣ ଛୁଟି ହିସାବରେ ଗ୍ରହଣ କରାଯାଉ, ୨୦୧୫ମସିହାରେ ସରକାର ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ଛୁଟି ହିସାବରେ ଗ୍ରହଣ କରିଥିବାବେଳେ ଦୀର୍ଘ ୧୧ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାକୁ ଲାଗୁ କରୁନାହାଁନ୍ତି। ସେହିପରି ଏହି ଧର୍ମଘଟକୁ ଜପକୁଦ ଶାଖାର ଅଧିକାରୀ ପ୍ରଦ୍ୟୁମ୍ନ କୁମାର ପରିଡ଼ା ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ହଳଧର ମଲ୍ଲିକ, ଶ୍ରୀକାନ୍ତ କୁମାର ସାହୁ, ଅଶୋକ କୁମାର ସେନାପତି, ଜ୍ୟୋତିଷ କୁମାର ସ୍ୱାଇଁ, ଧନେଶ୍ୱର ରାଉତ, ସରସ୍ୱତୀ ବିଶ୍ୱାଳ, ଅବସରପ୍ରାପ୍ତ ଅଧିକାରୀ ତପନ କୁମାର ଭୂୟାଁ, ରଞ୍ଜନ କୁମାର ରାଉତରାୟଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇ ସମର୍ଥନ ଜଣାଇଥିଲେ। କର୍ମଚାରୀମାନଙ୍କ ଧାରଣା ଓ ଧର୍ମଘଟ ଯୋଗୁଁ ସାଲେପୁର ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ୍ ଶାଖାରେ ଅଚଳ ଅବସ୍ଥା ଦେଖିବାକୁ ମିଳିଥିଲା।

## ଅର୍ବାନ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**କେନ୍ଦ୍ରାପଡା,୨୭।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ କଜଳାସ୍ଥିତ ମୁଖ୍ୟ ଶାଖା ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ମହାନ୍ତି କହିଥିଲେ ଯେ ଯେଉଁ ବରପୁତ୍ରମାନେ ଆମଦେଶକୁ ଏକ ସାଧାରଣତନ୍ତ୍ର ଦେଶ ଭାବେ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଆମେ ଆଜି ସେହିମାନଙ୍କୁ ସ୍ମରଣ କରିବା ଉଚିତ । ଏଥିସହିତ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟ, ସାଧୁତା ଓ ଦକ୍ଷତା ଯେଭଳି ଥିଲା ଆମେ ଆଜି ଏହି ଶୁଭ ଅବସରରେ ତାକୁ ମନେ ପକାଇ ନିଜ ନିଜର କର୍ତ୍ତବ୍ୟ କର୍ମକୁ ଆଗେଇ ନେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ସମେତ ସମସ୍ତ କର୍ମଚରୀମାନେ ଉପସ୍ଥିତ ଥିଲେ ।

## ଗହୀରମଥାରୁ ଟ୍ରଲର ଜବତ, ୯ ଜଣ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୨୭।୧(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ ଦୟାମୟୀ ମନସା ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ମାନେ ଟ୍ରଲରଟିକୁ ଜବତ କରିଥିଲେ । ସେଥିରୁ ୧ ଟି ଜିପିଏସ, ୧ଟି ଭିଏଚଏଫ, ୧୪ ଟି ଟ୍ରଲିଂ ନେଟ ଓ ୯କୁଇଣ୍ଟାଲ ୭୫ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି । ଗିରଫ ମତ୍ସ୍ୟଜିବୀମାନେ ହେଲେ ଲମ୍ବୋଦର ସାହୁ, ଶ୍ରୀଧର ମଳିକ,ହରେକୃଷ୍ଣ ମଳିକ, ଦିଗାମ୍ବର ମଳିକ,ପ୍ରଦୀପ ମଳିକ, ଦିଲ୍ଲୀପ କୁମାର ଭୂୟାଁ,ନିତାଇ ସାହୁ, କାଳୁ ସିଂ ଓ ବଳରାମ ସେଠି ପ୍ରମୁଖ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛନ୍ତି ।

## କ୍ରିକେଟ ଖେଳକୁ ନେଇ ଉତ୍ତେଜନା



**ମହାକାଳପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ନନ୍ତାର ଚାନ୍ଦିନୀ ଖେଳପଡିଆରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଆଜି ତାହାର ଉଦଘାଟନି ମ୍ୟାଚ୍ ଥିବା ବେଳେ ସେହି ଗ୍ରାମର ୧୩ ଜଣ ବ୍ୟକ୍ତି ଖେଳ କରାଇ ନଦେବା ପାଇଁ ଆୟୋଜକ ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶାବଳ ବାଉଁଶ ଉଠାଇଥିବା କହିଛନ୍ତି। ତାଙ୍କ କଥା ନ ଶୁଣି ଯଦି ଖେଳ କରନ୍ତି ତେବେ ମାରିଦେବାକୁ ଧମକ ଦେଇଥିବା ଆୟୋଜକଙ୍କ ପକ୍ଷରୁ ଚିତ୍ତରଞ୍ଜନ ମଲ୍ଲିକ ମହାକାଳପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ ଏତଲା ଆଧାରରେ ତଦନ୍ତ ଚଳାଇଥିବା ଜଣା ପଡ଼ିଛି।

## ଟ୍ରକ ଚଢ଼ିଯିବାରୁ ସାଇକେଲ ଆରୋହୀ ମୃତ

**ପାରାଦୀପ, ୨୭।୧ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ଲକ୍ ଥାନା କୋଲଡିଆ ଛକରେ ଦୁର୍ଘଟଣା। ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ରକ୍। ଘଟଣାସ୍ଥଳରେ ସାଇକେଲ ଆରୋହୀ ମଳୟ ମାଝୀ ମୃତ। ମୃତକ ମଳୟ ହେଲେ ଲକଥାନା ଅଧିନ ବିଶ୍ୱାଳି ଗ୍ରାମର ବୟସ ୪୫ବୋଲି ଜଣାପଡିଛି। ପାରାଦ୍‌ୱୀପ ଆଇଓସିଏଲ୍ ଅଧିନ ଏକ ଠିକା ସଂସ୍ଥା ରେ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଘଟିଛି ଘଟଣା। ଖବର ପାଇ ଘଟଣାସ୍ଥଳରେ ଲକ୍ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉତ୍ୟକ୍ତ ଲୋକଙ୍କ ପାରାଦ୍‌ୱୀପ-ଚଣ୍ଡିଖୋଲ ରାସ୍ତା ଅବରୋଧ କରିଥିବା ବେଳେ ଟ୍ରକ୍ ଛାଡି ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି।

# ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା



**ସାଲେପୁର,୨୭।୧(ସଂଚାର ବ୍ୟୁରୋ):** ଗଣତନ୍ତ୍ର ଦିବସ ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସାଲେପୁର ସାମ୍ବାଦିକ ଭବନ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ନୂତନ ଭାବେ ସାଲେପୁର ଆଦର୍ଶ ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଥାନା ଅଧିକାରୀ ମହେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ, ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, ସହ ସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର କୁମାର ଶତପଥି, ବରିଷ୍ଠ ସାମ୍ବାଦିକ ଅରବିନ୍ଦ ପଣ୍ଡା, ଅକ୍ଷୟ କୁମାର ଦାଶ, ହେମନ୍ତ କୁମାର ଭୂୟାଁ, ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, ପ୍ରତାପ ଚନ୍ଦ୍ର ଭୂୟାଁ, ନାରାୟଣ ଭୂୟାଁ, ପ୍ରଦୀପ୍ତ କର, ବିଭୁତିଭୂଷଣ କର, ପ୍ରତ୍ୟୁଷ ମହାନ୍ତି, ମହେଶ୍ୱର ବେହେରା, ସମ୍ବିତ ଦାସ, ତାରାକାନ୍ତ ନାୟକ, ଯୋଗେଶ୍ୱର ବିଶ୍ୱାଳ, ରଞ୍ଜନ ନାୟକ, କେଦାର ନାୟକ, ହେମନ୍ତ ନନ୍ଦ, ପ୍ରିୟଦର୍ଶିନୀ ପ୍ରଧାନ, ସୁଜିତ୍ କୁମାର ଭୂୟାଁ, ରଘୁନାଥ ପାତ୍ର, ଅନନ୍ତ ଚରଣ ଦାଶ, ପ୍ରବୀର କୁମାର ଦାସ, ଲକ୍ଷ୍ମଣ ଦାସ, ସତ୍ୟଶିବ ସୁନ୍ଦର କର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ଯୁବନେତା ଉପେନ୍ଦ୍ର ନାରାୟଣ ଦାଶ, ଚନ୍ଦ୍ରଧ୍ୱଜ କର ପ୍ରମୁଖ ଯୋଗଦେଇ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ସାମୂହିକ ଗାନ

ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍' - ବିଧାୟକ



**ନିଶ୍ଚିନ୍ତକୋଇଲି,୨୭।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ସାମୂହିକ ଗାନ କାର୍ଯ୍ୟକ୍ରମ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁଚରଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି ଦେଶକୁ ସ୍ୱାଧୀନତା ଆଣିଥିବା ଯେଉଁ ବୀର ମନିଷୀମାନେ ନିଜ ଜୀବନକୁ ବଳିଦାନ ଦେଇଛନ୍ତି ଏବଂ ଦେଶକୁ ସ୍ୱାଧୀନ କରିବା ପାଇଁ କାରାବରଣ କରିଛନ୍ତି ସେହି ସ୍ମୃତି ଉଦ୍ଦେଶ୍ୟରେ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଲେଖିଛନ୍ତି ଯାହାକୁ ୧୫୦ତମ ବାର୍ଷିକୀ ଉତ୍ସବ ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଳନ କରିବାକୁ ଏକ ଉଚ୍ଚକୋଟିର ପ୍ରୟାସ କରିଛନ୍ତି ବୋଲି ମତବ୍ୟକ୍ତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ କୁମାର ଦାସ, ବ୍ଲକ ଶିକ୍ଷାଅଧିକାରୀଣୀ ସଂଯୁକ୍ତା ମହାପାତ୍ର, ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡ଼ଃ ତରୁଲତା ଦେବୀ, ଏବିଇଓ ସେକ୍ ଜାକିର ହୁସେନ୍, ସୁଶୀଲ ଚକ୍ରବର୍ତ୍ତୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ବିଧାୟକ ଶ୍ରୀ ପ୍ରଧାନ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାବିତ୍ରୀ ଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବ

**ସାଲେପୁର,୨୭।୧(ସଂଚାର ବ୍ୟୁରୋ):** ସାବିତ୍ରୀ ଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବ କଲେଜ ପରିସରରେ ଅଧକ୍ଷ ଦେବେନ୍ଦ୍ର ନାଥ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଅଧାପକମାନଙ୍କର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

ରାଜ୍ୟସ୍ତରୀୟ ରଙ୍ଗାଳ ମାନସ ମେମୋରିଆଲ କ୍ରିକେଟ

## କଟକ ସୋଲାର କ୍ଲବ ଚମ୍ପିୟାନ




**ମାର୍ଶାଘାଇ,୨୭।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ରଙ୍ଗାଳ ଖେଳ ପଡ଼ିଆରେ ଅନୁଷ୍ଠିତ ୩୮ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ା ର ବାଲାବାବା ଟିମ କୁ ହରାଇ କଟକ ସୋଲାର କ୍ଲବ ଚମ୍ପିୟାନ ହୋଇଛି । କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି କୋଡିଏ ଓଭରରେ ୧୯୩/୭ ରନ ସଂଗ୍ରହ କରିଥିଲା । ଜବାବରେ ବ୍ୟାଟ୍ସ ମ୍ୟାନ ହର୍ସଲ ଙ୍କ ଅପରାଜିତ ଶତକ ବଳରେ କଟକ ସୋଲାର କ୍ଲବ ବିଜୟୀ ହୋଇଥିଲା । ପାଟକୁରା ନିର୍ବାଚନମଣ୍ଡଳୀ ବିଜେପି ନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ଆୟୋଜକ ସାରଳା ସ୍ପୋର୍ଟ୍ସ କ୍ଲବର ସମ୍ପାଦକ ଭରତ ଚନ୍ଦ୍ର ଲେଙ୍କା, ସୁମନ ସ୍ୱାଇଁ, ଅଭିକ ସୁନ୍ଦର ଓଝା,ସମୀର ପରିଡା, ବିଶ୍‌ବପ୍ରକାଶ ପରିଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ବରକନ୍ଧା ପ୍ରିମିୟର ଲିଗ୍ ଉଦ୍‌ଯାପିତ




**ମହାକାଳପଡ଼ା,୨୭।୧(ସଂଚାର ବ୍ୟୁରୋ):** ବରକନ୍ଧା ପ୍ରିମିୟର ଲିଗ ର ପଞ୍ଚମ ସଂସ୍କରଣ ସୋମବାର ଉଦଯାପିତ ହୋଇଯାଇଛି | ଏହି ଉଦଯାପନ ଦିବସ ରେ ମୁଖ୍ୟ ଅତିଥି ଭାବେ ଗୋଗୁଆ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଡ଼ଃ ପ୍ରତାପ ଚନ୍ଦ୍ର ଦାସ(ହାଲୁ) ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମଙ୍ଗଳପୁର ଗ୍ରାମପଞ୍ଚାୟତ ର ସମିତି ସଭ୍ୟ ରଞ୍ଜନ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ହରିଶ ଚନ୍ଦ୍ର ଲେଙ୍କା, ରଶ୍ମିରଂଜନ ସ୍ୱାଇଁ, ମଞ୍ଜୁଲତା ସାମନ୍ତରାୟ, ସୁକାନ୍ତ ଖଟୁଆ ପ୍ରମୁଖ ଯୋଗଦାନ କରି ଥିଲେ। ଉଦଯାପନି ମ୍ୟାଚ୍ ଦୀପକ୍ ଟାଇଟନ୍ସ ଓ ସାଗର ଇଣ୍ଡିଆନ୍ସ ଦୁଇ ଦଳଙ୍କ ମଧ୍ୟରେ ଖେଳାଯାଇଥିଲା। ସାଗର ଇଣ୍ଡିଆନ୍ସ ଷୋହଳ ଓଭର ରେ ୮ ୱିକେଟ ହରାଇ ୧୬୦ ରନ୍ କରିଥିବା ବେଳେ ଦୀପକ ଟାଇଟନ୍ସ ଏଗାର ଓଭରରେ ୩ ୱିକେଟ ବିନିମୟରେ ୧୬୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ନଗଦ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ବିପକ୍ଷ ଦଳକୁ ଟ୍ରଫି ସହ ନଗଦ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଙ୍କୁ ଗୋଟିଏ ବାଇସାଇକଲ୍ ଏବଂ ଫାଇନାଲ ମ୍ୟାଚ ର ଶ୍ରେଷ୍ଠ ଖେଳାଳୀ ଙ୍କୁ ୨୬ ଇଞ୍ଚ ର ଗୋଟିଏ ଏଲଇଡି ଟିଭି ପ୍ରଦାନ କରାଯାଇଥିଲା ପ୍ରିମିୟର ଲିଗ୍ କୁ ବିବେକ ବସନ୍ତିଆ, ପ୍ରୀତିରଞ୍ଜନ ରାଉତ, ତାପସ ରାଉତ, ମାନସ ରାଉତ, ପ୍ରକାଶ ରାଉତ, ସୁଦାମ ରାଉତ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ ସମାପନ କରିଥିଲେ।

## ଆଜି ଓଡ଼ିଶା ବନ୍ଦ, କଂଗ୍ରେସ ଦେଲା ସମର୍ଥନ





**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିବା ନେଇ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ବ୍ୟାପୀ ଧାନକିଣାରେ ଅବ୍ୟବସ୍ଥା, ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ବିଜୁଳି ଟାରିଫକୁ ନେଇ ରାଜ୍ୟରେ ସରକାର, ଓଇଆରସି ଓ ଟାଟା ପାୱାରର ମନମାନୀ ଓ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଉଚ୍ଛେଦ ବିରୋଧରେ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ ହୋଇଆସୁଛି। କଂଗ୍ରେସ ପକ୍ଷରୁ ମଧ ବିଭିନ୍ନ ସମୟରେ ଉପରୋକ୍ତ ପ୍ରସଙ୍ଗରେ ଆନ୍ଦୋଳନ ହୋଇଆସିଥିବାରୁ ଆସନ୍ତାକାଲି ଦଳ ନବ ନିର୍ମାଣ କୃଷକ ସଂଗଠନକୁ ସମର୍ଥନ ଘୋଷଣା କରିଛି । ରାଜ୍ୟର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉକ୍ତ ବନ୍ଦ ପାଳନକୁ ସମର୍ଥନ ଜଣାଇବା ପାଇଁ ପିସିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ପିସିସି ଗଣମାଧମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବଢ଼ିଲା ଅଙ୍ଗନବାଡ଼ି ପିଲାଙ୍କ ପୋଷାକ ଦର



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସରକାର ଅଙ୍ଗନୱାଡ଼ି ପିଲାଙ୍କ ପାଇଁ ଏକ ଖୁସି ଖବର ଦେଇଛନ୍ତି। ଏହି ପିଲାମାନଙ୍କ ପୋଷାକ ପାଇଁ ଦରକୁ ବୃଦ୍ଧି କରିଛନ୍ତି ସରକାର। ଏହି ଘୋଷଣା ଅନୁସାରେ, ବାଳକଙ୍କ ପୋଷାକ ମୂଲ୍ୟ ପୂର୍ବରୁ ୧୦୦ ଟଙ୍କା ଥିବା ବେଳେ ଏବେ ଏହା ୧୭୫ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ବାଳିକାଙ୍କ ପୋଷାକର ସରକାରୀ ଦର ୧୫୦ରୁ ବୃଦ୍ଧି ପାଇ ୨୫୦ ଟଙ୍କାରେ ପହଞ୍ଚିଛି। ଏହାଛଡ଼ା ଜୋତା ପାଇଁ ଖର୍ଚ୍ଚ ହେଉଥିବା ୧୦୦ ଟଙ୍କା ପରିବର୍ତ୍ତେ ଏବେ ୧୫୦ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

## ମାନବିକତା ଦେଖାଇଲେ ପରିବହନ ମନ୍ତ୍ରୀ



**ଗୋପାଳପୁର,୨୭।୧(ସଂଚାର ବ୍ୟୁରୋ):** ମାନବିକତା ଦେଖାଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା। ଏକ ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀଙ୍କୁ ରାସ୍ତାରୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇଛନ୍ତି। ମିଳିଥିବା ସୂଚନାନୁସାରେ, ଗୋପାଳପୁର ନିକଟସ୍ଥ ଅଙ୍କୁଲି ବାଇପାସ୍ ରାସ୍ତାରେ ମନ୍ତ୍ରୀ ଶ୍ରୀ ଜେନା ଆଜି ଯାଉଥିବା ସମୟରେ ଅଚାନକ ଅଙ୍କୁଲି ବାଇପାସ୍ ରାସ୍ତାରେ ଜଣେ ବାଇକ ଚାଳକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ତେବେ ମନ୍ତ୍ରୀ ଶ୍ରୀ ଜେନା କାଳ ବିଳମ୍ବ ନ କରି ତାଙ୍କୁ ନିଜ ପୁଲିସ୍ ଏସ୍କର୍ଟ ଗାଡ଼ିରେ ଏମକେସିଜି ମେଡିକାଲରେ ପହଞ୍ଚାଇଥିଲେ। ଏଥିସହ ମନ୍ତ୍ରୀ ମେଡିକାଲରେ ତୁରନ୍ତ ଉକ୍ତ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମଧ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏପର ଦରଦୀପଣିଆକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ୭୭ତମ ସାଧାରଣତନ୍ତ୍ର ଦିବସ: କଟକରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ

# ଦେଶର ସମ୍ବିଧାନ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶକ

**କଟକ,୨୭।୧(ସଂଚାର ବ୍ୟୁରୋ):** ୭୭ତମ ସାଧାରଣତନ୍ତ୍ର ଦିବସ ଗତକାଲି ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଦେଶର ସ୍ୱାଧୀନତା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ରାଜ୍ୟର ଅନେକ ବରପୁତ୍ର ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସ୍ୱାଧୀନତା ପରେ ଦେଶ ଦୁଇଟି ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଥିବା ବେଳେ ବିଦ୍ୱାନ ଓ ବିଶେଷଜ୍ଞମାନେ ଦେଶକୁ ସଶକ୍ତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏକ ମନ ଏକ ପ୍ରାଣରେ ଏକ ଲିଖିତ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଡକ୍ଟର ବିଆର୍ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ସଭାରେ ଦୀର୍ଘ ଦୁଇ ବର୍ଷ ୧୧ ମାସ ୧୭ ଦିନର ଉଚ୍ଚକୋଟିର ବିତର୍କ, ଆଲୋଚନାର ଫଳସ୍ୱରୂପ ଦେଶକୁ ଏକ ନୂତନ ସମ୍ବିଧାନ ମିଳିଛି। ଏହା ବିଶ୍ୱର ସବୁଠାରୁ ଦୀର୍ଘଲିଖିତ ସମ୍ବିଧାନ ହୋଇଥିବା ବେଳେ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସେ ଆହୁରି କହିଛନ୍ତି ଯେ ସ୍ୱାଧୀନତା ପରଠାରୁ ୧୯୮୦ ପର୍ଯ୍ୟନ୍ତ ଦେଶର ଆର୍ଥିକ ଅଭିବୃଦ୍ଧି ହାର ଯଥେଷ୍ଟ କମ୍ ରହୁଥିଲା। କିନ୍ତୁ ୨୦୧୪ ପରେ ଏହି ମାନସିକତାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଏକ ନୂତନ ବିକାଶ ମାର୍ଗରେ ଚାଲିବା ଆରମ୍ଭ କରିଛି। ଭାରତର ଅର୍ଥନୀତି ବିଶ୍ୱର ଚତୁର୍ଥ ଅର୍ଥନୀତିରେ ପରିଣତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହା ତୃତୀୟ ସ୍ଥାନରେ ପହଞ୍ଚିବା ଆଶା କରାଯାଉଛି। 'ସୁଭଦ୍ରା' ମାଧମରେ ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଯାଇପାରିଛି। ଚାଷୀଙ୍କ ବିକାଶ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ସେମାନଙ୍କ ସହ ଛିଡ଼ା ହୋଇଆସିଛନ୍ତି। ଏହାଛଡ଼ା ଗତ ୧୯ ମାସ ମଧରେ ରାଜ୍ୟ ସରକାର ୭.୭ ଲକ୍ଷ କୋଟି ଟଙ୍କାର ୩୦୦ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି ସମୟ ମଧରେ ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କାର ୮୫ଟି ଶିଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୭୫ ହଜାର ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଆହୁରି ରାଜ୍ୟବାସୀଙ୍କୁ ଘର ପାଖରେ ସେବା ପହଞ୍ଚାଇବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛି। ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆଦିବାସୀ ପିଲାଙ୍କ ମଧରେ ଡ୍ରପ୍ ଆଉଟ୍ ହାର କମ୍ କରିବାରେ ସଫଳ ହେଉଛି।

## ଜମି ଜାଲିଆତି ମାମଲାରେ ଆସାମୀଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଆଜି ଜେଏମ୍ଏଫ୍‌ସି (୪ର୍ଥ) ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା ଗତ ୨୦୨୧ ନଭେମ୍ବରରେ ସ୍ଥାନୀୟ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଜମି ଜାଲିଆତି ମାମଲାର ବିଚାର କରି ଆସାମୀ ଗୟାଧର ଜେନାକୁ ୩ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାନୁସାରେ, ପୁରୀ ଜିଲ୍ଲା ରେବଣା ନୂଆଗାଁର ଅଭିଯୋଗକାରୀ ସୁଭାଜିତ ମହାରଣା ସରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜେନା ବିରୋଧରେ ପାଣ୍ଡରା ମୌଜାରେ ୨୦୦୦ ବର୍ଗଫୁଟର ଏକ ଆବାସିକ ପ୍ଲଟ୍ ବିକ୍ରି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ସରଳା ରିଅଲକନ୍‌ରେ ସାଢ଼େ ୮ ଲକ୍ଷ ଟଙ୍କା ଜମା କରିଥିଲେ। ଏନେଇ ଶ୍ରୀ ଜେନା ଅଭିଯୋଗକାରୀଙ୍କ ନାମରେ ଏକ ବିକ୍ରୟ ପତ୍ର କରିଥିଲେ ମଧ ପରେ ତାହା ଅନ୍ୟ ଜଣଙ୍କୁ ବିକ୍ରି ହୋଇଥିବା ଜଣାପଡ଼ିଥିଲା। ତେଣୁ ଶ୍ରୀ ମହାରଣା ତାଙ୍କ ଟଙ୍କା ଫେରସ୍ତ ଚାହିଁଥିଲେ। କିନ୍ତୁ ଶ୍ରୀ ଜେନା ମାତ୍ର ୧୦ ହଜାର ଦେଇ ଅବଶିଷ୍ଟ ଟଙ୍କା ଫେରାଇନଥିଲେ। ଫଳରେ ଶ୍ରୀ ମହାରଣା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

### ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସତ୍ୟନିଷ୍ଠା

## ପୁଲିସ୍‌କୁ ହସ୍ତାନ୍ତର କଲେ ରୋଗୀଙ୍କ ମୂଲ୍ୟବାନ ସାମଗ୍ରୀ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଗତକାଲି ରାତି ପ୍ରାୟ ୮ଟା ୪୫ ମିନିଟ ସମୟରେ ଦୁର୍ଘଟଣାରେ ଆହତ ହୋଇଥିବା ୬୧ ବର୍ଷୀୟ ଜେଭିଆର୍ ନାଗେଶ୍ୱର ରାଓଙ୍କୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପାର୍କ ନିକଟସ୍ଥ ଗୌତମ ସିନେମା ହଲ୍ ସାମ୍ନାରୁ ଉଦ୍ଧାର କରାଯାଇଥିଲା।

ତାଙ୍କୁ ୧୦୮ ଯୋଗେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚାଇ ଦିଆଯାଇଥିଲା। ତେବେ ଉକ୍ତ ରୋଗୀଙ୍କୁ ଆମ୍ବୁଲାନ୍ସରେ ନିଆଯିବା ସମୟରେ ତାଙ୍କ ନିକଟରୁ ମିଳିଥିବା ନଗଦ ଟଙ୍କା, ଗୋଟିଏ ମନି ପର୍ସ, ଗୋଟିଏ ସୁନା ଚେନ୍ ଓ ଦୁଇଟି ସୁନା ମୁଦି ମିଳିଥିଲା। ତେବେ ଆମ୍ବୁଲାନ୍ସ କର୍ମଚାରୀ ସତ୍ୟନିଷ୍ଠା ଓ ଦାୟିତ୍ୱବୋଧର ପରିଚୟ ସ୍ୱରୂପ ଏହି ସମସ୍ତ ମୂଲ୍ୟବାନ ସାମଗ୍ରୀକୁ ଏମ୍‌କେସିଜି ହସ୍ପିଟାଲ ଆଉଟ୍ ପୋଷ୍ଟରେ ପହଞ୍ଚାଇ ଦେଇଥିଲେ।

ଡ୍ୟୁଟିରେ ଥିବା କର୍ମଚାରୀଙ୍କ ମଧରେ ଇଏମଟି ଅମିତ କୁମାର ପାତ୍ର, ଡ୍ରାଇଭର କୃପାସିନ୍ଧୁ ଦାଶ ଓ ହେଲ୍ପର ଅଶୋକ କୁମାର ରାଉଳ ଥିଲେ। ତେବେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏପରି ମାନବୀୟ ଓ ସତ୍ୟନିଷ୍ଠ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏଥିସହ ଏମାନଙ୍କ ଆଚରଣରୁ ଅନ୍ୟମାନେ କିଛି ଶିକ୍ଷା ଲାଭ କରିବା ଉଚିତ ବୋଲି ବୁଦ୍ଧିଜୀବମାନେ ମତ ଦେଇଛନ୍ତି।

### ସବ୍-ରେଜିଷ୍ଟ୍ରାର ଅଫିସରେ ଜମି ଜାଲିଆତି

## ପଡ଼ିଆ ଜମି ଦେଖାଇ ୭୦ ଲକ୍ଷ ଠକେଇ, ୪ ଗିରଫ

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ସବ୍-ରେଜିଷ୍ଟ୍ରାର ଅଫିସରେ ଏକ ବଡ଼ ଧରଣର ଜମି ଜାଲିଆତି ହୋଇଥିବା ସାମ୍ନାକୁ ଆସିଛି। ପଡ଼ିଆ ଜମି ଦେଖାଇ ପାଖାପାଖି ୭୦ ଲକ୍ଷ ଟଙ୍କା ଠକିନେଇଛନ୍ତି ଦୁର୍ବୃତ୍ତ। ଏହି ମାମଲାରେ ଆଜି ବଡ଼ଗଡ଼ ଥାନା ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧରେ ଜଣେ ସବ୍ ରେଜିଷ୍ଟ୍ରାର୍ ଅଫିସର ଦଲାଲ ଓ ଜଣେ ଷ୍ଟାମ୍ପ ଦୋକାନୀ ସାମିଲ୍ ଅଛନ୍ତି। ଏଥିସହ ଏହି ଜାଲିଆତି ଘଟଣାରେ ଜଣେ ପୂର୍ବତନ ହୋମଗାର୍ଡ ଓ ତାଙ୍କ ପତ୍ନୀଙ୍କୁ ମଧ ଗିରଫ କରାଯାଇଛି। ସବ୍-ରେଜିଷ୍ଟ୍ରାର ଅଫିସ୍‌ର ଦଲାଲ ଜଣଙ୍କ ହେଉଛନ୍ତି ମହେନ୍ଦ୍ର ପଟ୍ଟନାୟକ, ଷ୍ଟାମ୍ପ ଦୋକାନୀ ଭାଗିରଥି ସାହୁ, ପୂର୍ବତନ ହୋମଗାର୍ଡ ନିରଞ୍ଜନ ଶତପଥୀ ଓ ତାଙ୍କ ପତ୍ନୀ ରୀନାରାଣୀ ଶତପଥୀ ବୋଲି ଜଣାପଡ଼ିଛି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ଜଣେ ବ୍ୟକ୍ତିର ଜମିକୁ ଜାଲ୍ ମାଲିକାନା ଓ ନକଲି ଡକ୍ୟୁମେଣ୍ଟ ଆଧାରରେ ବିକ୍ରି କରିଥିଲେ। ତେବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଜମି କିଣିଥିବା ମାଲିକଙ୍କର ସନ୍ଦେହ ହେବାରୁ ସେ ରେଜିଷ୍ଟ୍ରାର ଅଫିସରେ ଏହାର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ତେବେ ମାମଲାରେ ସାମିଲ ଥିବା ଜଣେ ଲେଡି ମାଷ୍ଟରମାଇଣ୍ଡ୍‌କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି ।

## ରାଜ୍ୟସ୍ତରୀୟ ପରେଡ୍‌ରେ ମନ କିଣିଲା ପ୍ରଥମ ପ୍ରଜ୍ଞାପନ ମେଢ଼




**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ୭୭ତମ ଗଣତନ୍ତ୍ର ଦିବସରେ ରାଜଧାନୀ ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡରେ ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ପ୍ରଥମ ଥର ପାଇଁ ସେବା, ସୁରକ୍ଷା ଓ ବିଶ୍ୱାସର ପ୍ରତୀକ ସ୍ୱରୂପ ଏକ ସ୍ୱତନ୍ତ୍ର ପ୍ରଜ୍ଞାପନୀ ମେଢ଼ ପ୍ରଦର୍ଶିତ ହୋଇଥିଲା। ଉକ୍ତ ମେଢ଼ଟି ରାଜ୍ୟର ୫୭୫ କିମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା, ସାମୁଦ୍ରିକ ଥାନାଗୁଡ଼ିକର କାର୍ଯ୍ୟକ୍ଷମତା, ଟ୍ରଲର ମାଧମରେ ପାଟ୍ରୋଲିଂ ଓ ଅତ୍ୟାଧୁନିକ ଡ୍ରୋନ୍‌ର ବ୍ୟବହାରକୁ ସୃଜନାତ୍ମକ ଓ ସୁସ୍ପଷ୍ଟ ଭାବେ ଉପସ୍ଥାପନ କରାଯାଇଥିଲା। ତା'ଛଡ଼ା କମ୍ୟୁନିଟି ପୁଲିସିଂ, ଆଧୁନିକ ପୁଲିସିଂ ଭଳି ବିଭିନ୍ନ ଲୋକମୁଖୀ ପଦକ୍ଷେପକୁ ମଧ ମେଢ଼ରେ ସୃଜନାତ୍ମକ ଭାବେ ଉପସ୍ଥାପନ କରାଯାଇଥିଲା। ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏହି ମେଢ଼କୁ ପ୍ରଶଂସା କରିଛନ୍ତି।

### ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଦିବସ

## ଜାତୀୟ ପତାକା ଉତ୍ତୋଳନ, ପ୍ରତିଯୋଗିତା ଆୟୋଜିତ

**ଗରଦପୁର,୨୭।୧(ସଂଚାର ବ୍ୟୁରୋ):** ଗତକାଲି ଗଣତନ୍ତ୍ର ଦିବସରେ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତ ବସନ୍ତପୁରସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଏହାର ନବମ ପ୍ରତିଷ୍ଠା ଦିବସ ଅବସରରେ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧରେ ଚିତ୍ରାଙ୍କନ, ଭକ୍ତି ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ. ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ମହିଳା କମିଶନ୍‌ର ପରାମର୍ଶଦାତା ଡକ୍ଟର ଟୁନା ସାହୁ ମୁଖ୍ୟ, ସାମ୍ବାଦିକ ଡକ୍ଟର ଦୀପ୍ତିରଞ୍ଜନ କାନୁନଗୋ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର, ଗୀତିକାର ଜ୍ଞାନବ୍ରତ ମହାନ୍ତି, ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ, ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡ଼ା, ପ୍ରଶାନ୍ତ ପାଲ ଯୋଗଦେଇ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ। କମଳ ମହାନ୍ତି, ନଳିନୀ ମହାନ୍ତି, ସଂଯୁକ୍ତା ବିଶ୍ୱାଳ, ସୁନୀଲ ମହାନ୍ତି ଉପସ୍ଥିତ ଥିଲେ।



## ଡା. ଆଦିକାନ୍ତ ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୨୭।୧(ସଂଚାର ବ୍ୟୁରୋ):** ସୁପ୍ରସିଦ୍ଧ ଓଡ଼ିଆ ଚିକିତ୍ସକ ଓ ମାନବ ସେବାରେ ନିଷ୍ଠାବାନ ଡାକ୍ତର ଆଦିକାନ୍ତ ସ୍ୱାଇଁଙ୍କର ଗତ ୧୭ ତାରିଖରେ ପରଲୋକ ହୋଇଥିବା ବେଳେ ଆଜି ତାଙ୍କର ଏକାଦଶାହରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କର ପରଲୋକରେ ରାଜ୍ୟ ଜଣେ ଦକ୍ଷ, ସମର୍ପିତ ଓ ମାନବତାବାଦୀ ଚିକିତ୍ସକଙ୍କୁ ହରାଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ୧୯୫୬ରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରି ଡା. ସ୍ୱାଇଁ ୧୯୬୩ ପର୍ଯ୍ୟନ୍ତ ଜଣେ ପ୍ରତିଷ୍ଠିତ ଚିକିତ୍ସକର ମାନ୍ୟତା ପାଇଥିଲେ। ପରେ ସେଇ ମସିହାରେ ଲଣ୍ଡନର ରୟାଲ୍ କଲେଜ ଅଫ୍ ଫିଜିସିଆନ୍ସରୁ ଏମ୍ଆର୍‌ସିପି ଡିଗ୍ରୀ ଓ ୧୯୬୪ରେ ଆୟରଲ୍ୟାଣ୍ଡର ଡବଲିନ୍‌ରୁ ଡିପ୍ଲୋମା ଇନ୍ ଚାଇଲ୍ଡ ହେଲ୍‌ଥ ଡିଗ୍ରୀ ହାସଲ କରି ଓଡ଼ିଶାକୁ ଫେରିଥିଲେ। ପରେ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ବୁର୍ଲା ମେଡିକାଲ କଲେଜରେ ଅତିରିକ୍ତ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ସେ ଲଣ୍ଡନ, ଆମେରିକା ସହ ବିଭିନ୍ନ ଦେଶରେ କାର୍ଯ୍ୟ କରି ରାଜ୍ୟର ଗୌରବ ବଢ଼ାଇଥିଲେ। ସେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ସ୍ୱର୍ଗତଃ ଲକ୍ଷ୍ମୀଧର ସ୍ୱାଇଁଙ୍କ ପରିବାର ସହ ଜଡ଼ିତ। ତାଙ୍କର ୬ କନ୍ୟା ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ।

# ଝଣ୍ଡା ଉଞ୍ଚା ରହେ ହମାରା...

"ସୋମବାର ଦେଶ ପାଳିଛି ୭୭ତମ ଗଣତନ୍ତ୍ର ଦିବସ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।
ଫରଫର ହୋଇ ଉଡୁଥିବା ଜାତୀୟ ପତାକା ଦେଖି ସ୍ୱାଧୀନ ରାଷ୍ଟ୍ରର ଜନସାଧାରଣ ନିଜକୁ ଗର୍ବିତ ମନେ କରିଥିଲେ ଆଉ ସମସ୍ତଙ୍କ ହୃଦୟରେ ସେଇ ଗୋଟିଏ ଭାବନା, ଝଣ୍ଡା ଉଞ୍ଚା ରହେ ହମାରା...।"

## ରାଜ୍ୟ ବିଜେପି କାର୍ଯ୍ୟାଳୟ




**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଗତକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ରାଜ୍ୟର ସାଢ଼େ ୪ କୋଟି ଜନତାଙ୍କୁ ଏହି ଦିବସର ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି। ଏହାପରେ ସାମୂହିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ ୧୨୦୦ ବର୍ଷର ପରାଧୀନତା ପରେ ଲମ୍ବା ସଂଘର୍ଷ କରି ଦେଶ ସ୍ୱାଧୀନତା ହାସଲ କରିଥିଲା। ଏହାପରେ ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ ପ୍ରଣୟନ ହୋଇଥିଲା। ଏହି ସମ୍ବିଧାନ ସମସ୍ତ ଦେଶବାସୀଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଛି। ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଡ. ଭୀମରାଓ ବାବା ସାହେବ ଆମ୍ବେଦକର ଦେଶକୁ ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ତାଙ୍କ ଟିମ୍ ସହ ମିଶି ସମ୍ବିଧାନ ପ୍ରଣୟନ କରିଥିଲେ। ଆଜି ଏହି ସମ୍ବିଧାନ ରୁଦ୍ଧିମନ୍ତ ହୋଇଛି। ବିଜେପି ସବୁବେଳେ ସମ୍ବିଧାନକୁ ସମ୍ମାନ ଦେଇ ଆସିଛି। ଦେଶର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରତିବଦ୍ଧତା ଆବଶ୍ୟକ। ଖାଲି ସେତିକି ନୁହେଁ ସମାଜ, ବ୍ୟକ୍ତି ଓ ବିଭିନ୍ନ ସମସ୍ୟା ମଧ ପ୍ରତିବଦ୍ଧତା ଜରୁରୀ। ଯେଉଁମାନେ ନିଜକୁ ଜଳାଞ୍ଜଳି ଦେଇ ଦେଶ ଓ ମାତୃକାର ସେବା ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ, ଆଜି ସେମାନଙ୍କୁ ସ୍ମରଣ କରିବାର ଦିନ। ଚଳିତବର୍ଷ ଆମେ ବନ୍ଦେ ମାତରମ ଓ ବିର୍ସା ମୁଣ୍ଡା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ବର୍ଷ ପାଳନ କରୁଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ତମ ବର୍ଷ, ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମଜୟନ୍ତୀ ଏବଂ ଓଡ଼ିଶାର ବରେଣ୍ୟ ନେତା ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ କରୁଛନ୍ତି। ଏହି ପୂଜ୍ୟପୂଜା ଆମ ସମସ୍ତଙ୍କୁ ଉତ୍ସାହିତ କରିବା ସହ ପ୍ରେରଣା ଦେଉଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ଉପସଭାପତି ଡ. ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରାସଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ୍ କୁମାର ଦାସ, ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ମୁଖ୍ୟାଳୟ

ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନଠାରେ ଗତକାଲି ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ଦଳର ବରିଷ୍ଠ ନେତା ଓ କର୍ମୀମାନଙ୍କ ଉପସ୍ଥିତିରେ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସ୍ଥିତ ଦଳର ନେତା ଓ କର୍ମୀମାନଙ୍କୁ ନବୀନ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଥିଲେ ।



ଏହି ଅବସରରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, ବିଜେଡି ସଭାପତିଙ୍କ ଅତିରିକ୍ତ ରାଜନୈତିକ ସଚିବ ଅଜିତ ମିଶ୍ର, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉନ୍ନତି ଭବନ



ସ୍ଥାନୀୟ 'ଉନ୍ନତି ଭବନ' ପରିସରରେ ଗତକାଲି ୭୭ତମ ଗଣତନ୍ତ୍ର ଦିବସ ଅତ୍ୟନ୍ତ ଗାରିମା ଓ ଦେଶପ୍ରେମ ସହ ପାଳିତ ହୋଇଛି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଭାରତୀୟ ସମ୍ବିଧାନର ଗ୍ରହଣ ଓ ଗଣତନ୍ତ୍ର, ସମାନତା ଓ ଦେଶ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି ଗର୍ବର ମୁହୂର୍ତ୍ତରେ ସାମିଲ ହୋଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀଙ୍କର ସମାନ ଅଧିକାର ରହିଛି ଓ ସମସ୍ତଙ୍କ ଉପରେ ସମାନ ଦାୟିତ୍ୱ ମଧ ନ୍ୟସ୍ତ। ରାଜ୍ୟର ବିକାଶମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିଷ୍ଠା, ସ୍ୱଚ୍ଛତା ଏବଂ ଜନସେବା ମନୋଭାବ ସହ ଆଗକୁ ନେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବା ସହ ରାଜ୍ୟ ତଥା ଦେଶର ପ୍ରଗତିରେ ନିଜକୁ ଉତ୍ସର୍ଗ କରିବାର ନୂତନ ସଂକଳ୍ପ ସହ ଏହି ଉତ୍ସବ ସମାପ୍ତ ହୋଇଥିଲା।

## ଧଉଳି ଚାରୁକଳା ମହାବିଦ୍ୟାଳୟ



ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗତକାଲି ପାଳନ କରିଛନ୍ତି ୭୭ତମ ଗଣତନ୍ତ୍ର ଦିବସ। ଏହି ଅବସରରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷିକେଶ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ମହାବିଦ୍ୟାଳୟ ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅପସଂସ୍କୃତିଠାରୁ ମୁକ୍ତି ପାଇଲେ ଆମେ ନିର୍ଭୀକ ଦେଶଭକ୍ତ ହୋଇପାରିବା ବୋଲି କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ଦେଶାତ୍ମବୋଧକ ସଙ୍ଗୀତ ଗାନ ପ୍ରତିଯୋଗିତା ହୋଇଥିଲା। ଉପାଧକ୍ଷ ଚନ୍ଦନ କୁମାର ସାମଲ, ଅଧାପକ ଭୂପତି ଭୂଷଣ ପଣ୍ଡା, ସୋଫିୟା ୟାସ୍ମିନ୍, ଲକ୍ଷ୍ମୀଧର ସ୍ୱାଇଁ, ବସନ୍ତ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ ଓ ବିଚିତ୍ର କାଣ୍ଡି ଓ ଅନେକ ସ୍ଥାନୀୟ ଶୁଭେଚ୍ଛୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଶୁଭେନ୍ଦୁ ମହାନ୍ତି ଶ୍ରୀ ଜୟ ଜଗନ୍ନାଥ କ୍ଲବ୍ ସଭାପତି

**କଟକ,୨୭।୧(ସଂଚାର ବ୍ୟୁରୋ):** ଶ୍ରୀ ଜୟ ଜଗନ୍ନାଥ କ୍ଲବ, ଯୋବ୍ରା, ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିରରେ କ୍ଲବର ସଭାପତି ଭାବେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ସଭାରେ ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ସନ୍ଧ୍ୟାରେ ହୋଇଥିବା ଗ୍ରାମବାସୀ ଙ୍କ ସଭାରେ ଗ୍ରାମର ଅଧିକାରୀ କାଶୀନାଥ ନାୟକ, ମହନ୍ତ ଶିବେନ୍ଦ୍ର ନାୟକଙ୍କ ସହ ଅନୁଷ୍ଠାନର ବୁଦ୍ଧିଜୀବୀ ଶ୍ରୀ ମହାନ୍ତିଙ୍କୁ ସ୍ୱାଗତ କରିଥିଲେ। କ୍ଲବ୍‌ର ସହସମ୍ପାଦକ ଶୁଭମ ପଟ୍ଟନାୟକ ଉପସ୍ଥିତିରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିବା ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ କହିଛନ୍ତି।



ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୨୮ ଜାନୁଆରୀ ୨୦୨୬, ଭୁବନେଶ୍ୱର
Wednesday 28 January 2026, Bhubaneswar


# ୨୦୨୬-୨୭ କେନ୍ଦ୍ରୀୟ ବଜେଟରୁ ଆଶା




ଭାରତର ଅର୍ଥନୀତି ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି। ୨୦୨୬ ଫେବୃଆରୀ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିବାକୁ ଯାଉଥିବା ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତା, ଯେପରିକି ଆମେରିକାର ଟାରିଫ ନୀତି ଏବଂ ଭୂ-ରାଜନୈତିକ ଉତ୍ତେଜନା, ମଧ୍ୟରେ ଭାରତର ଅର୍ଥନୀତି ୭-୭.୫ ପ୍ରତିଶତ ବୃଦ୍ଧି ଦରରେ ଆଗେଇ ଚାଲିଛି। ଏହି ବଜେଟ୍‌ରେ ଆଶା କରାଯାଉଛି ଯେ ଏହା ଭାରତକୁ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ହେବ। କିନ୍ତୁ ପ୍ରଶ୍ନ ଉଠୁଛି: ଏହି ବଜେଟ୍ କେବଳ ସଂଖ୍ୟାର ଖେଳ ହେବ ନା ଜନସାଧାରଣଙ୍କ ଆଶାକୁ ପୂରଣ କରିବ?

ପ୍ରଥମେ ଆସନ୍ତୁ ଅର୍ଥନୈତିକ ସ୍ଥିରତା ଏବଂ ବୃଦ୍ଧିର କଥା। ଅର୍ଥନୈତିକ ସର୍ଭେ ଅନୁଯାୟୀ, ନାମମାତ୍ର ଜିଡିପି ବୃଦ୍ଧି ୧୦ ପ୍ରତିଶତ ହୋଇପାରେ, କିନ୍ତୁ ରାଜକୋଷ କ୍ଷତିକୁ ୪-୪.୨ ପ୍ରତିଶତରେ ରଖିବା ଆବଶ୍ୟକ। ଏଥିପାଇଁ ବଜେଟରେ ପୁଞ୍ଜିଗତ ବ୍ୟୟକୁ ବଢ଼ାଇବା ଦରକାର, ଯାହା ଭିତ୍ତିଭୂମି, ରେଳ, ରାସ୍ତା ଏବଂ ଭିତ୍ତିଭୂମିରେ ନିଯୁକ୍ତି ସୃଷ୍ଟି କରିବ। ଉଦାହରଣ ସ୍ୱରୂପ, ରିଭାମ୍ପଡ ଡିଷ୍ଟ୍ରିବ୍ୟୁସନ ସେକ୍ଟର ସ୍କିମ୍ (ଆରଡିଏସଏସ)ର ବାର୍ଷିକ ଆବଣ୍ଟନକୁ ୧୮,୦୦୦ କୋଟି ଟଙ୍କାକୁ ବଢ଼ାଇବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରରେ ଉନ୍ନତି ହୋଇପାରିବ। ଏହା କେବଳ ଅର୍ଥନୀତିକୁ ବଳଦେବ ନାହିଁ, ଗ୍ରାମାଞ୍ଚଳରେ ନିଯୁକ୍ତି ବଢ଼ାଇବ।

ଟିକସ ରିହାତି ହେଉଛି ମଧ୍ୟବିତ୍ତର ପ୍ରମୁଖ ଆଶା। ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବଢ଼ାଇବା, ଲଙ୍ଗ-ଟର୍ମ କ୍ୟାପିଟାଲ୍ ଗେନ (ଏଲସିଜି)ର ଛାଡ଼କୁ ୧.୨୫ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ଉନ୍ନୀତ କରିବା ଏବଂ ସ୍ୱାସ୍ଥ୍ୟ ବୀମା ରିହାତି ପରିମାଣକୁ ବଢ଼ାଇବା ଆବଶ୍ୟକ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଦ୍ରାସ୍ଫୀତି ୧୧-୧୪ ପ୍ରତିଶତ ହୋଇଥିବାରୁ ଧାରା ୮୦ଡିରେ ଅଧିକ ଛାଡ଼ ଦେବା ଉଚିତ। ପ୍ରଥମ ଘର କ୍ରୟକାରୀଙ୍କ ପାଇଁ ଗୃହ ଋଣ ଉପରେ ସୁଧ ରିହାତି ମଧ୍ୟ ଏକ ଆଶା। କିନ୍ତୁ ଟିକସ ସ୍ଲାବରେ ବଡ଼ ପରିବର୍ତ୍ତନ ହେବା ଅସମ୍ଭବ, କାରଣ ନୂଆ ଆୟକର ଟିକସ ଆଇନ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ। ଏହା ବଦଳରେ ପ୍ରଶାସନିକ ସଂସ୍କାର ଏବଂ ଟ୍ୟାକ୍ସ ଲିଟିଗେସନର ଦ୍ରୁତ ନିଷ୍ପତ୍ତି ଉପରେ ଧ୍ୟାନ ଦେବା ଉଚିତ।

ଉଦ୍ୟୋଗ କ୍ଷେତ୍ରରେ ସାଧାରଣରେ ଅନେକ ଆଶା ରହିଛି। ଏଆଇ, ଡିପ ଟେକ ଏବଂ ଡିଜିଟାଲ ଇଞ୍ଜିନିୟରିଂରେ ପବ୍ଲିକ ଇନଭେଷ୍ଟମେଣ୍ଟ ବଢ଼ାଇବା ଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ହେବ। ଆମଦାନୀ କ୍ଷେତ୍ରରେ ମଧ୍ୟ ସହାୟତା ଦେବା ପାଇଁ କଷ୍ଟମ ଡ୍ୟୁଟିରେ ସଂସ୍କାର ଏବଂ ଟାରିଫ ସଂସ୍କାର ଆବଶ୍ୟକ, ବିଶେଷକରି ଆମେରିକାର ୫୦ ପ୍ରତିଶତ ଟାରିଫର ପ୍ରଭାବକୁ କମାଇବାର ମଧ୍ୟ ଆବଶ୍ୟକତା ରହିଛି। ବିଶେଷ କରି ଭିତ୍ତିଭୂମି ଓ ଏମଏସଏମଇକୁ ସହାୟତା ଦେବା ଦ୍ୱାରା ଦୁର୍ଗମାଞ୍ଚଳରେ ପୁଂଜିନିବେଶ ବଢ଼ାଇବାର ଆବଶ୍ୟକତା ରହିଛି। ଗ୍ରୀନ୍ ଏନର୍ଜି ଏବଂ କ୍ଲିନ୍ ମୋବିଲିଟିରେ ବିନିଯୋଗ ବଢ଼ାଇବା ଭାରତର ପରିବେଶଗତ ଲକ୍ଷ୍ୟକୁ ସହାୟକ ହେବ। ଶିକ୍ଷା ଏବଂ ସ୍କିଲିଂରେ ଅଧିକ ବ୍ୟୟ ଆବଶ୍ୟକ। ଏଆଇ ଏବଂ ଡିପ୍ ଟେକରେ ରିସର୍ଚ୍ଚ ଏବଂ ଏଜୁକେସନର ଏକ ଇକୋସିଷ୍ଟମ ସୃଷ୍ଟି କରିବା ଦ୍ୱାରା ଭାରତର ଯୁବକଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପ୍ରସ୍ତୁତ କରାଯାଇପାରିବ। ପ୍ରତିରକ୍ଷା କ୍ଷେତ୍ରରେ ଇଣ୍ଡିଜେନସ ଟେକ୍ନୋଲୋଜିର ବିକାଶ ମଧ୍ୟ ଏକ ପ୍ରାଥମିକତା ହେବା ଉଚିତ।

ଶେଷରେ, ଏହି ବଜେଟ୍ କେବଳ ଅର୍ଥନୈତିକ ସଂଖ୍ୟାର ନୁହେଁ, ଜନସାଧାରଣଙ୍କ ଆଶାର ପ୍ରତିଫଳନ ହେବା ଉଚିତ। ସଂରଚନାଗତ ସଂସ୍କାର, ଟ୍ୟାକ୍ସ ସରଳୀକରଣ ଏବଂ ସମାବେଶୀ ବୃଦ୍ଧି ଦ୍ୱାରା ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହେବାର ପଥରେ ଆଗେଇ ଚାଲିବ। ଆଶା କରାଯାଉଛି ଯେ ଏହା ସମସ୍ତଙ୍କର ଆଶାକୁ ପୂରଣ କରିବ ଏବଂ ଏକ ସ୍ଥିର, ସମୃଦ୍ଧ ଭାରତର ଭିତ୍ତି ସ୍ଥାପନ କରିବ।

## ଅର୍କତୀର୍ଥର ଅବଗାହନ
# ମାଘ ସପ୍ତମୀ ଓ ଚନ୍ଦ୍ରଭାଗାର ଅମୃତ ଅଭିସାର

**ମାନସ କୁମାର କର**



କାଳର କପାଳରେ ସୂର୍ଯ୍ୟ ଏକ ଅଲିଭା ଟୀକା। ସେ ଜୀବନର ଉତ୍ସ, ଶକ୍ତିର ଆଧାର ଏବଂ ସୃଷ୍ଟିର ଅନନ୍ତ ସାରଥି। ଯେତେବେଳେ ମାଘ ମାସର ଶୁକ୍ଲପକ୍ଷ ସପ୍ତମୀ ତିଥି ଧରାବତରଣ କରେ, ସେତେବେଳେ ଓଡ଼ିଶାର ଆଧାତ୍ମିକ ଆକାଶରେ ଏକ ଭିନ୍ନ ଅନୁଭୂତିର ସ୍ପନ୍ଦନ ଖେଳିଯାଏ। ଏହି ପବିତ୍ର ତିଥିଟି 'ମାଘ ସପ୍ତମୀ' ବା 'ରଥ ସପ୍ତମୀ' ଭାବେ ବିଶ୍ୱବିଦିତ, ଯାହା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଓଡ଼ିଆ ଜାତିର ପ୍ରାଚୀନ ସୌର ସଂସ୍କୃତି ଓ ପ୍ରକୃତି ପ୍ରେମର ଏକ ଜାଜ୍ୱଲ୍ୟମାନ ଜୟଗାନ। କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଏହି ଦିନ ଯେଉଁ ଅସଂଖ୍ୟ ଜନସମୁଦ୍ରର ଉଚ୍ଛୁଳା ଲହରୀ ଦେଖିବାକୁ ମିଳେ, ତାହା ପ୍ରମାଣିତ କରେ ଯେ ବିଶ୍ୱାସର ବାଲୁକା ଶଯ୍ୟାରେ ଆଜି ବି ଆଦିତ୍ୟଙ୍କ ଆଶୀର୍ବାଦ ଅମଳିନ ଓ ଅକ୍ଷୟ। ଶାମ୍ବଙ୍କ ତପସ୍ୟା ଓ ବ୍ୟାଧିମୁକ୍ତିର ଗାଥାଚନ୍ଦ୍ରଭାଗା ସ୍ନାନର ମାହାତ୍ମ୍ୟ ପଛରେ ସୁଦୂର ଦ୍ୱାପର ଯୁଗର ପୌରାଣିକ ପୃଷ୍ଠଭୂମି ବିଦ୍ୟମାନ। ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ନିଜର ଅପରୂପ ରୂପ ଗର୍ବ ଓ ଦୁର୍ବାସାଙ୍କ ପ୍ରତି ଅସମ୍ମାନ ଯୋଗୁଁ ପିତାଙ୍କ ଅଭିଶାପରେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇଥିଲେ। ମୁକ୍ତିର ମାର୍ଗ ଖୋଜି ନାରଦଙ୍କ ପରାମର୍ଶ କ୍ରମେ ସେ ମୈତ୍ରେୟ ବନର ଚନ୍ଦ୍ରଭାଗା ନଦୀ କୂଳରେ ବାର ବର୍ଷ ଧରି ସୂର୍ଯ୍ୟଦେବଙ୍କ କଠୋର ତପସ୍ୟାରେ ନିମଗ୍ନ ହୋଇଥିଲେ। ମାଘ ସପ୍ତମୀର ଏହି ପବିତ୍ର ପ୍ରାତଃକାଳରେ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ଶାମ୍ବଙ୍କୁ ଦର୍ଶନ ଦେବା ସହ ତାଙ୍କୁ ସମସ୍ତ ବ୍ୟାଧିରୁ ମୁକ୍ତ କରିଥିଲେ। ସେହି ଅକ୍ଷୟ ମୁହୂର୍ତ୍ତର ସ୍ମୃତିରେ ଆଜି ବି ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ମଣିଷର କାୟା ଓ ମନ ପବିତ୍ର ହୁଏ ଏବଂ ଜନ୍ମଜନ୍ମାନ୍ତରର ପାପ କ୍ଷୟ ହୁଏ ବୋଲି ଜନମାନସରେ ଦୃଢ଼ ବିଶ୍ୱାସ ରହିଛି। ଏକ ଅଲୌକିକ ଅନୁଭୂତିମାଘ ସପ୍ତମୀର ଅପୂର୍ବ ଶୋଭାକୁ ଅନୁଭବ କରିବା ପାଇଁ ଶୀତୁଆ ରାତିର ଅନ୍ତିମ ପ୍ରହରରେ ଚନ୍ଦ୍ରଭାଗା ବେଳାଭୂମିରେ ଉପସ୍ଥିତ ରହିବା ଏକ ଭିନ୍ନ ସ୍ୱପ୍ନିଳ ଅନୁଭବ। ହଜାର ହଜାର ଶ୍ରଦ୍ଧାଳୁ ମାଘର କାଠୁଆ ଶୀତକୁ ଅତିକ୍ରମ କରି ପବିତ୍ର ବାରୁଣୀ ସ୍ନାନ ପାଇଁ ସମୁଦ୍ର କୂଳରେ ପ୍ରତୀକ୍ଷା କରିଥାନ୍ତି। ଆକାଶରୁ ତାରାମାନେ ଧୀରେ ଧୀରେ ବିଦାୟ ନେଉଥିବା ବେଳେ ଏବଂ ସମୁଦ୍ରର ଅସରନ୍ତି ଗର୍ଜନ ସହିତ ହଜାର ହଜାର ଭକ୍ତଙ୍କ 'ହରିବୋଲ' ଓ 'ହୁଳହୁଳି' ଶବ୍ଦ ମିଶି ଏକ ରୁଦ୍ଧ ସଙ୍ଗୀତ ସୃଷ୍ଟି କରେ। ଠିକ୍ ସେହି ମୁହୂର୍ତ୍ତରେ, ଯେତେବେଳେ ଦିଗବଳୟରୁ ସୂର୍ଯ୍ୟଦେବ ରକ୍ତିମ ବର୍ଣ୍ଣ ଧାରଣ କରି ଧୀରେ ଧୀରେ ଉଦିତ ହୁଅନ୍ତି, ସମଗ୍ର ବେଳାଭୂମି ଯେମିତି ସ୍ୱର୍ଣ୍ଣାଭ ହୋଇଉଠେ। ଶ୍ରଦ୍ଧାଳୁମାନେ ସେହି ପ୍ରଥମ କିରଣକୁ ପ୍ରଣାମ କରି ଅର୍ଘ୍ୟ ପ୍ରଦାନ କରନ୍ତି। ଦୂରରେ ଦଣ୍ଡାୟମାନ କୋଣାର୍କର ସେହି କାଳଜୟୀ କାରୁକାର୍ଯ୍ୟପୂର୍ଣ୍ଣ ପଥରର ଦେଉଳ ଆଖି ଆଗରେ ନାଚିଉଠେ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଏହି ସୌର ପୂଜାର ସାକ୍ଷୀ ହୋଇ ରହିଆସିଛି। ସାଂସ୍କୃତିକ ବିବିଧତା ଓ ସାହିତ୍ୟିକ ପ୍ରଭାବଚନ୍ଦ୍ରଭାଗା କେବଳ ଏକ ଭୌଗୋଳିକ ତୀର୍ଥ ନୁହେଁ, ଏହା ଓଡ଼ିଆ ଅସ୍ମିତା, ଶିଳ୍ପ ଓ ସାହିତ୍ୟର ଏକ ଅବିଭାଜ୍ୟ ଅଙ୍ଗ। କବିବର ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟରେ ଏହି ସ୍ଥାନର ରହସ୍ୟମୟତା ଓ ସୂର୍ଯ୍ୟଙ୍କ ପ୍ରେମର ଯେଉଁ କାଳ୍ପନିକ ବର୍ଣ୍ଣନା ରହିଛି, ତାହା ପାଠକକୁ ବିମୋହିତ କରେ। ସେହିପରି ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟରେ ଏହି ମାଟିର ପରାକ୍ରମ ଓ ଗୌରବର ଗାଥା ଅତି ଚମତ୍କାର ଭାବେ ଚିତ୍ରିତ। ସ୍ନାନ ପରେ ଶ୍ରଦ୍ଧାଳୁମାନେ ବାଲିରେ ଗୋଟିଏ ଲେଖାଏଁ କ୍ଷୁଦ୍ର ରଥ ତିଆରି କରନ୍ତି, ଯାହା ମନୁଷ୍ୟ ଜୀବନର ରଥକୁ ସନ୍ମାର୍ଗରେ ନେବା ପାଇଁ ସୂର୍ଯ୍ୟଙ୍କୁ ନିବେଦନ କରେ। କଥିତ ଅଛି, ଏହି ଦିନଠାରୁ ସୂର୍ଯ୍ୟଦେବ ଉତ୍ତରାୟଣ ଗତିରେ ନିଜ ରଥର ମୋଡ଼ ବଦଳାନ୍ତି, ଯାହା ପ୍ରକୃତିରେ ବସନ୍ତର ଆଗମନ ଓ ନୂତନ ଜୀବନର ସୂଚନା ଦିଏ।

ପାରମ୍ପରିକ ବିଧି ଓ ଜନଜୀବନରେ ଏହାର ପ୍ରଭାବମାଘ ସପ୍ତମୀରେ କେବଳ ସମୁଦ୍ର ସ୍ନାନ ନୁହେଁ, ବରଂ ବିଭିନ୍ନ ପ୍ରକାରର ପୂଜା ଅର୍ଚ୍ଚନା ଓ ମେଳାର ଆୟୋଜନ କରାଯାଇଥାଏ। ଓଡ଼ିଆ ଘରର ପରମ୍ପରା ଅନୁସାରେ, ଏହି ଦିନ ସୂର୍ଯ୍ୟଙ୍କୁ ନୂଆ ଧାନରୁ ପ୍ରସ୍ତୁତ 'ଖେଚେଡ଼ି' ଓ 'ଶାଗ' ଭୋଗ ଅର୍ପଣ କରାଯାଏ। ଚନ୍ଦ୍ରଭାଗା ମେଳାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ଓ ପରିବ୍ରାଜକମାନଙ୍କର ସମାଗମ ଏକ କ୍ଷୁଦ୍ର ଭାରତବର୍ଷର ଭ୍ରମ ସୃଷ୍ଟି କରେ। ଗୋଟିଏ ପଟେ ବେଳାଭୂମିର ପ୍ରଶାନ୍ତ ପରିବେଶ ଓ ଅନ୍ୟପଟେ କୋଣାର୍କ ମନ୍ଦିରର ଶିଳ୍ପକଳା – ଏହି ଦୁଇଟିର ମହାମିଳନ ସ୍ଥଳରେ ଭକ୍ତଟିଏ ନିଜକୁ ହଜାଇ ଦିଏ। ଏହି ଦିନ ପୁରୀ ଓ କୋଣାର୍କ ଅଞ୍ଚଳ ଲୋକାରଣ୍ୟ ହୋଇଉଠେ, ଯାହା ଓଡ଼ିଶାର ପର୍ଯ୍ୟଟନ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଆଧୁନିକତା ବନାମ ପରମ୍ପରାଆଜିର ବୈଷୟିକ ଯୁଗରେ ଆମେ ଯେତେ ଆଧୁନିକ ହେଲେ ମଧ, ମାଘ ସପ୍ତମୀ ପରି ପର୍ବ ଆମକୁ ପ୍ରକୃତିର ସେହି ମୂଳ ଆଧାର 'ସୂର୍ଯ୍ୟ'ଙ୍କ ସହ ଯୋଡ଼ିବାକୁ ପ୍ରୟାସ କରେ। ସୂର୍ଯ୍ୟ ହେଉଛନ୍ତି ପରମ ସତ୍ୟ। ତାଙ୍କର ଉପାସନା କୌଣସି ନିର୍ଦ୍ଦିଷ୍ଟ ଜାତି ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ; ଏହା ସର୍ବବ୍ୟାପୀ ଓ ସାର୍ବଜନୀନ। ଚନ୍ଦ୍ରଭାଗା କୂଳରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଏହି ସମବେତ ପ୍ରାର୍ଥନା ପ୍ରମାଣିତ କରେ ଯେ, ମଣିଷ ଭିତରେ ଥିବା ଆଧାତ୍ମିକ ଚେତନା ଆଜି ବି ଜୀବନ୍ତ। ଯେ ପର୍ଯ୍ୟନ୍ତ ଏହି ଧରଣୀରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡ଼ୁଥିବ, ସେ ପର୍ଯ୍ୟନ୍ତ ଓଡ଼ିଆ ଜାତିର ସୌର ସଂସ୍କୃତି ଓ ଚନ୍ଦ୍ରଭାଗାର ଅମୃତଧାରା ପ୍ରବାହିତ ହେଉଥିବାଚନ୍ଦ୍ରଭାଗା କେବଳ ଏକ ମୂର୍ତ୍ତିମନ୍ତ ନଦୀ ନୁହେଁ, ଏହା ଏକ ଅତୁଟ ବିଶ୍ୱାସର ମହାସ୍ରୋତ। ମାଘ ସପ୍ତମୀର ଏହି ପବିତ୍ର ସ୍ନାନ ପ୍ରତ୍ୟେକଟି ଜୀବନରେ ଆଲୋକ, ଆରୋଗ୍ୟ ଓ ଆଶାର ସଞ୍ଚାର କରୁ-ଏହା ହିଁ ସେହି ସହସ୍ରାଂଶୁ ମହାପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ଚରଣାରବିନ୍ଦରେ ଏକମାତ୍ର ନିବେଦନ।


**କୋଡାଙ୍ଗ, କୋଣାର୍କ, ମୋବାଇଲ୍: ୭୩୮୧୩୮୨୨୧୦**


# ଘରୋଇ ହିଂସା ଆଇନ ଓ ନାରୀମାନଙ୍କ ସାମ୍ବିଧାନିକ ଅଧିକାର

**ଯୁଧିଷ୍ଠିର ମହାରଣା**



ପରିବାର ଗଠନର ମୂଳ ଉଦ୍ଦେଶ୍ୟ ସାମାଜିକ ଶୃଙ୍ଖଳା ଓ ସୁରକ୍ଷା। ଯେଉଁଠି ସମସ୍ତେ ନିରନ୍ତର, ପରସ୍ପର ସ୍ନେହ ମମତାର ରଜ୍ଜୁରେ ବାନ୍ଧି ହୋଇ ସୁରକ୍ଷିତ ରହିଥାନ୍ତି ତେବେ ଯେତେବେଳେ ପରିବାରର ଜଣେ ସଦସ୍ୟ ଦ୍ୱାରା ଆଉ ଜଣେ ସଦସ୍ୟ ହିଂସା ବା ନିର୍ଯାତନାର ଶିକାର ହୁଏ ସାଧାରଣତଃ ତାକୁ ଆମେ ଘରୋଇ ହିଂସା କହିଥାଉ। ଘରୋଇ ଶବ୍ଦର ପ୍ରୟୋଗ ସେତେବେଳେ କରାଯାଏ ଯେତେବେଳେ ଅପରାଧୀ ଓ ପିଡ଼ତୀ ମଧ ଘନିଷ୍ଠ ପାରିବାରିକ ସମ୍ବନ୍ଧ ରହିଥାଏ। ପ୍ରତିବର୍ଷ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି ଯାହାକୁ ନେଇ ସମାଜର ସଚେତନ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସମାଜରେ ଜାତି, ବର୍ଣ୍ଣ, ଲିଙ୍ଗ, ବୟସ, ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ ଉର୍ଦ୍ଧ୍ୱରେ ସମସ୍ତେ ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ମହିଳାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି। ଦା ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେର ପ୍ରଦତ୍ତ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୩୨% ବିବାହିତ ମହିଳା ଯେଉଁମାନଙ୍କ ବୟସ ୧୮ରୁ ୩୯ ବର୍ଷ ସେମାନେ ନିଜ ଜୀବନ କାଳ ଭିତରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର






ଶିକାର ହୋଇଥାନ୍ତି। ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ୨୦୨୨ର ତଥ୍ୟ ଅନୁଯାୟୀ ୧, ୪୦, ୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି। ଆମ ଦେଶରେ ପ୍ରଚଳିତ ବିଭିନ୍ନ ଆଇନ ଭିତରେ ଦି ପ୍ରୋଟେକ୍ସନ ଅଫ ଓମେନ ଡୋମେଷ୍ଟିକ ଭାଓଲେନ୍ସ ଆକ୍ଟ-୨୦୦୫ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ।

ନାରୀ ନିର୍ଯାତନା ବୃଦ୍ଧି ଘଟଣାକୁ ନେଇ ସମ୍ବିଧାନ ପ୍ରଣେତାମାନେ ଭାରତୀୟ ମହିଳାମାନଙ୍କୁ ସ୍ୱାଧୀନତା ପରେ ଅନେକ ସାମ୍ବିଧାନିକ ଅଧିକାର ପ୍ରଦାନ କଲେ। ଅନୁଚ୍ଛେଦ ୧୪ରେ ମହିଳା ମାନଙ୍କ ସୁରକ୍ଷା ପାଇଁ ଅଧିକାର ଉଲ୍ଲଖିତ କଲେ, ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ପାଇଁ ଅନୁଚ୍ଛେଦ ୧୫ (କ), ସାମାଜିକ ତଥା ଆତ୍ମା ସଂସ୍ଥାନ କ୍ଷେତ୍ରରେ ଅଧିକାର ମଧ ସାମିଲ କରାଗଲା। ଅନୁଚ୍ଛେଦ ୧୯ରେ ପ୍ରତି ପୁରୁଷ ଓ ନାରୀ ଉର୍ଦ୍ଧ୍ୱରେ ରହି ସବୁ ନାଗରିକର ସ୍ୱାଧୀନ ଭାବରେ ମତ ରଖିବାର ଅଧିକାର ଓ ସ୍ୱାଧୀନ ଭାବରେ ଜୀବନ ଯାପନ ପାଇଁ ଅନୁଚ୍ଛେଦ ୨୧ରେ ଉଲ୍ଲିଖି ରହିଲା। ଏପରି ଭାବରେ ମହିଳା ମାନଙ୍କୁ ପୁରୁଷ ତୁଲ୍ୟ ବିଭିନ୍ନ ଅଧିକାର ଦିଆଗଲା। ସରକାର ଜେଣ୍ଡର ଇକ୍ୟୁଆଲିଟି ବା ଲିଙ୍ଗଗତ ବୈଷମ୍ୟତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଘରୋଇ ହିଂସାର ଶିକାର ନାରୀ : ପୁରୁଷ କୈନ୍ଦ୍ରିକ ସମାଜରେ ନାରୀ ମାନଙ୍କର ଜୀବନ ଯାପନରେ ଅନେକ ପ୍ରକାରର ବାଧା ଉପୁଜି ଥାଏ। ଏହାକୁ ଆଖି ଆଗରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇ କାର୍ଯ୍ୟ କରୁଅଛି। ଏହି ଆଇନ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣର ଆଇନଗତ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ ମାତ୍ର ଏହା ଏକ ସିଭିଲ ଆଇନ ହୋଇଥିବାରୁ ଏଥିରେ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ନାହିଁ।

ଆଜି ସମଗ୍ର ବିଶ୍ୱ ଘରୋଇ ହିଂସାରେ କବଳିତ। ୧୯୯୫ ମସିହାରେ ବେଜିଂ ପ୍ଲାଟଫର୍ମରେ ଲିଙ୍ଗଗତ ବୈଷମ୍ୟତା ଦୂର କରିବା ପାଇଁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ଭାରତ ଓ ମାଲଦ୍ୱୀପ ଜାତୀୟ ଲିଙ୍ଗଗତ ବୈଷମ୍ୟତା ଉଗ୍ର ଥିବାର ଅନୁଭବ କରିଥିଲେ। ସମଗ୍ର ଭାରତ ବର୍ଷର ୧୫ ବର୍ଷରୁ ୪୫ ବର୍ଷ ମଧ୍ୟରେ ୪୦ ଶତକଡ଼ା ବିବାହିତ ମହିଳାମାନେ ଏଥିରେ ଶିକାର ହେଉଥିବାର ରିପୋର୍ଟରେ ଦର୍ଶାଯାଇଛି।

୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇ ୨୦୦୬ ମସିହାରୁ କାର୍ଯ୍ୟ କରୁ ଆସୁଛି। ଏହି ଆଇନ କ୍ୱାସି କ୍ରିମିନାଲ ଥିବାରୁ ମାଜିଷ୍ଟ୍ରେଟ ସିଧାସଳଖ ଜେଲ ପଠାଇ ପାରିବେ ନାହିଁ। ଆଇ ବି ଏମ୍ ଷ୍ଟାଟିଟିକ୍ସ ରିପୋର୍ଟ ଅନୁଯାୟୀ ଗତ ୨୦୧୯-୨୦୨୦ ମସିହାରେ ଘରୋଇ ବା ପାରିବାରିକ ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ସଂଖ୍ୟା ୩୧.୨%। ତନ୍ମଧ୍ୟରୁ ପାଖାପାଖି ୨୮.୫% ଶାରୀରିକ, ୧୩.୧% ଭାବନାତ୍ମକ ଓ ୫.୭% ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ ହୋଇଛି। ସେହିପରି ୧୧.୩% (୨୨ ନିୟୁତ) ମହିଳା ନିଜର ସ୍ୱାମୀଙ୍କ ଠାରୁ ୫.୯% (୧୧ ନିୟୁତ) ମହିଳା ନିଜର ପୁରୁଷ ବନ୍ଧୁଙ୍କ ଠାରୁ ୭.୦% (୧୧ ନିୟୁତ ମହିଳା ନିଜ ପରିବାରରୁ ପାରିବାରିକ ହିଂସାର ଶିକାର ହୋଇଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖି ରହିଛି। ଭାରତରେ ସଂଗଠିତ ଅଧିକାଂଶ ଘରୋଇ ହିଂସାରେ ପୀଡ଼ିତା ମହିଳା ନିଜ ପରିବାର ସଦସ୍ୟ ତଥା ସମ୍ପର୍କୀୟ ମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥାନ୍ତି। ଯଦିଓ ପୁରୁଷମାନେ ମଧ ମିଥ୍ୟା ଯୌତୁକ ନିର୍ଯାତନା କେଶରେ ଫଶି ଘରୋଇ ହିଂସାର ଶିକାର ହୋଇଥାନ୍ତି, ମାତ୍ର ଏ ଆଇନ କେବଳ ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ୨୦୦୫ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ ସାଧାରଣତଃ ୧୫ରୁ ୪୯ ବର୍ଷ ମହିଳାମାନଙ୍କ ମଧ୍ୟରେ ୩୩.୫% ଓ ୮.୫% ମହିଳାମାନେ ଘରୋଇ ହିଂସାର ଶିକାର ହୋଇଥାନ୍ତି। ୨୦୧୪ ଲାନସେଟ ରିପୋର୍ଟ ଅନୁଯାୟୀ ବିଶ୍ୱର ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କ ମଧ୍ୟରେ ଭାରତୀୟ ମହିଳାମାନଙ୍କ ସଂଖ୍ୟା ଅତି ନ୍ୟୁନ। ଘରୋଇ ହିଂସାରେ ଶିକାର ହେଉଥିବା ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ଅଧିବାସୀମାନଙ୍କ ସଂଖ୍ୟା ୨୭.୫ ନିୟୁତ। ମାତ୍ର ଥମସନ୍ ରିଉଟର ଫାଉଣ୍ଡେସନ ର୍‌ୟାଙ୍ଗ ଅନୁଯାୟୀ ଭାରତ ହେଉଛି ଘରୋଇ ହିଂସା କ୍ଷେତ୍ରରେ ଅତି ବିପଦ ପୂର୍ଣ୍ଣ। ୨୦୧୨ ଏନ୍.ସି.ବି.ଆର ରିପୋର୍ଟ ଅନୁଯାୟୀ ପ୍ରତି ୧ ଲକ୍ଷ ଜନସଂଖ୍ୟା ମଧ୍ୟରେ ୪୬ ଜଣ ଘରୋଇ ହିଂସା, ୨ ଜଣ ଧର୍ଷଣ ବା ଯୌନ ଶୋଷଣର, ୦.୭ ଜଣ ଯୌତୁକ ନିର୍ଯାତନା ବା ଯୌତୁକ ଜନିତ ଆତ୍ମହତ୍ୟାର ଶିକାର ହୋଇ ମୃତ୍ୟୁ ବରଣ କରନ୍ତି। ସେହିପରି ୫.୯ ଜଣ ନିଜ ସ୍ୱାମୀ ବା ଶ୍ୱଶୁର ଘରର ଲୋକମାନଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥିବା ମହିଳା ଅଟନ୍ତି। ଯୁକ୍ତରାଷ୍ଟ୍ର ଆମେରିକାକୁ ଦେଖିଲେ ଜଣାଯାଏ ୧ ଲକ୍ଷ ଲୋକମାନଙ୍କ ମଧ୍ୟରୁ ୫୯୦ ଜଣ ଘରୋଇ ହିଂସାର ଶିକାର ହେଉଥିବା ବେଳେ ୟୁନାଇଟେଡ ନେସନସ ତଥ୍ୟ ଅନୁଯାୟୀ ସମଗ୍ର ବିଶ୍ୱରେ ଏକ ଲକ୍ଷ ଜନସଂଖ୍ୟା ମଧ୍ୟରୁ ୬.୨ ଜଣ ମହିଳା ଏଥିରେ ପିଡ଼ୀତା ଥାଇ ଆତ୍ମହତ୍ୟା କରିବାକୁ ବାଧ ହୋଇଥାନ୍ତି।

ଆମ ଦେଶରେ ମହିଳାମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୟନ ହୋଇଛି। ବହୁ ଆଗରୁ ଯୌତୁକ ନିରୋଧ ଆଇନ ୧୯୬୧ ମସିହାରୁ ପ୍ରଚଳିତ ହୋଇ କାର୍ଯ୍ୟ କରୁଛି। ତାକୁ ଦୃଷ୍ଟିରେ ରଖି ୧୯୮୪ ମସିହାରେ ଭାରତୀୟ ପିଙ୍ଗଳ କୋଡ଼ରେ ଦଫା ୪୯୮ (କ) ଓ ୧୯୮୬ ମସିହାରେ ଦଫା ୩୦୪ (ଖ) ସଂଶୋଧିତ ହୋଇ ଯୋଗ କରାଯାଇଛି। ମହିଳମାନଙ୍କୁ ଶାରୀରିକ, ଭାବନାତ୍ମକ, ମାନସିକ, ଆର୍ଥିକ, ମୌଖିକ ତଥା ଯୌନ ଉତ୍ପୀଡ଼ନରୁ ସୁରକ୍ଷା ପାଇଁ ୨୦୦୫ ମସିହାରେ ଘରୋଇ ହିଂସା ନିରୋଧ ଆଇନ ପ୍ରଣୟନ ହୋଇସାରିଛି। ୨୦୦୫ ମସିହା ପ୍ରାରମ୍ଭରେ ଜାତୀୟ ମହିଳା କମିଶନଙ୍କ ନିକଟରେ ମୋଟ ୭୬୯୮ କୋଟି ମାମଲା ରୁଜୁ ହୋଇଛି, ସେଥିମଧ୍ୟରୁ ୧୫୯୪ ଗୋଟି ଘରୋଇ ହିଂସା ଆଇନ ଅଧୀନରେ।

ପାରିବାରିକ ହିଂସା ରୋକିବା ପାଇଁ ଭାରତୀୟ ଦଣ୍ଡ ବିଧି ବ୍ୟବସ୍ଥାରେ ରହିଛି ଅନେକ କଠୋର ଆଇନ। ବିଶେଷକରି ମହିଳମାନଙ୍କୁ ଯୌତୁକ ଦାବି ଜଡ଼ିତ ପୁରୁଷ ପୌଶାଚିକତା ଓ ପାରିବାରିକ ହିଂସାରୁ ସୁରକ୍ଷା ପ୍ରଦାନ କରିବା ଲାଗି ୧୯୮୩ ମସିହାରୁ କାର୍ଯ୍ୟକାରୀ ହେଉଛି ୪୯୮ (କ) ଦଫା। ଏହି ଆଇନ ଅନେକ ନିର୍ଯାତିତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ହେଁ ଲିଙ୍ଗୀୟ ପକ୍ଷପାତିତା ଏହାର ଏକ ବଡ଼ ଦୁର୍ବଳତା। ଏହି ଆଇନର ପ୍ରାବଧାନ ଅନୁସାରେ କୌଣସି ମହିଳା ପାରିବାରିକ ହିଂସାକୁ ନେଇ ଥାନାରେ ଅଭିଯୋଗ କଲେ ତତ୍‌କ୍ଷଣାତ ଗିରଫ ହୁଅନ୍ତି ଅଭିଯୁକ୍ତ ସ୍ୱାମୀ ବା ପରିବାରର ଅନ୍ୟ ସଦସ୍ୟମାନେ। ତେଣିକି ମାମଲା ଗଡ଼ିଚାଲେ ଦୀର୍ଘଦିନ ପର୍ଯ୍ୟନ୍ତ। କୌଣସି ମହିଳାଙ୍କ ଅଭିଯୋଗ ମିଥ୍ୟା ଓ ଅଭିସନ୍ଧି ମୂଳକ ହେଲେ ମଧ ଆଇନରେ ନାହିଁ ମହିଳାଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା। ଅର୍ଥାତ୍ ଆତ୍ମ ରକ୍ଷା ଲାଗି ଆସୁଥିବା ଆଇନଟି କିଛି ଦୁଷ୍ଟବୁଦ୍ଧି ସମ୍ପନ୍ନଙ୍କ ହାତରେ ଅର୍ଥ ଶୋଷଣ ବା ଆକ୍ରମଣ ଲାଗି ବ୍ୟବହୃତ ଅସ୍ତ୍ରରେ ପରିଣତ ସୋସାଇଟି ଯାହାର ହାତ ମୁହଁରେ ପଡ଼ୁଛନ୍ତି ଅନେକ ହତଭାଗ୍ୟ ପୁରୁଷ।

ଆଜିର କର୍ମବ୍ୟସ୍ତ, ବସ୍ତୁବାଦୀ ସମାଜରେ ଉଭୟ ପିତା ମାତା ଏକକ ପରିବାରକୁ ନେଇ ପ୍ରାୟତଃ ଅର୍ଥ ରୋଜଗାରକୁ ପ୍ରାଥମିକ ବ୍ୟବସ୍ଥା ଭିତର ଗୁରୁତ୍ୱ ଦେଇଥାନ୍ତି। ସେହିପରି ବୃଦ୍ଧାବସ୍ଥାରେ ଅନେକ କ୍ଷେତ୍ରରେ ଦେଖାଯାଏ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ବୋଧ ନେବାକୁ କୁଣ୍ଠାବୋଧ କରନ୍ତି। ପିତାମାତା ଓ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ - ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କ ଠାରୁ ଭରଣ ପୋଷଣ ଦାବୀ କରିବାର ଆଇନଗତ ଅଧିକାର ରହିଛି। ଘରୋଇ ହିଂସାର ସୁରକ୍ଷା ପାଇଁ ମହିଳା ସଂଗଠନ ମାନଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ପାରିବାରିକ ହିଂସାର ନିରାକରଣ କରି ପରିବାରକୁ ତାର ପୂର୍ବ ମର୍ଯ୍ୟାଦାରେ ପ୍ରତିଷ୍ଠିତ କରିବାକୁ ହେଲେ ନିୟନ୍ତ୍ରଣମୁଖୀ ସମାଜ ବ୍ୟବସ୍ଥା, ଆଇନ ପ୍ରଣୟନ ଓ ସାମୂହିକ ମନୋବୃତ୍ତିର ଆବଶ୍ୟକତା ରହିଛି। ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ, ସାଂସ୍କୃତିକ କିମ୍ବା ପିଢ଼ି ଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ। ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରୀ। ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା, ସ୍ୱାମୀ, ସ୍ତ୍ରୀ, ଭାଇ, ଭଉଣୀ ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅକ୍ତିଆର କଲେ ଏକ ସୁସ୍ଥ ସମାଜର ସ୍ୱପନ୍ନ ଦେଖିପାରିବା।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୯୪୩୭୧୬୩୫୨୮**


# ଭୋକରୁ ଆଶା ପର୍ଯ୍ୟନ୍ତ: ଅନୁସୂୟା ପ୍ରଧାନଙ୍କ ପ୍ରେରଣାଦାୟୀ ଯାତ୍ରା

**ପ୍ରଭାକର ସାହୁ**



ଏମିତି ଏକ ସମୟ ଥିଲା ଯେତେବେଳେ ଅନୁସୂୟା ପ୍ରଧାନଙ୍କ ଏକମାତ୍ର ସ୍ୱପ୍ନ ଥିଲା କେବଳ ବଞ୍ଚି ରହିବା। ପେଶାରେ ରାସ୍ତା କଡ଼ରେ ମକା ବିକ୍ରି କରୁଥିବା ଅନୁସୂୟା ଅନେକ ବର୍ଷ ଫୁଟପାଥରେ କାଟିଛନ୍ତି; ଭୋକ, ଦାରିଦ୍ର୍ୟ ଏବଂ ଅନିଶ୍ଚିତତା ସହ ଲଢ଼ି ଲଢ଼ି। ଏମିତି ଅନେକ ଦିନ ଥିଲା ଯେତେବେଳେ ତାଙ୍କର ଦୈନିକ ରୋଜଗାର ମାତ୍ର କିଛି ଶହ ଟଙ୍କା ହେଉଥିଲା, ପରିବାର ଅଧା ପେଟରେ ଶୋଉଥିଲେ ଏବଂ ଭବିଷ୍ୟତ ସେହି ଅନ୍ଧାରୁଆ ରାସ୍ତାଠାରୁ ବି ଅଧିକ ଭୟଙ୍କର ଦେଖାଯାଉଥିଲା। ନିଜର ଛୋଟ ବ୍ୟବସାୟକୁ ବଞ୍ଚାଇ ରଖିବା ପାଇଁ ସେ ଘରୋଇ ସାହୁକାରଙ୍କଠାରୁ ଦୈନିକ ୧୦ ପ୍ରତିଶତ ଅଧିକ ସୁଧ ହାରରେ ଟଙ୍କା ଉଧାର ନେବାକୁ ବାଧ ହେଉଥିଲେ। ଏହି ଋଣ ଭାର ତାଙ୍କ ରୋଜଗାର ଏବଂ ସମ୍ମାନ ଉଭୟକୁ ଶେଷ କରିଦେଇଥିଲା। ଜୀବନ ତାଙ୍କ ସହନଶୀଳତାର କଠିନ ପରୀକ୍ଷା ନେଇଥିଲା। ତଥାପି, ଅନୁସୂୟା କେବେ ହାର ମାନିନଥିଲେ। ତାଙ୍କ ଜୀବନରେ ପରିବର୍ତ୍ତନ ସେତେବେଳେ ଆସିଲା, ଯେତେବେଳେ ତାଙ୍କୁ PM SVANIDHI (ପିଏମ୍ ସ୍ୱନିଧି) ଯୋଜନା ଅଧୀନରେ ଚିହ୍ନଟ କରାଗଲା। ଏହା ରାସ୍ତାକଡ଼ର ଉଠାଦୋକାନୀମାନଙ୍କୁ ସଶକ୍ତ କରିବା ଏବଂ ସମ୍ମାନର ସହ ଜୀବିକା ନିର୍ବାହ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ। ଗୃହ ଓ ନଗର



ଉନ୍ନୟନ ବିଭାଗର ନିଷ୍ଠାପର ଉଦ୍ୟମ ଯୋଗୁଁ ଅନୁସୂୟାଙ୍କୁ ଠିକ୍ ସମୟରେ ଖୋଜି ବାହାର କରାଯାଇ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଥମେ ୧୦,୦୦୦ ଟଙ୍କାର ଋଣ ସହାୟତା ପାଇ ଅନୁସୂୟା ସାହସ ସଞ୍ଚୟ କଲେ। ସେହି ଅର୍ଥକୁ ସେ ବୁଦ୍ଧିମାନର ସହ ନିଜ ମକା ବ୍ୟବସାୟରେ ବିନିଯୋଗ କଲେ ଏବଂ ଧୀରେ ଧୀରେ ନିଜ ଉପରେ ଓ ନିଜ ଭବିଷ୍ୟତ ଉପରେ ବିଶ୍ୱାସ ଫେରି ପାଇଲେ। ତାଙ୍କର ସାଧୁତା, ଅନୁଶାସନ ଏବଂ ଦୃଢ଼ ସଂକଳ୍ପ ଖୁବ୍ ଶୀଘ୍ର ରଙ୍ଗ ଆଣିଲା। ଠିକ୍ ସମୟରେ ଋଣ ପରିଶୋଧ କରିବା ପରେ, ସେ ଦ୍ୱିତୀୟ ପର୍ଯ୍ୟାୟରେ ୨୫,୦୦୦ ଟଙ୍କାର ଋଣ ପାଇଁ ଯୋଗ୍ୟ ବିବେଚିତ ହେଲେ। ଏହା ତାଙ୍କ ଆୟକୁ ସ୍ଥିର କରିବା ସହ ପରିବାରର ଜୀବନଧାରଣ ମାନରେ ଉନ୍ନତି ଆଣିଲା। ପାଦକୁ ପାଦ ମିଳାଇ ସେ ଅନିଶ୍ଚିତତାରୁ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେଲେ। ଆଜି ଅନୁସୂୟା ୫୦,୦୦୦ ଟଙ୍କାର ଋଣ ପାଇଁ ଜଣେ ଗର୍ବିତ ହିତାଧିକାରୀ। ଯୋଜନାର ସମସ୍ତ ମାପଦଣ୍ଡ ସେ ପୂରଣ କରିଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ଯାତ୍ରାକୁ ସର୍ବସାଧାରଣରେ ସ୍ୱୀକୃତି ମିଳିଲା, ଯେତେବେଳେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ତାଙ୍କୁ ସମ୍ମାନିତ କଲେ। ସେହି ମୁହୂର୍ତ୍ତଟି ଅତ୍ୟନ୍ତ ଭାବପୂର୍ଣ୍ଣ ଥିଲା। ଯେତେବେଳେ ଅନୁସୂୟା ନିଜ ଜୀବନର କାହାଣୀ-ଭୋକ ଓ କଷ୍ଟରୁ ଆଶା ଏବଂ ସମ୍ମାନ ପର୍ଯ୍ୟନ୍ତ-ବର୍ଣ୍ଣନା କଲେ, ସେଠାରେ ଉପସ୍ଥିତ ଅନେକଙ୍କ ଆଖିରେ ଲୁହ ଆସିଯାଇଥିଲା। ଭାବବିହ୍ୱଳ ହୋଇ ସେ କାନ୍ଦି ପକାଇଥିଲେ, କିନ୍ତୁ ତାହା ନିରାଶାର ଲୁହ ନଥିଲା, ବରଂ କୃତଜ୍ଞତାର ଲୁହ ଥିଲା। ଏହା ମନେ ପକାଇଦିଏ ଯେ, ପ୍ରତ୍ୟେକ ସରକାରୀ ନୀତି ପଛରେ ଜଣେ ମଣିଷର ଜୀବନ ଥାଏ, ଯିଏ ବଦଳିବା ପାଇଁ ଅପେକ୍ଷା କରିଥାଏ।

ଏହି ପରିବର୍ତ୍ତନ ତାଙ୍କ ପରିବାରକୁ ମଧ ସ୍ପର୍ଶ କରିଛି। ତାଙ୍କ ଝିଅ ଏବେ CT ପଢ଼ୁଥିବା ବେଳେ ପୁଅ BASIC SCIENCE ପଢ଼ୁଛି-ଏହା ସେହି ସ୍ୱପ୍ନ ଥିଲା ଯାହା ଦିନେ ଅସମ୍ଭବ ମନେ ହେଉଥିଲା। ଏପରିକି ତାଙ୍କ ସ୍ୱାମୀ, ଯିଏ କେବେ ଭୁଲ୍ ପଥରେ ଥିଲେ, ସେ ମଧ ବଦଳି ଯାଇଛନ୍ତି ଏବଂ ଆଜି ଜଣେ ସହଯୋଗୀ ସାଥୀ ଭାବରେ ତାଙ୍କ ସହ ଛିଡ଼ା ହୋଇଛନ୍ତି।

ଅନୁସୂୟା ପ୍ରଧାନଙ୍କ କାହାଣୀ କେବଳ ଆର୍ଥିକ ସହାୟତା ବିଷୟରେ ନୁହେଁ; ଏହା ଆତ୍ମବିଶ୍ୱାସ, ସଶକ୍ତିକରଣ ଏବଂ ଦ୍ୱିତୀୟ ସୁଯୋଗର କାହାଣୀ। ଏହା ପ୍ରମାଣ କରେ ଯେ, ଠିକ୍ ସମୟରେ ମିଳିଥିବା ସାହାଯ୍ୟ ଜଣେ ସାଧାରଣ ଉଠାଦୋକାନୀକୁ ଶୋଷଣକାରୀ ଋଣରୁ ମୁକ୍ତ କରି ଜଣେ ଆତ୍ମବିଶ୍ୱାସୀ ଉଦ୍ୟୋଗୀ ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଭାବେ ଗଢ଼ିତୋଳିପାରେ। ତାଙ୍କର ଏହି ସଫଳତାକୁ ପ୍ରଶଂସା କରି ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଅନୁସୂୟା ହେଉଛନ୍ତି PM SVANIDHI ଯୋଜନାର ସଫଳତାର ଏକ ଜ୍ୱଳନ୍ତ ଉଦାହରଣ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଭାରତୀୟ ଅର୍ଥନୀତିର ଭିତ୍ତିଭୂମିକୁ ମଜବୁତ କରୁଛି। ଭୋକରୁ ଆଶା ପର୍ଯ୍ୟନ୍ତ, ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ-ଅନୁସୂୟା ପ୍ରଧାନଙ୍କ କାହାଣୀ ଏହାର ଜୀବନ୍ତ ପ୍ରମାଣ ଯେ ଯେତେବେଳେ ସୁଯୋଗ ଏବଂ ଦୃଢ଼ ସଂକଳ୍ପ ଏକାଠି ହୁଏ, ସେତେବେଳେ ଜୀବନ ପ୍ରକୃତରେ ବଦଳିଯାଏ।

## ୟୁଜିସି ନୂଆ ନିୟମ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଆବେଦନ

# ଜାତି ଆଧାରିତ ଭେଦଭାବକୁ ତୀବ୍ର ବିରୋଧ




ନୂଆଦିଲ୍ଲୀ,୨୭।୧: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଜାରି କରାଯାଇଥିବା ନୂଆ ନିୟମକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟରେ ଦାଖଲ ଆବେଦନରେ ଅଭିଯୋଗ କରାଯାଇଛି ଯେ, ଏହି ନିୟମରେ ଜାତି ଆଧାରିତ ଭେଦଭାବ ପରିଭାଷାକୁ ଆପଣାଯାଇଛି ଓ ସଂସ୍ଥାଗତ ସୁରକ୍ଷାରୁ କିଛି ବର୍ଗଙ୍କୁ ବାହାରେ ରଖାଯାଇଛି। ଆବେଦନରେ କେନ୍ଦ୍ର ସରକାର ଓ ୟୁଜିସିକୁ ଅନ୍ତରୀଣ ନିର୍ଦ୍ଦେଶ ଦେବା ପାଇଁ ଦାବି କରାଯାଇଛି। ନିୟମ ଅଧୀନରେ କରାଯାଇଥିବା ସମାନ ସୁଯୋଗ କେନ୍ଦ୍ର ଓ ସମାନତା ସମିତି ବିନା କୌଣସି ଭେଦଭାବରେ ଉପଲବ୍ଧ ହେବ ତାହା ସୁନିଶ୍ଚିତ ହୋଇପାରିବ। ଆବେଦନରେ କୁହାଯାଇଛି ଯେ ୟୁଜିସି ଦ୍ୱାରା ଅଧିସୂଚିତ ନିୟମ ୨୦୨୬ର ନିୟମ ୩ (ସି) 'ଅଣ-ସମାବେଶୀ' ଅଟେ, ଯାହା ଛାତ୍ର ଓ ଶିକ୍ଷକ ସଂରକ୍ଷିତ ଶ୍ରେଣୀର ନୁହନ୍ତି, ସେମାନଙ୍କୁ ସୁରକ୍ଷା ପ୍ରଦାନ କରେନାହିଁ। ବିନୀତ ଜିନ୍ଦଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ଏହି ନିୟମଗୁଡ଼ିକୁ ସମାଲୋଚନା କରାଯାଇଛି। ଏଥିରେ କୁହାଯାଇଛି ଜାତି-ଭିତ୍ତିକ ଭେଦଭାବକୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ସଦସ୍ୟଙ୍କ ବିରୁଦ୍ଧରେ ଭେଦଭାବ କଠୋର ଭାବରେ ପରିଭାଷିତ କରାଯାଇଛି। ଆବେଦନରେ କୁହାଯାଇଛି ଯେ 'ଜାତି-ଭିତ୍ତିକ ବୈଷମ୍ୟ'ର ପରିସରକୁ କେବଳ ଏସସି, ଏସଟି ଏବଂ ଓବିସି ବର୍ଗ ମଧ୍ୟରେ ସୀମିତ କରାଯାଇଛି। ଏପରି କରି ୟୁଜିସି 'ସାଧାରଣ' କିମ୍ବା ଅଣ-ସଂରକ୍ଷିତ ବର୍ଗର ଲୋକମାନଙ୍କୁ ସାଂସ୍ଥାଗତ ସୁରକ୍ଷା ଏବଂ ଅଭିଯୋଗ ସମାଧାନକୁ ପ୍ରଭାବଶାଳୀ ଭାବରେ ପ୍ରତ୍ୟାଖ୍ୟାନ କରିଛି। ଏଥିରେ କୁହାଯାଇଛି ଯେ, ଏହି ନିୟମାବଳୀ ଧାରା ୧୪ ଏବଂ ୧୫(୧) ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାରକୁ ଉଲ୍ଲଂଘନ କରେ । ଏହି ନିୟମାବଳୀ ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରେ।

ଆବେଦନରେ ସୁପ୍ରିମକୋର୍ଟଙ୍କୁ ନିୟମ ୩(ସି)କୁ ବର୍ତ୍ତମାନର ରୂପରେ କାର୍ଯ୍ୟକାରୀ ନକରିବାରୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। କୁହାଯାଇଛି ଯେ, ଜାତି ଆଧାରରେ ବୈଷମ୍ୟକୁ ଏପରି ଭାବରେ ପରିଭାଷିତ କରାଯିବା ଉଚିତ ଯାହା ଜାତିଭିତ୍ତିକ ବୈଷମ୍ୟର ଶିକାର ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରିବ।

## ସାରା ଦେଶରେ ବିରୋଧ

# ଦିଲ୍ଲୀ ମୁଖ୍ୟାଳୟରେ ସୁରକ୍ଷା ବୃଦ୍ଧି




## ୟୁପିରେ ସବର୍ଣ୍ଣ ସାଂସଦଙ୍କୁ ଚୁଡ଼ି ପଠାଗଲା

ନୂଆଦିଲ୍ଲୀ: ୟୁଜିସିର ନୂତନ ନିୟମକୁ ବିରୋଧ କରି ସାରା ଦେଶରେ ସାଧାରଣ ବର୍ଗର ଛାତ୍ରଙ୍କ ବିକ୍ଷୋଭ ତୀବ୍ର ହୋଇଛି। ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି। ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବହୁ ସଂଖ୍ୟକ ବ୍ୟାରିକେଡ୍ ଲଗାଯାଇଛି। ଲକ୍ଷ୍ନୌ, ରାୟବରେଲି, ବାରାଣସୀ, ମେରଠ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ର, ଯୁବକ ଓ ବିଭିନ୍ନ ସଂଗଠନ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ଉଚ୍ଚଜାତିର ସାଂସଦଙ୍କ ନିକଟକୁ ଚୁଡ଼ି ପଠାଇଛନ୍ତି। ୟୁପି ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଏହି ନୂଆ ନିୟମକୁ ବିରୋଧ କରି ଇସ୍ତଫା ଦେଇଛନ୍ତି।

## ଟ୍ରେନ ବିଳମ୍ବରୁ ପରୀକ୍ଷାରୁ ବଞ୍ଚିତ ଛାତ୍ରୀ

# ରେଳବାଇକୁ ୯ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୨୭।୧: ଟ୍ରେନ ବିଳମ୍ବ ଯୋଗୁଁ ଜଣେ ଛାତ୍ରୀ ପରୀକ୍ଷା ଦେଇପାରିନଥିଲେ। ତାଙ୍କର ସମ୍ପୂର୍ଣ୍ଣ ବର୍ଷ ନଷ୍ଟ ହୋଇଗଲା। ପୀଡିତ ଛାତ୍ରୀ ତାଙ୍କ ଓକିଲଙ୍କ ମାଧ୍ୟମରେ ରେଳବାଇକୁ ଶିକ୍ଷା ଦେବା ପାଇଁ ଜରିମାନା ଦାଖଲ କରିଥିଲେ। ବର୍ଷ ବର୍ଷ ଧରି ଚାଲିଥିବା ମାମଲା ପରେ, ଉପଭୋକ୍ତା ଫୋରମ୍ ଛାତ୍ରଙ୍କ ଅଭିଯୋଗକୁ ସତ୍ୟ ବୋଲି ଜାଣିପାରି ରେଳବାଇ ଉପରେ ଏକ ବଡ଼ ଜୋରିମାନା ଲଗାଇଛି।



କୋତୱାଲି ଥାନା ଅଞ୍ଚଳର ପିକୌରା ବକ୍ସ ଅଞ୍ଚଳର ଛାତ୍ରୀ ବାୟୋଟେକରେ ବିଏସସି ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କର ପରୀକ୍ଷା କେନ୍ଦ୍ର ଲକ୍ଷ୍ନୌର ଜୟନାରାୟଣ ପିଜି କଲେଜକୁ ଦିଆଯାଇଥିଲା। ପରୀକ୍ଷା ଦେବା ପାଇଁ ଛାତ୍ରୀ ବସ୍ତିରୁ ଏକ ଇଣ୍ଟରସିଟି ସୁପରଫାଷ୍ଟ ଟ୍ରେନ୍ ଟିକେଟ୍ ବୁକ୍ କରିଥିଲେ। ଲକ୍ଷ୍ନୌ ପାଇଁ ନିର୍ଦ୍ଧାରିତ ଆଗମନ ସମୟ ସକାଳ ୧୧ଟା ଥିଲା, କିନ୍ତୁ ବିଳମ୍ବ ଯୋଗୁଁ, ଟ୍ରେନ୍ ନିର୍ଦ୍ଧାରିତ ସମୟଠାରୁ ଅଢ଼େଇ ଘଣ୍ଟା ବିଳମ୍ବରେ ପହଞ୍ଚିଲା। ଛାତ୍ରୀ ଜଣକ ଅପରାହ୍ଣ ୧୨.୩୦ରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଥିଲା। ଫଳସ୍ୱରୂପ, ସେ ତାଙ୍କ ପରୀକ୍ଷା ଦେଇପାରିନଥିଲେ। ଛାତ୍ରୀ ଜଣକ କଞ୍ଜୁମର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରେଳବାଇକୁ ଏହାର ପରିଣାମ ଭୋଗିବାକୁ ପଡିଥିଲା। ଜିଲ୍ଲା ଉପଭୋକ୍ତା କମିଶନର ଅଧ୍ୟକ୍ଷ/ବିଚାରପତି ଅମରଜିତ୍ ବର୍ମା ଏବଂ ସଦସ୍ୟ ଅଜୟ ପ୍ରକାଶ ସିଂହ ରେଳବାଇ ଉପରେ ଜରିମାନା ଲଗାଇ ଛାତ୍ରୀଙ୍କୁ ୯ ଲକ୍ଷ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଯଦି ରେଳବାଇ କ୍ଷତିପୂରଣ ଦେବାରେ ବିଳମ୍ବ କରେ, ତେବେ ତାଙ୍କୁ ଦେୟର ୧୨ ପ୍ରତିଶତ ସୁଧ ଭାବରେ ଦେବାକୁ ପଡିବ।

## ❑ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ

# ଜିଅନ୍ତା ଜଳିଗଲେ ୮ ଜଣ



କୋଲକାତା,୨୭।୧: ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ଦୁଇ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତି କମରେ ୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ନିଖୋଜ ଅଛନ୍ତି। କୋଲକାତା ଉପକଣ୍ଠରେ ନରେନ୍ଦ୍ରପୁର ପୁଲିସ ଷ୍ଟେସନ ଅଧୀନରେ ଥିବା ନାଜିରାବାଦ ଅଞ୍ଚଳର ଦୁଇଟି ୟୁନିଟରେ ଲାଗିଥିବା ନିଆଁକୁ ସାତ ଘଣ୍ଟାର ପ୍ରୟାସ ପରେ ନିୟନ୍ତ୍ରଣ କରାଯାଇଛି। ନିକଟସ୍ଥ ଗୋଦାମଗୁଡ଼ିକରେ ସନ୍ଧାନ ଅଭିଯାନ ସମୟରେ ସନ୍ଧ୍ୟା ପ୍ରାୟ ୫ଟାରେ ତିନୋଟି ଗୁରୁତର ପୋଡ଼ି ଯାଇଥିବା ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ଆଉ ପାଞ୍ଚଟି ମୃତଦେହ ମିଳିଛି। ଭଗ୍ନାବଶେଷ ସମ୍ପୂର୍ଣ୍ଣ ଭାବରେ ହଟାଇବା ଏବଂ ଅଗ୍ନିଶମ ବାହିନୀ ସମସ୍ତ ଅଗ୍ନି ନିର୍ବାପନ ସ୍ଥାନକୁ ସମ୍ପୂର୍ଣ୍ଣ ଭାବରେ ଲିଭାଇ ଦେବା ପରେ ହିଁ ନିଆଁରେ ଫସି ରହିଥିବା ଅଧିକ ଲୋକଙ୍କ ସମ୍ପର୍କରେ ଜଣାପଡିବ। ଅଗ୍ନିଶମ ସେବା ମନ୍ତ୍ରୀ ସୁଜିତ ବୋଷ କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ପୋଡ଼ିଯାଇଥିବା କୋଠାର ବିଭିନ୍ନ ମହଲାରେ ବାକି ଥିବା ନିଆଁ ଲିଭାଇବା ପାଇଁ ଦଳଗୁଡ଼ିକ କାମ କରୁଛନ୍ତି। ଘଟଣାସ୍ଥଳରେ ହାଇ-ମାଷ୍ଟ ଲ୍ୟାମ୍ପ ସ୍ଥାପନ କରାଯାଇଛି।

ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଟିଏମସି ସରକାର ଉପରେ ବିପର୍ଯ୍ୟୟ ପରିଚାଳନାରେ ସମ୍ବେଦନହୀନତା ଏବଂ ଦୁର୍ବଳ ସମନ୍ୱୟ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଏବଂ ବରିଷ୍ଠ ସରକାରୀ ଏବଂ ପୁଲିସ ଅଧିକାରୀମାନେ ଗଣତନ୍ତ୍ର ଦିବସ ଛୁଟି ଉପଭୋଗ କରୁଛନ୍ତି ଏବଂ ଗରିବଙ୍କ ପାଇଁ କୌଣସି ଚିନ୍ତା ନାହିଁ। ଏହି ସରକାର ଯେତେ ଶୀଘ୍ର ଚାଲିଯିବ, ସେତେ ଭଲ।

## ଦେଶରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ

# ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ



## ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର ପ୍ରଦାନ

ନୂଆଦିଲ୍ଲୀ,୨୭।୧: ସାରା ଦେଶରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଉଛି। ଏହି ଅବସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କର୍ତ୍ତବ୍ୟ ପଥଠାରେ ମଧ ଗଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିଛନ୍ତି। ମୁଖ୍ୟ ଅତିଥି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ ଡେର୍ ଲେଏନଙ୍କ ସହିତ କର୍ତ୍ତବ୍ୟ ପଥଠାରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା।

ରାଷ୍ଟ୍ରପତି ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର ପ୍ରଦାନ କରିଛନ୍ତି। ଶୁଭାଂଶୁ ଭାରତର ସବୁଠାରୁ ପ୍ରତିଷ୍ଠିତ ବୀରତା ପୁରସ୍କାର ଅଶୋକ ଚକ୍ର ଗ୍ରହଣ କରିଥିବା ପ୍ରଥମ ମହାକାଶଚାରୀ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ପରମ୍ପରା ଓ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଦେଶର ଗଣତାନ୍ତ୍ରିକ ଏକତା, ଶକ୍ତି ଓ ବଳିଷ୍ଠ ସହଭାଗିତାରେ ଦେଶ ଆଗକୁ ବଢ଼ିବା ଲଗି ଶକ୍ତି ଯୋଗାଇଛି ବୋଲି ସେ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି, ମୋର ସମସ୍ତ ନାଗରିକଙ୍କୁ ସର୍ବୋତ୍ତମ ସାଧାରଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା। ଭାରତର ଗର୍ବ, ସମ୍ମାନ ଏବଂ ଗୌରବର ପ୍ରତୀକ ଏହି ମହାନ ଜାତୀୟ ପର୍ବ ଆପଣଙ୍କ ଜୀବନରେ ନୂତନ ଶକ୍ତି ଏବଂ ଉତ୍ସାହ ସଞ୍ଚାର କରୁ। ଏକ ବିକଶିତ ଭାରତ ପାଇଁ ଆପଣଙ୍କ ସଂକଳ୍ପ ଆହୁରି ଦୃଢ଼ ହେଉ। ଏହା ମୋର ହୃଦୟର କାମନା।

ସାଧାରଣତନ୍ତ୍ର ଦିବସରେ ମଧ ଅପରେଶନ ସିନ୍ଦୂରର ପୁନରାବୃତ୍ତି ଦେଖିବାକୁ ମିଳିଥିଲା। ଭାରତୀୟ ବାୟୁସେନାର ହେଲିକପ୍ଟରଗୁଡ଼ିକ ଅପରେଶନ ସିନ୍ଦୂର ପତାକା ଧରି ଆକାଶରେ ଉଡ଼ିଥିଲେ। ଏହି ଗଣତନ୍ତ୍ର ଦିବସରେ, ମୁଖ୍ୟ ପରେଡର ବିଷୟବସ୍ତୁ ଥିଲା ବନ୍ଦେ ମାତରମ। ପରେଡ ସମୟରେ, ବନ୍ଦେ ମାତରମ – ସ୍ୱାଧୀନତାର ମନ୍ତ୍ର, ସ୍ୱାବଲମ୍ବୀ ଭାରତ, ସମୃଦ୍ଧିର ମନ୍ତ୍ର ଥିମ ଉପରେ ଆଧାରିତ କର୍ତ୍ତବ୍ୟ ପଥରେ ୩୦ଟି ଟେବୁଲ ପ୍ରଦର୍ଶିତ ହୋଇଥିଲା। ପରେଡ ସମୟରେ ଭାରତୀୟ ବାୟୁସେନା ବିମାନ ଏକ ଫ୍ଲାଏପାଷ୍ଟ ପ୍ରଦର୍ଶନ କରିଥିଲା, ଯେଉଁଥିରେ ଅନେକ ଲଢୁଆ ବିମାନ, ପରିବହନ ବିମାନ ଏବଂ ହେଲିକପ୍ଟର ଅନ୍ତର୍ଭୁକ୍ତ ଥିଲା। ସମସ୍ତ ବିମାନ ଗଠନରେ ଆକ୍ରୋବାଟିକ୍ସ ପ୍ରଦର୍ଶନ କରିଥିଲା।

# ଶୀତ ଝଡ଼ ନେଲା ୩୦ ଜୀବନ



## ୧,୦୦୦ ବିମାନ ବାତିଲ

ୱାଶିଂଟନ,୨୭।୧: ଆମେରିକାରେ ଶୀତକାଳୀନ ଝଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବରଫ ଭିତରେ ଲୋକମାନେ ଥରୁଥିବା ବେଳେ ଶୀତଝଡ଼ରେ ପ୍ରାୟ ୩୦ ଜଣଙ୍କର ମୃତ୍ୟୁ ଘଟିଛି। ବିମାନ ଚଳାଚଳ ବ୍ୟାହତ ହୋଇଛି ଏବଂ ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ଅଛି ବୋଲି ବ୍ଲୁମବର୍ଗ ମଙ୍ଗଳବାର ରିପୋର୍ଟ କରିଛି। ଡେଲଟା ଏୟାର ଲାଇନ୍ସ ଇଙ୍କ୍ ଉତ୍ତର-ପୂର୍ବରେ ପ୍ରତିକୂଳ ପାଗ ଯୋଗୁଁ ବୋଷ୍ଟନ୍ ଓ ନ୍ୟୁୟର୍କର ଜନ୍ ଏଫ୍ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସେବା ପ୍ରଭାବିତ ହୋଇଛି। ଆମେରିକୀୟ ଏୟାରଲାଇନ୍ସ ଗ୍ରୁପ୍ ଇଙ୍କ୍ ଫ୍ଲାଇଟ୍ ଆୱେର୍ ଅନୁଯାୟୀ, ନିର୍ଦ୍ଧାରିତ ବିମାନର ଅଧାରୁ ଅଧିକ ବାତିଲ କରାଯାଇଥିବା ବେଳେ ମଙ୍ଗଳବାର ପ୍ରାୟ ୫୦୦ ମେନ୍ ଲାଇନ୍ ଓ ଆଞ୍ଚଳିକ ସେବାକୁ ବନ୍ଦ କରାଯାଇଛି। ଡାଟା ପ୍ରୋଭାଇଡର ଅନୁଯାୟୀ, ମଙ୍ଗଳବାର ନ୍ୟୁୟର୍କ ସମୟ ମଙ୍ଗଳବାର ରାତି ୧ଟା ସୁଦ୍ଧା ପ୍ରାୟ ୧,୦୦୦ ବିମାନ ବାତିଲ କରାଯାଇଛି। ତଥାପି ଏହା ରବିବାର ଓ ସୋମବାରର ମୋଟ ୧୧,୬୦୦ ବାତିଲ ତୁଳନାରେ ଯଥେଷ୍ଟ କମ୍। ବିମାନସେବାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ଅନେକ ଦିନ ଲାଗିବ ବୋଲି କୁହାଯାଉଛି। ଅନେକ ଜିଲ୍ଲାରେ ସ୍କୁଲ-କଲେଜ ବନ୍ଦ ହେବା ସହ ଅନ୍ୟମାନେ ଅନଲାଇନ ପାଠପଢ଼ାକୁ ଫେରିଛନ୍ତି। ଜାତୀୟ ପାଣିପାଗ ସେବା ଏହି ସପ୍ତାହ ଶେଷରେ ଆଉ ଏକ ସମ୍ଭାବ୍ୟ ଗୁରୁତ୍ୱପୂର୍ଣ୍ଣ ଶୀତ ଝଡ଼ ବିଷୟରେ ଚେତାବନୀ ଦେଇଛି।

## ମଧ୍ୟପ୍ରଦେଶ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ

# ଶ୍ରୀମହାକାଳେଶ୍ୱର ମନ୍ଦିରରେ ଭିଆଇପି ଦର୍ଶନ ପ୍ରଥା କାଏମ୍

ନୂଆଦିଲ୍ଲୀ,୨୭।୧: ଉଜ୍ଜୟିନୀର ଶ୍ରୀମହାକାଳେଶ୍ୱର ମନ୍ଦିରରେ ଭିଆଇପି ଦର୍ଶନ ପ୍ରଥାକୁ କାଏମ୍ ରଖିଲେ ସୁପ୍ରିମ୍‌କୋର୍ଟ। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରାଯାଇଥିଲା। ଆଜି ଏହି ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି। ଉଜ୍ଜୟିନୀର ଶ୍ରୀମହାକାଳେଶ୍ୱର ମନ୍ଦିରର ଗର୍ଭଗୃହରେ ସାଧାରଣ ଓ ଭିଆଇପି ଭକ୍ତଙ୍କ ମଧ୍ୟରେ ଭେଦଭାବ ନ କରି ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଦର୍ପଣ ଅବସ୍ଥିଙ୍କ ଆବେଦନରେ ଦାବି କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଆର୍ ମହାଦେବନ୍ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ଯେଉଁମାନେ ଏଭଳି ପିଟିସନ ଦାଖଲ କରନ୍ତି ସେମାନେ ପ୍ରକୃତ ଭକ୍ତ ନୁହନ୍ତି ଏବଂ କୋର୍ଟ ଏଭଳି ପ୍ରସଙ୍ଗରେ ନିର୍ଦ୍ଦେଶାବଳୀ କିମ୍ବା ନୀତି ସ୍ଥିର କରିବା ଅନୁଚିତ। ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଜୈନଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ ଏବଂ ଆବେଦନକାରୀଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଥିଲେ।

# ଇୟୁ ବସ୍‌ଙ୍କ ଗୋଆ ଲିଙ୍କ୍

ନୂଆଦିଲ୍ଲୀ,୨୭।୧: ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ବାଣିଜ୍ୟ ଡିଲ ଘୋଷଣା ସମୟରେ ଗୋଟିଏ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଛି। ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ ଲୁଇସ ସାଣ୍ଟୋସ ଡା କାଷ୍ଟୋ ଅପ୍ରତ୍ୟାଶିତ ଭାବେ ଦେଖାଇଛନ୍ତି ନିଜର ଓସିଆଇ କାର୍ଡ। ଏଥିସହ ଭାରତ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ସମସ୍ତଙ୍କୁ ଜଣାଇଛନ୍ତି। କୋଷ୍ଟା ନିଜର ଗୋଆ ଲିଙ୍କ କଥା କହିବା ସମୟରେ ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇୟୁ ସଭାପତି ଉର୍ସୁଲା ଭନ ଡେର ଲିୟିନ ମଧ ସ୍ମିତହାସ୍ୟ ଦେଇଛନ୍ତି। ଆଣ୍ଟୋନିଓ କୋଷ୍ଟାଙ୍କ ବାପା ଗୋଆରେ ଜନ୍ମଗ୍ରହଣ କରିବା ସହ ସେଠାରେ ବଡ଼ ହୋଇଥିଲେ। ପୂର୍ବତନ ପର୍ତ୍ତୁଗିଜ କଲୋନୀ ସହ ସେ ଜଡ଼ିତ। ତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ପର୍ତ୍ତୁଗାଲକୁ ଚାଲି ଯାଇଥିଲେ। ସେ କହିଛନ୍ତି, ଗୋଆରୁ ମୋ ପରିବାର ଆସିଥିଲେ। ୟୁରୋପ ଓ ଭାରତ ମଧ୍ୟରେ ସହଭାଗିତା ମୋ ପାଇଁ ବେଶ ବ୍ୟକ୍ତିଗତ।



ଦେଖାଇଲେ ଓସିଆଇ କାର୍ଡ

## ୟୁଏଇ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ପରେ ପାକିସ୍ତାନକୁ ବଡ଼ ଝଟକା

# ଇସଲାମାବାଦ ବିମାନବନ୍ଦର ଚୁକ୍ତି ବାତିଲ

ନୂଆଦିଲ୍ଲୀ,୨୭।୧: ୟୁନାଇଟେଡ୍ ଆରବ ଏମିରେଟ୍ସ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ ନାୟାନଙ୍କ ତିନି ଘଣ୍ଟାର ଭାରତ ଗସ୍ତ ପରେ ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି। ସୂଚନା ଅନୁଯାୟୀ, ଅଗଷ୍ଟ ୨୦୨୫ରୁ ଦୁଇଦେଶ ମଧ୍ୟରେ ଆଲୋଚନା ଚାଲିଥିବା ଇସଲାମାବାଦ ଅନ୍ତର୍ଜାତୀୟ ବିମାନବନ୍ଦର ପରିଚାଳନା ପ୍ରସ୍ତାବକୁ ବାତିଲ କରିଦେଇଛି ୟୁଏଇ।

ପାକିସ୍ତାନୀ ଖବର କାଗଜ ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଖବର ପ୍ରକାଶ କରିଛି ଯେ, ଡିଲ୍ ବାତିଲ କରାଯାଇଥିବା ନେଇ ସୂଚନା ମିଳିଛି। କିନ୍ତୁ ଡିଲ୍ ବାତିଲ ହେବା ପଛରେ ପ୍ରକୃତ କାରଣ କ'ଣ ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ ୟୁଏଇ ଏବଂ ସାଉଦି ଆରବ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ସହିତ ଏହି ନିଷ୍ପତ୍ତିର ସାମଞ୍ଜସ୍ୟ କଥା ଚର୍ଚ୍ଚା ହେଉଛି। ଏକଦା ଘନିଷ୍ଠ ଉପସାଗରୀୟ ସହଯୋଗୀ, ରିୟାଦ ଏବଂ ଆବୁଧାବି ଏବେ ୟେମେନରେ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ସମର୍ଥନ କରିବାକୁ ଯାଇ ଏକ ବିଚିତ୍ର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଇସଲାମାବାଦ ରିୟାଦ ସହିତ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି। ସାଉଦି ଆରବ ଏବଂ ତୁର୍କୀ ସହିତ 'ଇସଲାମିକ୍ ନାଟୋ' ଗଠନ କରିବାକୁ ଚେଷ୍ଟା କରୁଛି। ସେପଟେ ୟୁଏଇ ଭାରତ ସହିତ ଏକ ନୂତନ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରି ଏକ ଭିନ୍ନ ଦିଗରେ ଗତି କରିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୦୨୫ରେ ସାଉଦି ଆରବ ପାକିସ୍ତାନ ସହିତ ଏକ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଗୋଟିଏ ଦେଶ ଉପରେ ଆକ୍ରମଣକୁ ଉଭୟ ଉପରେ ଆକ୍ରମଣ ଭାବରେ ବିବେଚନା କରାଯିବ ବୋଲି ଚୁକ୍ତିରେ ଥିଲା। ସେପଟେ ୟୁଏଇ ରାଷ୍ଟ୍ରପତି ନୂଆଦିଲ୍ଲୀ ଗସ୍ତରେ ଆସି ଭାରତ ସହିତ ଏକ ନୂଆ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି। ପ୍ରାୟ ଚାରି ଦଶନ୍ଧି ପୂର୍ବେ, ୟୁଏଇ ପାକିସ୍ତାନର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଥିଲା । ବିଭିନ୍ନ କ୍ଷେତ୍ରରେ ହଜାର ହଜାର ପାକିସ୍ତାନୀ ଶ୍ରମିକଙ୍କୁ ନିଯୁକ୍ତି ଦେଇଥିଲା। ଦୁଇ ଦେଶ ପ୍ରତିରକ୍ଷା, ଶକ୍ତି ଏବଂ ନିବେଶ ପଦକ୍ଷେପରେ ମଧ ସହଯୋଗ କରିଥିଲେ। କିନ୍ତୁ ସମୟ ସହିତ ସୁରକ୍ଷା ସମସ୍ୟା, ଲାଇସେନ୍ସ ବିବାଦ ଏବଂ ପାକିସ୍ତାନର ପୁରୁଣା ଭିତ୍ତିଭୂମି ଯୋଗୁଁ ସମ୍ପର୍କ ଖରାପ ହୋଇଛି। ରାଜନୈତିକ ହସ୍ତକ୍ଷେପ ଦ୍ୱାରା ଦୁର୍ବଳ ଶାସନ ଏବଂ କୁପରିଚାଳନା, ପାକିସ୍ତାନର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ବିପୁଳ କ୍ଷତି ଘଟାଇଛି। ଫଳରେ କମ ଟଙ୍କାରେ ବିକ୍ରି ହୋଇଯାଉଛି ସରକାରୀ ଉଦ୍ୟୋଗ ଏବଂ କମ୍ପାନି। ଇସଲାମାବାଦ ଗତବର୍ଷ ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସକୁ ଘରୋଇକରଣ କରିଥିଲା। ଆଫଗାନିସ୍ତାନ ସମେତ କଷ୍ଟକର ପରିସ୍ଥିତିରେ ବିମାନବନ୍ଦର ପରିଚାଳନା କରିବାରେ ୟୁଏଇର କ୍ଷମତା ସତ୍ତ୍ୱେ, ବିମାନବନ୍ଦର ପ୍ରକଳ୍ପରୁ ଓହରିଯିବା ପରେ ଇସଲାମାବାଦ ୟୁଏଇର ବିଶ୍ୱାସ ହରାଇଛି।




## ଭାରତ ଆସିବେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି

# ୟୁରାନିୟମ-ଗ୍ୟାସ୍ ଉପରେ ହେବ ଡିଲ୍

## ସମ୍ପର୍କରେ ଆସିବ ସୁଧାର

ନୂଆଦିଲ୍ଲୀ,୨୭।୧: ଭାରତ ଏବଂ କାନାଡା ସମ୍ପର୍କ ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଗଣତନ୍ତ୍ର ଦିବସରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ତାଙ୍କ କାନାଡା ପ୍ରତିପକ୍ଷ ଅନିତା ଆନନ୍ଦଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଦୁଇ ମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ବିସ୍ତୃତରେ ଆଲୋଚନା କରିଥିଲେ ଏବଂ ସେଗୁଡ଼ିକୁ ଅତ୍ୟନ୍ତ ଉପଯୋଗୀ ବୋଲି ବର୍ଣ୍ଣନା କରିଥିଲେ।

ଏହି ଆଲୋଚନାରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ଆଗାମୀ ଭାରତ ଗସ୍ତ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ସୂତ୍ର ଅନୁଯାୟୀ କାର୍ନି ମାର୍ଚ୍ଚ ଆରମ୍ଭରେ ଭାରତ ଗସ୍ତ କରିବେ ବୋଲି ଆଶା କରାଯାଉଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ପାଇଁ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା କରାଯାଉଛି। ଉର୍ଜା, ୟୁରାନିୟମ୍ ଯୋଗାଣ ଏବଂ ଖଣିଜ ପଦାର୍ଥ ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଆରମ୍ଭ ହୋଇସାରିଛି। କାନାଡା ପ୍ରଧାନମନ୍ତ୍ରୀ କାର୍ନି ସମ୍ପ୍ରତି ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ ତାଙ୍କ ଭାଷଣରେ ବିଶ୍ୱର ଉଦୀୟମାନ ଶକ୍ତିଗୁଡ଼ିକୁ ଏକତ୍ରିତ ହେବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ମଧ୍ୟମ ଶକ୍ତିଗୁଡ଼ିକ ଏକ ପରିବର୍ତ୍ତିତ ବିଶ୍ୱ କ୍ରମରେ ଏକାଠି କାମ କରିବା ଉଚିତ।



ୟୁରୋପ, କାନାଡା ଏବଂ ଭାରତ ସମେତ ଅନେକ ଦେଶ ଉପରେ ଆମେରିକା ସରକାର ବାଣିଜ୍ୟ ଚାପ ପ୍ରୟୋଗ କରୁଥିବା ସମୟରେ ତାଙ୍କର ଏହି ବକ୍ତବ୍ୟ ଆସିଥିଲା। ଅନେକ ବିଶେଷଜ୍ଞ କାର୍ନିଙ୍କ ବକ୍ତବ୍ୟକୁ ଭାରତ-କାନାଡା ସମ୍ପର୍କ ବୃଦ୍ଧିର ସକାରାତ୍ମକ ଦିଗ ରୂପେ ଦେଖୁଛନ୍ତି। ଶକ୍ତି କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଏବଂ କାନାଡା ମଧ୍ୟରେ ଏହି ସପ୍ତାହରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ଭାରତ ଶକ୍ତି ସପ୍ତାହରେ ଅଂଶଗ୍ରହଣ କରିବା ପାଇଁ କାନାଡା ଶକ୍ତି ମନ୍ତ୍ରୀ ଟିମ୍ ହଜସନ୍ ଗୋଆ ଆସୁଛନ୍ତି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହ ହଜସନଙ୍କ ସାକ୍ଷାତରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ୟୁରାନିୟମ୍ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ଭଳି କ୍ଷେତ୍ରରେ ସମ୍ଭାବ୍ୟ ଚୁକ୍ତି ଉପରେ ଆଲୋଚନା ହେବ। ଗତ କିଛି ମାସ ମଧ୍ୟରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଛି, ଯେଉଁଥିରେ ହାଇକମିଶନରଙ୍କ ନିଯୁକ୍ତି ଏବଂ ଅନ୍ୟାନ୍ୟ ପଦକ୍ଷେପ ସାମିଲ ରହିଛି।



# ଫୁଟବଲ ପଡ଼ିଆରେ ଗୁଳିମାଡ଼: ୧୧ ମୃତ

ମେକ୍ସିକୋ ସିଟି,୨୭।୧: ରକ୍ତ ରଞ୍ଜିତ ହୋଇଗଲା ଫୁଟବଲ୍ ପଡ଼ିଆ। ଚାରିଆଡ଼େ ଖାଲି ମୃତଦେହ। ଯେଉଁ ମୈଦାନ ଖେଳାଳିଙ୍କ ପାଟିରେ ଫାଟି ପଡୁଥିଲା, ସେଠାରେ ଖେଳିଗଲା ଘନ ନୀରବତା। ମେକ୍ସିକୋରେ ଗ୍ୟାଙ୍ଗୱାରର ଭୟଙ୍କର ରୂପ ଦେଖିବାକୁ ମିଳିଛି। ମଧ ମେକ୍ସିକୋରେ ଏକ ଫୁଟବଲ୍ ମୈଦାନରେ ବନ୍ଧୁକଧାରୀମାନେ ଗୁଳିମାଡ଼ କରିଛନ୍ତି। ଏହି ଗୁଳିକାଣ୍ଡରେ ଅତି କମରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ସଲାମାଙ୍କା ମେୟର ସିଜର ପ୍ରିଏଟୋ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ ପୋଷ୍ଟରେ କହିଛନ୍ତି, ବନ୍ଧୁକଧାରୀ ଏକ ଫୁଟବଲ୍ ମ୍ୟାଚ୍ ଶେଷ ହେବା ପଡ଼ିଆକୁ ଆସିଥିଲେ। ଘଟଣାସ୍ଥଳରେ ଦଶ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ପରେ ହସ୍ପିଟାଲରେ ଜଣେ ମୃତ୍ୟୁବରଣ କରିଥିଲେ। ମେୟର କହିଛନ୍ତି ଯେ, ଆହତଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ନାବାଳକ ଅଛନ୍ତି। ଘଟଣାକୁ ନେଇ ଗୁଆନାଜୁଆଟୋ ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ କହିଛି, ଏହି ଘଟଣାର ତଦନ୍ତ କରାଯାଉଛି ଏବଂ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରିବା ପାଇଁ ସଂଘୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଛି। ଗତବର୍ଷ, ଗୁଆନାଜୁଆଟୋରେ ମେକ୍ସିକୋରେ ସର୍ବାଧିକ ହତ୍ୟା ଘଟିଥିଲା। ସାଣ୍ଟା ରୋଜା ଡି ଲିମା ନାମକ ଏକ ସ୍ଥାନୀୟ ଗ୍ୟାଙ୍ଗ ଓ ମେକ୍ସିକୋର ଶକ୍ତିଶାଳୀ ଜଲିସ୍କୋ ନ୍ୟୁ ଜେନେରେସନ କର୍ଣ୍ଟ୍ରୋଲ୍ ମଧ୍ୟରେ ସଂଘର୍ଷ ଚାଲିଛି।

### ସାଧାରଣତନ୍ତ୍ର ଦିବସରେ କର୍ତ୍ତବ୍ୟ ପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼

# ବିଶ୍ୱ ଦେଖିଲା ଆତ୍ମନିର୍ଭର ଭାରତ ପାଇଁ ଓଡ଼ିଶାର ପ୍ରତିବଦ୍ଧତା

ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ): ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଭାରତର ସମ୍ମାନନୀୟା ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଛି ଓଡ଼ିଶାର ପ୍ରଜ୍ଞାପନ ମେଢ଼। ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ମାଧ୍ୟମରେ ସାଂପ୍ରତିକ ଭାରତକୁ ସମୃଦ୍ଧ ଓ ଆତ୍ମନିର୍ଭର ଭାରତରେ ପରିଣତ କରିବା ଦୃଷ୍ଟିକୋଣକୁ ନେଇ ଚଳିତ ବର୍ଷ ପାଇଁ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ‘ସମୃଦ୍ଧିର ମନ୍ତ୍ର, ଆତ୍ମନିର୍ଭର ଭାରତ’ ଆଧାରରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିଥିଲା।

ପ୍ରଜ୍ଞାପନ ମେଢ଼ରେ, ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଉପସ୍ଥାପନ କରାଯାଇଥିଲା। ପ୍ରଜ୍ଞାପନ ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ସିଲିକନ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯାଇଥିଲା।




**କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ**

ପ୍ରଜ୍ଞାପନ ମେଢ଼ର ଅଗ୍ରଭାଗକୁ ଶ୍ରୀ ଜଗନ୍ନାଥ ରଥର ଭୂମି ଭାବେ ନିର୍ମାଣ କରାଯାଇ, ଏହାର ଉପର ଭାଗରେ ଓଡ଼ିଶାରେ ମହିଳା ସଶକ୍ତିକରଣର ବାସ୍ତବ ଚିତ୍ରକୁ ଘୂର୍ଣ୍ଣାୟମାନ ପ୍ରତିକୃତି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭଶୀଳ କରିବା ଦିଗରେ ପ୍ରଣୀତ ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’କୁ ଉପସ୍ଥାପନ କରିବାକୁ ଯାଇ ଡୋକ୍ରା ହସ୍ତଶିଳ୍ପ କଳା ଆଧାରିତ ଷଣ୍ଢ ସ୍ଥାନିତ ହୋଇଥିଲା। ଓଡ଼ିଶାର ଅନନ୍ୟ ପ୍ରସ୍ତର ଶିଳ୍ପ କଳାର ନିଦର୍ଶନ ସ୍ୱରୂପ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ଏବଂ ପଶ୍ଚାତ୍ ଭାଗରେ ଓଡ଼ିଶାର କାଳଜୟୀ ସ୍ଥାପତ୍ୟ ଓ କଳାତ୍ମକ ଐତିହ୍ୟକୁ ନେଇ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ପ୍ରତିରୂପ ସ୍ଥାନିତ ହୋଇଥିଲା। ପ୍ରଜ୍ଞାପନ ମେଢ଼ର ଡେକ୍ ଉପରେ ପୁରୁଷ ଓ ମହିଳା କାରିଗରମାନଙ୍କ ଦ୍ୱାରା ପ୍ରସ୍ତର ଶିଳ୍ପ କଳା, ସବାଇ ଘାସରୁ ପ୍ରସ୍ତୁତ ଘରକରଣା ଓ ଗୃହସଜ୍ଜା ସାମଗ୍ରୀ ଏବଂ ପିପିଲି ଚାନ୍ଦୁଆ ପ୍ରସ୍ତୁତି କଳାର ଜୀବନ୍ତ ପ୍ରଦର୍ଶନ କରାଯାଇଥିଲା।

ସମ୍ବଲପୁରୀ ବସ୍ତ୍ର ଆଚ୍ଛାଦିତ ଓ ପଟ୍ଟଚିତ୍ର କଳାରେ ଚିତ୍ରିତ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱ ଓ ପଶ୍ଚାତ ଭାଗରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ପ୍ରତିଫଳିତ କରାଯାଇଥିଲା। ସେହିପରି, ଅଗ୍ରଭାଗକୁ ଓଡ଼ିଶାର ମହିଳାମାନଙ୍କ ଅପରୂପ ମାଣବସା ଗୁରୁବାର ଚିତ୍ରକଳାରେ ଚିତ୍ରିତ କରାଯାଇଥିଲା।

## ଖଣ୍ଡଗିରି ଉଦୟଗିରି ମହୋତ୍ସବ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ଖଣ୍ଡଗିରି ଏସଏସଏସ ମଣ୍ଡପଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଖଣ୍ଡଗିରି ଉଦୟଗିରି ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କୁନି ନୃତ୍ୟାଙ୍ଗନା ସୁଦୀପ୍ତା ତ୍ରିପାଠୀଙ୍କ ଓଡ଼ିଶୀ ନୃତ୍ୟରେ ଶୁଭାରମ୍ଭ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ,ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଛବି ଦାସ, ସକିବା ମୁସରତ, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଅଜିତ ବେହେରା, ସନ୍ତୋଷ ସିଂହ, ଶ୍ରୀଧର ବେହେରା, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସୁଜିତ୍ ସ୍ୱାଇଁ, ରାଜେଶ ପାତ୍ର, ମନୋରଞ୍ଜନ ତ୍ରିପାଠୀ, ଅନୁଷ୍ଠାନର ସହସମ୍ପାଦକ ଡ ସୁରେଶ ବାରିକ, ମନୋଜ କୁମାର ବେହେରା ଉପସ୍ଥିତ ଥିଲେ। ଏହି ସଙ୍ଗୀତ ସନ୍ଧ୍ୟାରେ ସ୍ନେହାସୁର୍ ସଙ୍ଗୀତ ଅନୁଷ୍ଠାନର ବ୍ଲାକ୍ ରବି ଓ ସିକା କୁଲମ୍ର ଗାୟକ ଚଣ୍ଡି ପ୍ରସାଦଙ୍କ ଗୀତରେ ଦର୍ଶକ ଝୁମିଥିଲେ।

## ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍

ଜୟପୁର, ୨୭।୧ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହେଲେ ଲୁଟେରା ଦଳ। ଥାନାଠାରୁ ଅତି ନିକଟ ରାଜପଥ କଡ଼କୁ ଲାଗି ରହିଥିବା ଏକ ଘରେ ମୁଖ୍ୟ ଫାଟକ ଭାଙ୍ଗି ଘରେ ପଶିଲେ ଆଉ ଘର ମାଲିକଙ୍କୁ ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ଟଙ୍କା ଲୁଟିନେଇ ଚମ୍ପଟ ମାରିଛନ୍ତି ୪ଜଣ ଦୁର୍ବୃତ୍ତ। ଏହି ଘଟଣା ସମ୍ପର୍କରେ ପୁଲିସକୁ କହିଲେ ଜୀବନରେ ମାରିଦେବା ନେଇ ଘରମାଲିକଙ୍କୁ ଧମକ ଦିଆଯାଇଛି। ଏଭଳି ଘଟଣା ଘଟିଛି ବୋରିଗୁମ୍ମା ସହରରେ। ଗତ ରାତିରେ ବୋରିଗୁମ୍ମା ସହର ଜୟପୁର ରୋଡ ପାର୍ଶ୍ୱରେ ଥିବା ଜଣେ ବ୍ୟବସାୟୀ ଟୁଲେ ଗୁରୁମୂର୍ତ୍ତିଙ୍କ ଘରେ ଡକାୟତି ହୋଇଛି। ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ନଗଦ ଦୁଇ ଲକ୍ଷ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଉଛନ୍ତି। ଏହି ଘଟଣାରେ ବୋରିଗୁମ୍ମା ପୁଲିସକୁ ପାଇଁ ଚିନ୍ତାର କାରଣ ସାଜିଛି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଲୁଟ୍ ଉଦ୍ୟମ ମାମଲାରେ ୩ ଗିରଫ

**ଜୟପୁର,୨୭।୧(ସଂଚାର ବ୍ୟୁରୋ):** ଜୟପୁର ଜୟନଗରଠାରୁ ଫିସରି ଅଫିସ ଦେଇ ନୂଆସାହି ରାସ୍ତାକୁ ବାହାରିବା ରାସ୍ତାରେ ଲୁଟ ଉଦ୍ୟମରେ ଆଜି ଜୟପୁର ଟାଉନ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୩ଜଣ ହେଲେ ଦଶମନ୍ତପୁର ବ୍ଲକ ଗିରଲିଗୁମ୍ମା ଗ୍ରାମର ସାମୁଏଲ ହିଆଲ(୨୨), ଖ୍ରୀଷ୍ଟିଆନ ପେଟା ଅଞ୍ଚଳର ମନୋଜ ନାୟକ(୧୯), ଖ୍ରୀଷ୍ଟିଆନ ପେଟା ନବୀନ କଲୋନିର ଜୟ କୁମାର (୧୮)। ପୁଲିସ ସୂଚନା ଅନୁଯାୟୀ ବବୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟରେ ଫିସରି ବନ୍ଧ ନିକଟରେ କିଛି ଯୁବକ ଗାଡିକୁ ଅଟକାଇ ଫୋନ ମାଗିଥିଲେ। ବାବୁଲା ମନା କରିବାରୁ ସେମାନେ ନିଜ ସମ୍ପର୍କିୟଙ୍କୁ ଫୋନ କରିବୁ ବୋଲି କହି ଛୁରି ଦେଖାଇ ଫୋନ ମାଗିଥିଲେ। ଏନେଇ ଟାଉନଥାନାରେ ବାବୁଲା ଅଭିଯୋଗ ଦେବା ପରେ ଟାଉନପୁଲିସ ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରି ଆଜି ୩ଜଣଙ୍କୁ ଧରିବାରେ ସଫଳ ହେବା ସହ ସେମାନଙ୍କ ଠାରୁ ୪ଟି ଛୁରି ଏବଂ କଟର ଜବତ କରିଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

### ଉତ୍କଳୀୟ ମିଳିତ ମଞ୍ଚ ଓ ସୂଚନା ଲୋକ ସଂପର୍କ ବିଭାଗ

## ପାଳିତ ହେଲା ୭୭ତମ ସାଧାରଣତନ୍ତ୍ର ଦିବସ

**କୋଲକାତା,୨୭।୧ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଓଡିଆ ସଂଗଠନ ସମୂହର କେନ୍ଦ୍ରୀୟ ସଂଗଠନ ଉତ୍କଳୀୟ ମିଳିତ ମଞ୍ଚ ଓ ଓଡିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ପାଳିତ ହେଲା ୭୭ତମ ସାଧାରଣତନ୍ତ୍ର ଦିବସ। ସକାଳ ୯ ଘଟିକାରେ ରାଜା ସୁବୋଧ ମଲ୍ଲିକ ସ୍କୋୟାର ସ୍ଥିତ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଜାତୀୟ ପତାକା ଉତ୍ତୋଳନ କରି ଉତ୍କଳ ଭବନ ଅଧିକାରୀ ସୌରଭ ପ୍ରଧାନ କହିଲେ ସମ୍ବିଧାନ ପ୍ରତି ନିଜ ଦାୟିତ୍ୱ ବୋଧକୁ ପ୍ରସାରିତ କରିବା ଉଚିତ। ଉତ୍କଳୀୟ ମିଳିତ ମଞ୍ଚର ସଚିବ ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ପରିବେଶବିତ୍ କୃତ୍ତିବାସ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ମହାନ୍ତି, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ପ୍ରହଲ୍ଲାଦ ପରିଡା ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ।



ସମଗ୍ର କାର୍ଯ୍ୟକ୍ରମକୁ ଉତ୍କଳୀୟ ମିଳିତ ମଞ୍ଚର ଶିକ୍ଷାସେଲର ସଂପାଦକ ପ୍ରଶାନ୍ତ କୁମାର ଦାସ ସଂଯୋଜନା କରିଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ




**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ଲାୟନ୍ସ କ୍ଲବ ଭୁବନେଶ୍ୱର ଦ୍ୱାରା ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଲାୟନ୍ସ କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରୱାଲ, କୋଷାଧ୍ୟକ୍ଷ ଲାୟନ ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ଲାୟନ କାହ୍ନୁଚରଣ ପୃଷ୍ଟି, ପୂର୍ବତନ ସଭାପତି ଲାୟନ କିଶୋର ଚନ୍ଦ୍ର ସାହୁ, କ୍ଲବର ବହୁ ସଦସ୍ୟ ଓ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଚକ୍ଷୁ ଚିକିତ୍ସାଳୟର ପୂର୍ବତନ ଅଧ୍ୟକ୍ଷ ଲାୟନ ସୁଧାଂଶୁ କୁମାର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହିତ ସଭାପତି ଗୋପବନ୍ଧୁ କଲୋନୀରେ ଜାତୀୟ ପତାକା ଉତ୍ତୋଳନ କରି ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବାଣ୍ଟିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ଗୋପାଳପୁର ବେଳାଭୂମି ମହୋତ୍ସବର ଶୁଭାରମ୍ଭ



**ବ୍ରହ୍ମପୁର/ଗୋପାଳପୁର,୨୭।୧ (ସଂଚାର ବ୍ୟୁରୋ):** ଗୋପାଳପୁର କେବଳ ଏକ ଆକର୍ଷଣୀୟ ବେଳାଭୂମି ଗନ୍ତବ୍ୟସ୍ଥଳ ନୁହେଁ, ଏହା ଏପରି ଏକ ସ୍ଥାନ ଯେଉଁଠାରେ ଇତିହାସ ବର୍ତ୍ତମାନ ସହିତ ମିଶିଛି ଓ ପ୍ରାଚୀନ କଳିଙ୍ଗର ବୀର ସାଧବମାନେ ବିଶାଳ ସମୁଦ୍ର ପାର ହୋଇ ବାଣିଜ୍ୟ ସହ ଆମ ସଂସ୍କୃତି ଏବଂ ମୂଲ୍ୟବୋଧର ପ୍ରଚାରପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଓଡ଼ିଶା ସର୍ବଦା ବିଶ୍ୱଦୃଷ୍ଟି, ଆତ୍ମବିଶ୍ୱାସ ଏବଂ ଉନ୍ନତ ଚିନ୍ତାଧାରା ସହିତ ଗଭୀର ଭାବରେ ଜଡିତ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଏହି ଉତ୍ସବ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଆଜିର ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ମୁଖ୍ୟଅତିଥି ପ୍ରକାଶ କରିଛନ୍ତି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବେଳାଭୂମି ମହୋତ୍ସବ ଓଡ଼ିଶାର ଶ୍ରେଷ୍ଠ ମହୋତ୍ସବ ମଧ୍ୟରୁ ଅନ୍ୟତମ। କଳା, ସାହିତ୍ୟ, ସଂସ୍କୃତି, ସଂଗୀତ ସମସ୍ତ କ୍ଷେତ୍ରରେ ଗଞ୍ଜାମର ସ୍ଥାନ ଓଡ଼ିଶାର ସର୍ବାଗ୍ରେ।

**ପଲ୍ଲିଶ୍ରୀ ମେଳାରେ ୨୫୦ ଷ୍ଟଲ, ଖାଦ୍ୟ ମେଳାରେ ୫୦ ଷ୍ଟଲ**

ବେଳାଭୂମି ମହୋତ୍ସବର ମାର୍ଗଦର୍ଶକ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଲେ ଯେ , ବହୁପ୍ରତିକ୍ଷୀତ ଗୋପାଳପୁର ବେଳାଭୂମି ମହୋତ୍ସବକୁ କେବଳ ଓଡିଶା ନୁହଁ ଦେଶ ତଥା ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏ ବର୍ଷ ଭାରତବର୍ଷର ସର୍ବୋତ୍ତମ କଳା, ସଂସ୍କୃତି, ଅନନ୍ୟ ସମୁଦ୍ର ଆଳତି, ବେଳାଭୂମି କ୍ରୀଡା, ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳାର ଆୟୋଜନ କରାଯାଇଛି। ଆଜିର ସାଂସ୍କୃତିକ ମଞ୍ଚ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ନାମରେ ସମର୍ପିତ ହେଇଥିଲା।

ପାଖାପାଖି ୨୫୦ଟି ଷ୍ଟଲ ସହିତ ଏକ ବୃହତ୍ ପଲ୍ଲୀଶ୍ରୀ ମେଳା ଆୟୋଜିତ ହୋଇଛି। ସମଗ୍ର ଦେଶର ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଉଦ୍ୟୋଗ, ହସ୍ତଶିଳ୍ପ ଓ ହସ୍ତତନ୍ତ ୟୁନିଟ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହେଉଛି। ଦର୍ଶନାର୍ଥୀମାନଙ୍କ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ଟି ଖାଦ୍ୟ ଷ୍ଟଲରେ ବିବିଧ ସ୍ୱାଦିଷ୍ଟ ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଛି।

## ଖଣ୍ଡଗିରିରେ ଯାତ୍ରା ଯୁଦ୍ଧ ଆରମ୍ଭ

- ୭ ପେଣ୍ଡାଲରେ ଦମ୍ ଦେଖାଇବେ ୧୫ ପାର୍ଟି
- ଜଲିଉଡ୍ ତାରକା ପୀୟୂଷଙ୍କ ଲାଗି ବଢୁଛି ଉତ୍ସାହ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ୨୫ରୁ ଖଣ୍ଡଗିରିରେ ମାଘ ମେଳା ଆରମ୍ଭ ହୋଇଥିବା ବେଳେ ଆରମ୍ଭ ହୋଇଛି ଅପେରା ଯୁଦ୍ଧ। ଆଜି ପ୍ରଥମ ଦିନରେ ୪ଟି ପେଣ୍ଡାଲରେ ନାଟକ ମଞ୍ଚସ୍ଥ କରିଛନ୍ତି ୪ଟି ପାର୍ଟି। ବୁଧବାରଠୁ ପର୍ଯ୍ୟାୟକ୍ରମେ ୭ଟି ପେଣ୍ଡାଲରେ ନାଟକ ମଞ୍ଚସ୍ଥ କରିବେ ୧୫ ଅପେରା ପାର୍ଟି। ତେବେ ପ୍ରଥମ ଦିନରେ ଯାତ୍ରା ରାଣୀ ସିଂହବାହିନୀର ଏଣ୍ଟ୍ରି ଏବଂ ଜଲିଉଡ୍ ସେନ୍ସେସନ୍ ପୀୟୂଷ ତ୍ରିପାଠୀଙ୍କୁ ଦେଖିବା ଲାଗି ଦର୍ଶକ ମହଲରେ ରହିଛି ଅପୂର୍ବ ଉତ୍ସାହ। ଏଥି ପାଇଁ ସକାଳୁ ସକାଳୁ ଟିକେଟ୍ କାଉଣ୍ଟର ଆଗରେ ଜମିଥିଲା ଦର୍ଶକଙ୍କ ଭିଡ଼। ସେପଟେ ଖଣ୍ଡଗିରିରେ ସାଧୁସନ୍ଥଙ୍କ ଉପସ୍ଥିତିରେ ହୋମ ଯଜ୍ଞ ଚାଲିଥିବା ବେଳେ ସୃଷ୍ଟି ହୋଇଛି ଅଧ୍ୟାତ୍ମିକ ପରିବେଶ। ସେହିଭଳି ସନାତନ ସେବା ସମିତି ଯାତ୍ରା କମିଟି ମଞ୍ଚରେ ଆଜିଠୁ କୋଣାର୍କ ଗଣନାଟ୍ୟ ଆରମ୍ଭ କରୁଛି ଏ ବର୍ଷର ସୁପର ହିଟ୍ ନାଟକ ତୁ ବୋଧେ ମୋ ଭାଗ୍ୟରେ ନାହୁଁ। ଅନନ୍ତ କେଶରୀ ସଂସ୍କୃତି ପରିଷଦ ମଞ୍ଚରେ ଧଉଳି ଗଣନାଟ୍ୟ ମଞ୍ଚସ୍ଥ କରିବ ନାଟକ ଚଣ୍ଡାଶୋକ। ସେହିଭଳି ହରେକୃଷ୍ଣ ମହତାବ ପେଣ୍ଡାଲରେ ଅପେରା ଅଶୋକ ସମ୍ରାଟ ମଞ୍ଚସ୍ଥ କରିବ ନାଟକ ଅଧା ରହିଗଲା ଆମ କାହାଣୀ। ଯାତ୍ରା ପେଣ୍ଡାଲଗୁଡ଼ିକରେ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଇଛି ଫାୟାର ମକ୍ ଡ୍ରିଲ୍। ସବୁ ମଣ୍ଡପକୁ ନିୟନ୍ତ୍ରଣ କରିବା ଲାଗି ଗୋଟିଏ କଣ୍ଟ୍ରୋଲ ରୁମ୍ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପ ବିକାଶ...

ଏବେ ବିଶ୍ୱସ୍ତରୀୟ ଉତ୍ପାଦନଭିତ୍ତିକ ଶିଳ୍ପର ହବ୍ ହେବାକୁ ଯାଉଛି। ଏଥିସହ ଏହା ରାଜ୍ୟ ଶିଳ୍ପାୟନ ପ୍ରକ୍ରିୟାରେ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଶିଳ୍ପାୟନରେ ଶ୍ରମିକମାନେ ହେଉଛନ୍ତି ପ୍ରକୃତ ସ୍ଥପତି। ସେମାନଙ୍କ ଉତ୍ସର୍ଗୀକୃତ କାମ ପାଇଁ ଶିଳ୍ପାୟନ ଧାରା ବଳବତ୍ତର ରହିବା ସହ ଉତ୍ପାଦନ କେବେବି ବନ୍ଦ ହୋଇନଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ବିକାଶକୁ କଦାପି କେତେ କୋଟି ଟଙ୍କାର ନିବେଶ ଆସିଛି, ସେଥିରୁ ମପାଯାଇନଥାଏ। ଲୋକଙ୍କ ଜୀବନଜୀବିକା, ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି, ପରିବାରକୁ ସାମାଜିକ ସୁରକ୍ଷା, ଭଲ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ହିଁ ବିକାଶର ଅସଲ ମାପକାଠି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେ ଆହୁରି କହିଥିଲେ ଯେ ପଶ୍ଚିମ ଓଡ଼ିଶା ଏବେ ବିଶ୍ୱସ୍ତରୀୟ ଶିଳ୍ପ ହବ୍ ହେଉଛି ଯେଉଁଠି ଆନ୍ତର୍ଜାତିକ ସ୍ତରର ଶିଳ୍ପ ସଂସ୍ଥା ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ଅଭିମୁଖୀ ଯୋଜନାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପାୟନରେ ରାଜ୍ୟ ସରକାରଙ୍କ ଫୋକସ୍ ହେଉଛି ପ୍ରତି ଘର ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଏମଏସଏମଇ କ୍ଷେତ୍ରର ବିକାଶ ସହ ସବୁଜ ଶକ୍ତିର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ଶିଳ୍ପ ସହ ପ୍ରତି ପରିବାର, ପ୍ରତି ଗାଁ ଓ ପ୍ରତି ଯୁବକଙ୍କ ବିକାଶ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପ ଏକ ସମୃଦ୍ଧ ଭବିଷ୍ୟତର ଭିତ୍ତିଭୂମି। ତେଣୁ ସମସ୍ତେ ଶିଳ୍ପକୁ ଖୋଲା ହାତରେ ସ୍ୱାଗତ କରିବାକୁ ମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି।

### ବଜେଟ୍ ପ୍ରେସ୍‌ରେ...

ଆଣ୍ଡ୍ରଏଡ୍ ଓ ଆଇଓଏସ୍ ଉଭୟ ପ୍ଲାଟଫର୍ମରେ ଉପଲବ୍ଧ ହେବ। ଏହି ଆପ୍ ୟୁନିୟନ୍ ବଜେଟ୍ ୱେବ୍ ପୋର୍ଟାଲରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଏହାଛଡ଼ା ଆସନ୍ତା ୧ ତାରିଖରେ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ ମୋବାଇଲ୍ ଆପ୍ ଓ ୱେବସାଇଟରେ ମଧ୍ୟ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

### ଭାରତ-ଇୟୁ...

ବିଭିନ୍ନ ଯନ୍ତ୍ରପାତି ଓ ଶିଳ୍ପ ସାମଗ୍ରୀ, ଅପ୍ଟିକାଲ୍, ମେଡିକାଲ୍ ଓ ସର୍ଜିକାଲ୍ ଉପକରଣ ଆଦି ଶସ୍ତା ହେବାକୁ ଥିବା ବେଳେ ଏହି ଚୁକ୍ତି ବଳରେ ଭାରତର ରପ୍ତାନୀ ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଇଛି। ଏହା ଆମଦାନୀ ଖର୍ଚ୍ଚକୁ ମଧ୍ୟ ବ୍ୟାପକ ମାତ୍ରାରେ ହ୍ରାସ କରିପାରିବ। ତେବେ ସେରିଏଲ୍ସ ଓ ଡେରୀ ପ୍ରଡକ୍ଟକୁ ଏହି ପରିସରଠାରୁ ଦୂରେଇ ରଖାଯାଇଛି। ସେହିପରି ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳଙ୍କାର, କପଡ଼ା, ଚମଡ଼ା ଓ ଜୋତା, ଖେଳଣା ଓ କ୍ରୀଡ଼ା ଉପକରଣ ଉପରେ କୌଣସି ପ୍ରକାର ଉତ୍ପାଦ ଖର୍ଚ୍ଚ ଲାଗିବ ନାହିଁ ବୋଲି କୁହାଯାଇଛି। ଏହି ଚୁକ୍ତିନାମା ଭାରତର ରୋଜଗାର, ନିବେଶ, ରପ୍ତାନୀ ଓ ବିଶ୍ୱ ପ୍ରଭାବ କ୍ଷେତ୍ରକୁ ଅଧିକ ଫାଇଦା ଦେବ। ଏଥିସହ ଏହି ଚୁକ୍ତି ଟ୍ରମ୍ପଙ୍କୁ ନିଶ୍ଚିତ ଭାବେ ପୀଡ଼ା ଦେବ। କାରଣ ଭାରତ ରୁଷିଆଠାରୁ ତୈଳ ଆମଦାନୀ କରୁଥିବାରୁ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଏଥିରେ ଭାରତ ଦବିଯିବ ବୋଲି ସେ ଆଶା କରିଥିଲେ। କିନ୍ତୁ ଭାରତ ୟୁରୋପୀୟ ୟୁନିୟନ୍ ପରି ଏକ ଶକ୍ତିଶାଳୀ ତଥା ବିଶ୍ୱର ଦ୍ୱିତୀୟ ବୃହତ୍ତମ ବଜାରରେ ନିଜର ଉତ୍ପାଦନ ବିକ୍ରି କରିବା ସକାଶେ ସୁଯୋଗ ପାଇବାରେ ସକ୍ଷମ ହୋଇଛି। ଏହି ଚୁକ୍ତିନାମା ଉଭୟ ପକ୍ଷ ମଧ୍ୟରେ ଏକ ଉତ୍ତମ ସମ୍ପର୍କର ପରିଚୟ ହୋଇଥିବା ବେଳେ ଏହାର ଆକାର ବିଶ୍ୱ ଜିଡିପିର ୨୫ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ଏକ- ତୃତୀୟାଂଶ ବୋଲି କୁହାଯାଇଛି। ଏହାଛଡ଼ା ଏହି ଚୁକ୍ତିନାମା ବଳରେ ଭାରତ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ପାଖାପାଖି ୪ ବିଲିୟନ୍ ୟୁରୋ ସଞ୍ଚୟ କରିପାରିବ ବୋଲି କୁହାଯାଉଛି।

### ଶିଳ୍ପପତିଙ୍କ...

ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଏକ ଡ୍ରୋନ୍ ଶୋ’ର ମଧ୍ୟ ଆୟୋଜନ କରାଯାଇଥିଲା।

‘ଏଣ୍ଟରପ୍ରାଇଜ ଓଡ଼ିଶା’ ରାଜ୍ୟରେ ନିଯୁକ୍ତିଭିତ୍ତିକ ଶିଳ୍ପାୟନ, ସମାନ୍ତରାଳ ଆଞ୍ଚଳିକ ବିକାଶ, ଏମଏସଏମଇର ସହଭାଗିତା, ସମନ୍ୱିତ ଶିଳ୍ପ ବିକାଶ ନେଇ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଆଗାମୀ ଦିନରେ ଓଡ଼ିଶା ଓ ଭାରତର ଅର୍ଥନୈତିକ ବିକାଶରେ ପଶ୍ଚିମ ଓଡ଼ିଶା ମୁଖ୍ୟ ଚାଳକ ହେବ ବୋଲି ଆଶା କରାଯାଉଛି। ଏବେ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ଏମଏସଏମଇରେ ଅଧିକ ନିବେଶକୁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାଦ୍ୱାରା ସ୍ଥାୟୀ ନିଯୁକ୍ତି ସମ୍ଭାବନା ଓ ସ୍ଥିର ଶିଳ୍ପ ବିକାଶକୁ ସୁନିଶ୍ଚିତ କରାଯାଇପାରିବ।

ଆଜି ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ନିବେଶ କରିଥିବା ଶିଳ୍ପପତି ଓ ଆଗାମୀ ଦିନରେ ନିବେଶ ପାଇଁ ଆଗ୍ରହୀ ଥିବା ନିବେଶକଙ୍କ ସହ ଏକ ରାଉଣ୍ଡ ଟେବୁଲ ବୈଠକ କରିଛନ୍ତି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆସନ୍ତାକାଲି ‘ଏଣ୍ଟରପ୍ରାଇଜ ଓଡ଼ିଶା’ରେ ବିଭିନ୍ନ ଶିଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କୁ ବିମାନ ବନ୍ଦରରେ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା।

### ପେଟ୍ରୋଲ୍...

ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବା ସକାଶେ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପିୟୁସିସି ନ ଥିଲେ ବି ପେଟ୍ରୋଲ ପମ୍ପରେ ପେଟ୍ରୋଲ କିମ୍ବା ଡିଜେଲ୍ ମିଳିବାରେ କୌଣସି ସମସ୍ୟା ହେବା ଉଚିତ ନୁହେଁ। ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଗତ ବର୍ଷ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ ଗାଡ଼ି ମାଲିକଙ୍କ ନିକଟରେ ପିୟୁସିସି ଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମିଳିପାରିବ ନାହିଁ। ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ ଉଲ୍ଲଂଘନ କରି ସରକାର ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଥିବା ଉକ୍ତ ପିଆଇଏଲ୍‌ରେ ଉଲ୍ଲେଖ କରାଯାଇଥିଲା। ସେହିପରି ଗାଡ଼ିର ପିୟୁସିସି ନ ଥିବା ଯାନ ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ କରିବା ନିୟମ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅଧିକନ୍ତୁ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନ ଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା ତାହାକୁ ବି ସେ ବେଆଇନ ବୋଲି ଦର୍ଶାଇଥିଲେ। ଏହି ମାମଲାରେ ସପ୍ତାହକ ପରେ ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

### ଶ୍ରୀକ୍ଷେତ୍ରରେ...

କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୭ଟା ୪୦ ମିନିଟ୍‌ରେ ସେ ଶ୍ରୀମନ୍ଦିର ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିବେ। ସିଂହଦ୍ୱାରଠାରେ ରାଷ୍ଟ୍ରପତିଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ସ୍ୱାଗତ କରିବେ। ଦର୍ଶନ ସାରି ୮ଟା ୨୦ ମିନିଟ୍‌ରେ ରାଷ୍ଟ୍ରପତି ପ୍ରତ୍ୟାବର୍ତ୍ତନ କରିବେ। ସେତେବେଳେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ପ୍ରଦାନ କରାଯିବ। ରାଷ୍ଟ୍ରପତିଙ୍କ ଶ୍ରୀଜୀଉ ଦର୍ଶନ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଉକ୍ତ ଦିନ ଭୋର୍ ୪ଟା ବେଳେ ଜୟବିଜୟ ଦ୍ୱାର ଫିଟା ନୀତି କରାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ସକାଳ ୬ଟା ସୁଦ୍ଧା ଶ୍ରୀମନ୍ଦିର ଶୋଧ କରାଯିବ। ପାଳିଆ ସେବକଙ୍କୁ ପାସ୍ ପ୍ରଦାନ କରାଯିବ ବୋଲି ଛତିଶା ନିଯୋଗ ବୈଠକ ପରେ ଡ. ପାଢ଼ୀ କହିଛନ୍ତି।

### ବିଦ୍ୟୁତ...

ପତାକା ଖୋଲିବା ସମୟରେ ଅଚାନକ ପତାକାରେ ଲାଗିଥିବା ଜିଆଇ ରଡ୍‌ଟି ଉପର ଦେଇ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଓମ୍ ପ୍ରକାଶ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଓମ୍ ପ୍ରକାଶ ଦଶମ ଶ୍ରେଣୀର ଛାତ୍ର ହୋଇଥିବା ବେଳେ ସେ କୁଜଙ୍ଗ ସମାଗୋଳସ୍ଥିତ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଓମ୍ ପ୍ରକାଶଙ୍କ ମୃତ୍ୟୁ ଖବର ପାଇ କୁଜଙ୍ଗ ମେଡିକାଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପହଞ୍ଚିଥିଲେ। ଫଳତଃ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ କୋଚିଂ ସେଣ୍ଟର ଉପରେ ୧୧ କେଭି ତାର ଯାଇଥିବା ସତ୍ତ୍ୱେ ଉକ୍ତ ସେଣ୍ଟରର ମାଲିକ କିପରି ଖାମଖିଆଲି ଭାବେ ଛାତ୍ରଙ୍କୁ ପତାକା ଖୋଲିବାକୁ ପଠାଇଲେ, ତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

### ମାର୍ଚ୍ଚରେ ଆତ୍ମପ୍ରକାଶ...

ନେତାମାନେ ମଧ୍ୟ ତାଙ୍କ ସହ ଯୋଡ଼ି ହେବେ ବୋଲି ମୋକିମ୍ ଆଶା ରଖିଛନ୍ତି। କିନ୍ତୁ ଯୁବ ସମାବେଶରୁ ବିଶେଷ ହଇଚଇ ହୋଇ ନ ଥିବାରୁ ଏହି ଦଳର ଭବିଷ୍ୟତ ନେଇ ଏବେଠାରୁ ସନ୍ଦେହ ସୃଷ୍ଟି ହୋଇଛି। ତେବେ ମୋକିମଙ୍କ ନେତୃତ୍ୱରେ ଗଠନ ହେଉଥିବା ଏହି ଦଳ ଜରିଆରେ ସଂଖ୍ୟାଲଘୁ ଭୋଟ ବିଭାଜିତ ହେବାର ଆଶଙ୍କା ରହିଛି। ଏପରି ହେଲେ ବିଜେଡି ଓ କଂଗ୍ରେସ ଉଭୟ ପ୍ରଭାବିତ ହେବେ ବୋଲି ଆକଳନ କରାଯାଉଛି।

ସେପଟେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନେ କିନ୍ତୁ ମୋକିମଙ୍କ ନୂଆ ଦଳ ନେଇ ବିଶେଷ ଚିନ୍ତିତ ନୁହଁନ୍ତି ବୋଲି କହିଛନ୍ତି। ମୋକିମ କିଛି ନବାଗତ ଓ ଯୁବ ନେତାଙ୍କୁ ପ୍ରଭାବିତ କରିଥାଇପାରନ୍ତି। କିନ୍ତୁ କଂଗ୍ରେସର ତୁଙ୍ଗ ନେତାଙ୍କୁ ବିଭାଜିତ କରିପାରିବେ ନାହିଁ ବୋଲି ବରିଷ୍ଠ ନେତାମାନେ ଦାବି କରିଛନ୍ତି। ଏପରିକି କିଛି ବରିଷ୍ଠ ନେତା ମୋକିମଙ୍କ ଏଭଳି ଉଦ୍ୟମକୁ କଟାକ୍ଷ କରିଛନ୍ତି। କଂଗ୍ରେସ ନାଁ ନେଇ ପୂର୍ବରୁ ମଧ୍ୟ ଜନ କଂଗ୍ରେସ, ଉତ୍କଳ କଂଗ୍ରେସ ପରି ବହୁ ଦଳ ସୃଷ୍ଟି ହୋଇଛି। କଂଗ୍ରେସ ଦଳ ଉପରେ ତା’ର ପ୍ରଭାବ ପଡ଼ିନି। ସମୟ କ୍ରମେ ସେସବୁ ଦଳ ବିଲୀନ ହୋଇଯାଇଛି। କିନ୍ତୁ କଂଗ୍ରେସ ଏବେ ବି ଜାତୀୟ ଓ ରାଜ୍ୟ ରାଜନୀତିରେ ନିଜର ପ୍ରଭାବ ଜାରି ରଖିଛି।

ସ୍ୱାଧୀନତା ପରେ ବିଜେଡି ଏକମାତ୍ର ଆଞ୍ଚଳିକ ଦଳ ଭାବେ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିବା ସହ ଏବେ ବି ଏକ ବଡ଼ ବିରୋଧୀ ଦଳ ଭାବେ ରାଜ୍ୟ ରାଜନୀତିକୁ ପ୍ରଭାବିତ କରୁଛି। ଅନ୍ୟ କୌଣସି ଆଞ୍ଚଳିକ ଦଳ କ୍ରମାଗତ ଭାବେ ନିଜର ପ୍ରଭାବ ଜାହିର କରିପାରିନାହାଁନ୍ତି। ତେଣୁ ବିଜେଡିକୁ ମୋକିମଙ୍କ ଜନତା କଂଗ୍ରେସ କୌଣସି ଭାବେ ପ୍ରଭାବିତ କରିପାରିବନି ବୋଲି ଦଳର ବରିଷ୍ଠ ନେତାମାନେ କହିଛନ୍ତି।

### ଶୁଭେଚ୍ଛାରେ...

ଫାଇଦା ଉଠାଇବ ତାହା ଉପରେ ଏବେ ସମସ୍ତଙ୍କ ନଜର।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ବିଳମ୍ବ ସହ ପ୍ରଦୂଷଣ ଯାଞ୍ଚ ନାଁରେ ଲୋକଙ୍କୁ ହଇରାଣ ହରକତ କରିବାକୁ ନେଇ ନବ ନିର୍ମାଣ ପକ୍ଷରୁ କିଛିଦିନ ତଳେ ଭୁବନେଶ୍ୱରରେ ବଡ଼ ଧରଣର ବିକ୍ଷୋଭ କରାଯାଇଥିବା ବେଳେ ଏବେ ଓଡ଼ିଶା ବନ୍ଦ ଡାକରା ଦେଇ ସଂଗଠନ ଆଉ ପାଦେ ଆଗକୁ ପାଦ ବଢ଼ାଇଛି। କଂଗ୍ରେସ ଏକପ୍ରକାର ବାଧ ହୋଇ ଏହାକୁ ସମର୍ଥନ ଦେଇଥିବା ବେଳେ ବିଜେଡିର ଶୁଭେଚ୍ଛା ଏବେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

ଆଗାମୀ ରାଜ୍ୟସଭା ନିର୍ବାଚନ ସମେତ ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ରାଜନୈତିକଦଳଗୁଡ଼ିକ ଆଗକୁ ବଢୁଥିବା ବେଳେ ବିଜେଡିର ଏଭଳି ଆଭିମୁଖ୍ୟକୁ ଖୋଦ ଦଳର କର୍ମୀମାନେ ନାପସନ୍ଦ କରୁଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଏକାଧିକ ସାମ୍ବାଦିକ ସମ୍ମିଳନୀ କଲେ ରାସ୍ତାକୁ ଓହ୍ଲାଉଥିବା ଦଳମାନେ ପ୍ରସଙ୍ଗ ହାଇଜାକ୍ କରିନେବେ ବୋଲି ସେମାନେ ମତ ଦେଉଛନ୍ତି। ତେବେ ନବନିର୍ମାଣ ଭଳି ସଂଗଠନକୁ ବଳ ଦେଉଥିବା କଂଗ୍ରେସ ଓଡ଼ିଶା ବନ୍ଦରେ କିଭଳି ପ୍ରଦର୍ଶନ କରିବ, ତା’ ଉପରେ ଏବେ ସମସ୍ତଙ୍କ ନଜର ରହିଥିବା ବେଳେ ବିଜେପି ମୁଖପାତ୍ର କିନ୍ତୁ ନକଲି ଚାଷୀମାନେ ଏଭଳି ଆନ୍ଦୋଳନ ଡାକରା ଦେଇଥିବା କହିଛନ୍ତି।

## ପ୍ରତିଷ୍ଠା ହେବ ସହିଦ ଲକ୍ଷ୍ମଣ ନାଏକ ବିଦ୍ୟାଳୟ

**ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ଘୋଷଣା**

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ଆଜି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ବିଶେଷ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଦିବାସୀ ବହୁଳ ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଆଦିବାସୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯିବ ବୋଲି ଶ୍ରୀ ଗଣ୍ଡ କହିଛନ୍ତି। ସେ କହିଛନ୍ତି ଯେ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଜନା ଆଣିବା ସକାଶେ ସରକାର ମାନସ ମନ୍ଥନ ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜନଜାତି ଉନ୍ନୟନ ପରିଷଦ ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାଏକ ବିଦ୍ୟାଳୟ ନିର୍ମାଣ ହେବ। ଏଥିପାଇଁ ପାଖାପାଖି ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ଆକଳନ କରିଛନ୍ତି ବୋଲି ଶ୍ରୀ ଗଣ୍ଡ କହିଛନ୍ତି।

## ଚୀନର ପରମାଣୁ ଗୁପ୍ତ ସୂଚନା ଲିକ୍

ୱାଶିଂଟନ,୨୭।୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ତାଙ୍କର ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷା ପୂରଣ କରିବା ପାଇଁ ଏକ ନୂତନ ରଣନୀତି ଆରମ୍ଭ କରିଛନ୍ତି। ଆମେରିକାର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଚୀନ୍‌କୁ ଫସାଇବା ପାଇଁ ଧମକ ଦିଆଯାଉଛି। ଚୀନ୍‌କୁ ଟ୍ରମ୍ପ ରୁଷ ଅପେକ୍ଷା ବଡ଼ ଶତ୍ରୁ ବୋଲି ବିବେଚନା କରନ୍ତି। ଆମେରିକା ରିପୋର୍ଟ ଅନୁସାରେ ଚୀନ୍‌ରେ ସି ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବାର ଖେଳ ଆରମ୍ଭ ହୋଇଛି। ସି ଜିନପିଙ୍ଗଙ୍କୁ କ୍ଷମତାରୁ ହଟାଇବା ପାଇଁ ତାଙ୍କର ବିଶ୍ୱସ୍ତ ଶୀର୍ଷ ଜେନେରାଲ ଟ୍ରମ୍ପଙ୍କ ସହିତ ଗୁପ୍ତ ଭାବରେ ଏକ ଚୁକ୍ତି କରିଥିଲେ।

## ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ଖୋର୍ଦ୍ଧା,୨୭।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ପ୍ରଭାରୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ ମା ବରୁଣେଇ, ଶ୍ରୀଜଗନ୍ନାଥ ଏବଂ ଖୋର୍ଦ୍ଧା ପାଇକ ମାଟିକୁ ପ୍ରଣାମ ଜଣାଇଥିଲେ । ଖୋର୍ଦ୍ଧା ବକ୍ସି ଜଗବନ୍ଧୁ, ଦଳ ବେହେରା, ଭୀମଧର ରାୟ, ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତିବାସ ପାଣ୍ଡଶାଣୀ, ଗୋବା ବରିଶ ମହାପାତ୍ର, ଗୋବାବରିଶ ମିଶ୍ର,ମାୟାଧର ମାନସିଂହ ଙ୍କ ଆଦର୍ଶ ଓ ବୀରତ୍ୱର ଗାଥା କହୁଥିବା ବେଳେ ଏ ମାଟି ରକ୍ତର ଇତିହାସକୁ ମନେ ପକାଉଥାଏ । ଏ ମାଟିରେ ଭାରତ ବର୍ଷର ପ୍ରଥମ ସଂଗଠିତ ମୁକ୍ତି ସଂଗ୍ରାମ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା । ସାଧାରଣ ତନ୍ତ୍ର ଦିବସ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିବସ ।

ପରେ ଜିଲ୍ଲା ସ୍ତରୀୟ ବିଭିନ୍ନ କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ ସେବା ଗୁଡ଼ ସମରିଟାନ ଭାବେ ଜିଲ୍ଲାର ଅମିତ୍ କୁମାର ଦାସ,ବିକ୍ରମ ବିହାରୀ ଏବଂ ଆନ୍ତର୍ଜାତୀୟ କ୍ରୀଡାବିତ୍ ବିଚିତ୍ର ନାୟକଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋଆର କୁଳାଧିପତି ପ୍ରଫେସର (ଡଃ) ଅମିତ ବାନାର୍ଜୀ ଜାତୀୟ ପତାକା ଉଡ଼ାଣ କରିବା ସହ ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଫେସର ବାନାର୍ଜୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ସାଧାରଣତନ୍ତ୍ର ଦିବସ ହେଉଛି ଏଭଳି ଏକ ଅବସର ଯେତେବେଳେ ସମ୍ବିଧାନକୁ ସ୍ମରଣ କରାଯାଏ ଏବଂ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ ନିଆଯାଇଥାଏ। ଦେଶ ଗଠନ ପ୍ରକ୍ରିୟାରେ ସୋଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ସେ କହିଥିଲେ।

ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍, ନିର୍ଦ୍ଦେଶକ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ




**ପାରାଦୀପ,୨୭।୧ (ସଂଚାର ବ୍ୟୁରୋ):** ପାରାଦୀପ ସ୍ଥିତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ କିନଶୁକ ରୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ। ଭାରତ ବର୍ଷର ଐତିହ୍ୟ,ତଥା ବିଭିନ୍ନ ଦିଗରେ ଏହାର ଉତ୍କର୍ଷତା ଆଜି ଅନେକ ସଫଳତା ଆଣି ପାରିଛି। ଏଥି ସହିତ ଜେଏସଡବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ।ଏହି ଅବସରରେ କମ୍ପାନୀର ସୁରକ୍ଷା ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସୁରକ୍ଷା କର୍ମଚାରୀ ମାନଙ୍କ ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ପ୍ରୋଜେକ୍ଟ ହେଡ ରାକେଶ କୁମାର ଓଝା,ଏଚଆର ଆଣ୍ଡ ଆଡମିନ ହେଡ ହେମ ପାଣ୍ଡେ ଙ୍କ ସମେତ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

## ହିଞ୍ଜିଳିର ପୁରପଲ୍ଲୀରେ ଉଡିଲା ତ୍ରିରଙ୍ଗା

**ହିଞ୍ଜିଳିକାଟୁ,୨୭।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ସମେତ ଆଖପାଖ ଅଞ୍ଚଳରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହିଞ୍ଜିଳି ପୌରପରିଷଦ କାର୍ଯ୍ୟାଳୟରେ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ପୁଲିସ ଥାନାରେ ଆଇଆଇସି ଶ୍ରୀନିବାସ ସେଠୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ତପନ କୁମାର ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟରେ




ଡାକ୍ତର ଶ୍ରୀକାନ୍ତ ସାହୁ, ଜେଏମଏଫସି ରେ ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ, ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଦୀପ ନନ୍ଦ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ, ଗାୟତ୍ରୀ ଶକ୍ତି ପୀଠରେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପାଢ଼ୀ, ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।

# ନୀଳଜହର ଜାଲରେ ଗଞ୍ଜାମ ସହର

- ସହଜରେ ମିଳୁଛି ଗଞ୍ଜେଇ
- ରାଜ୍ୟ ବାହାରକୁ ଲମ୍ବିଛି ଚେର
- ପଥ ଭ୍ରଷ୍ଟ ଶିକ୍ଷିତ ଯୁବକ
- ଅଭିଭାବକ ଚିନ୍ତିତ




**ଛତ୍ରପୁର,୨୭।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ସହର ଓ ଆଖପାଖ ଅଞ୍ଚଳରେ ଗଂଜେଇ, ଅଫିମ ଓ ଭାଙ୍ଗ ଭଳି ମାଦକ ଦ୍ରବ୍ୟର ଅବାଧ ବିକ୍ରିକୁ ନେଇ ଲଗାତାର ଅଭିଯୋଗ ଆସୁଛି। ପାନ ଦୋକାନ, ଜେନେରାଲ ଷ୍ଟୋର ଓ ସାଧାରଣ ଦୋକାନ ଆଢ଼ରେ ଏହି ଅବୈଧ ବ୍ୟବସାୟ ଚାଲିଥିବା କୁହାଯାଉଛି। ବଡବଜାର, ସାନବଜାର, ଜୟଶ୍ରୀ ଛକ, ପୁର୍ଣ୍ଣଚଳ ଓ ସାନବଜାର ପଛପଟ ଜାତୀୟ ରାଜପଥ ଅଞ୍ଚଳରେ ମାଦକ ବିକ୍ରି ସର୍ବାଧିକ ଥିବା ଅଭିଯୋଗ ରହିଛି।

ସିଗାରେଟ ଭଳି 'ଗୋଗୋ' ଆକାରରେ ସହଜରେ ମିଳୁଥିବାରୁ କିଶୋର ଓ ଯୁବକମାନେ ଅତି ସହଜରେ ଏହାର ଶିକାର ହେଉଛନ୍ତି। ଫଳରେ ଯୁବପିଢ଼ି ଧୀରେଧୀରେ ଆସକ୍ତିରେ ପଡ଼ି ଶିକ୍ଷା, କାର୍ଯ୍ୟ ଓ ସାମାଜିକ ଜୀବନରୁ ପଥଭ୍ରଷ୍ଟ ହେଉଥିବା ଦେଖାଯାଉଛି, ଯାହାକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକାଶ କରୁଛନ୍ତି।

ବିଶେଷ ସୂତ୍ର ଅନୁଯାୟୀ, ସ୍ଥାନୀୟ କିଛି ଯୁବକ ଏହି ମାଦକ ବ୍ୟବସାୟର 'କିଙ୍ଗପିନ' ଭାବେ କାର୍ଯ୍ୟ କରୁଥିବା ସନ୍ଦେହ ରହିଛି। ସେମାନେ ବାହାର ଜିଲ୍ଲାରୁ ମାଦକ ଆଣି ସହର ସହ ଆନ୍ତରାଜ୍ୟ ସ୍ତରରେ ସପ୍ଲାୟ କରୁଥିବା ଅଭିଯୋଗ ମଧ୍ୟ ଆସିଛି। ବିଶେଷ କରି 'ସିଲାବତୀ' ଗଂଜେଇର ଚାହିଦା ଅଧିକ ଥିବା କୁହାଯାଉଛି।

ସମ୍ପ୍ରତି ଗଂଜେଇ ବ୍ୟବସାୟକୁ କେନ୍ଦ୍ର କରି ସହରରେ କିଛି ଯୁବକମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ଓ ମାଉଜର, ଖଣ୍ଡା ଭଳି ମାରଣାସ୍ତ୍ର ବ୍ୟବହାର ହୋଇଥିବା ଅଭିଯୋଗ ରହିଛି। କିନ୍ତୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଘଟଣା ସମୟର ଦୃଶ୍ୟ ଘଟଣା ସ୍ଥଳର ସିସିଟିଭିରେ କଏଦ ହୋଇଛି ଯାହା ତଦନ୍ତ ସାପେକ୍ଷ।

ଏନେଇ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ତୁରନ୍ତ କଡ଼ା ପଦକ୍ଷେପ ନେଇ ମାଦକ ବ୍ୟବସାୟ ଉପରେ ଅଙ୍କୁଶ ଲଗାଇବାକୁ ସ୍ଥାନୀୟ ଜନତା ଦାବି କରୁଛନ୍ତି।

## ଗୋପାଳପୁର ବେଳାଭୂମି ମହୋତ୍ସବ ମସାଲ ଶୋଭାଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା

**ହିଞ୍ଜିଳିକାଟୁ,୨୭।୧ (ସଂଚାର ବ୍ୟୁରୋ):** ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୬ ଉପଲକ୍ଷେ ମସାଲ ଶୋଭାଯାତ୍ରା ମା' ବାଗଦେବୀଙ୍କ ମନ୍ଦିର ପାଠରୁ ବାହାରି ହିଞ୍ଜିଳିକାଟୁ ନିକଟସ୍ଥ ମା' ଶ୍ୟାମାକାଳୀଙ୍କ ପୀଠରେ ପହଞ୍ଚିଥିଲା। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ବ୍ଲକର ସମସ୍ତ ସରପଂଚ, ସମିତି



ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ମସାଲକୁ ସ୍ୱାଗତଂ ସମ୍ବର୍ଦ୍ଧନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ତପନ ମହାପାତ୍ରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ନବରଙ୍ଗପୁର,୨୭।୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଅନ୍ୟର ଜୀବନ ବଞ୍ଚାଇ ସମାଜରେ ଏକ ସକାରତ୍ମକ ପ୍ରଭାବ ପକାଏ ବୋଲି କହିଥିଲେ। ଶିବିରରେ ସିଆର୍‌ପିଏଫ୍ ଯବାନ, ସରକାରୀ କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ବାଲ୍ୟବିବାହ ବନ୍ଦ ପାଇଁ ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା ସଭା



**ନୀଳଗିରି,୨୭।୧ (ସଂଚାର ବ୍ୟୁରୋ):** ନୀଳଗିରି ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ବାଲ୍ୟବିବାହ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣତନ୍ତ୍ର ଦିବସ ରେ ସକାଳ ୮ ଘଟିକା ସମୟରେ ନୀଳଗିରି ଅଦାଲତ ପରିଷରରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ପରେ ଜାତୀୟ ଆଇନ ସେବା ପ୍ରାଧିକାରଣ ଆହ୍ୱାନ କ୍ରମେ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା ଙ୍କ ତତ୍ତ୍ୱାବଧାନରେ ନୀଳଗିରି ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ଭାରତ ନିମନ୍ତେ ଏକ ସଚେତନତା ବାର୍ତ୍ତା ନେଇ ସାଇକେଲ ଯାତ୍ରା କରି ନୀଳଗିରି ସହର ପରିକ୍ରମା କରିଥିଲା। ତତସହିତ ପ୍ଲାକ କାର୍ଡ ଧରି ପ୍ରାରମ୍ଭରେ ନୀଳଗିରି ତାଲୁକ ଆଇନ ସେବା କମିଟିର ଅଧକ୍ଷା ସୁନନ୍ଦା ପ୍ରଧାନ, ନୀଳଗିରି ବରିଷ୍ଠ ଦେୱାନୀ ବିଚାର ପତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍‌ପରେ ନୀଳଗିରି ଏଡିଜେ ସ୍ରୋତସୋନି କର, ସୁନନ୍ଦା ପ୍ରଧାନ, ମୋନାଲିସା ପଣ୍ଡା, ନୀଳଗିରି ବାର ଆସୋସିଏସନର ସଭାପତି ଅମରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର କୁମାର ପଣ୍ଡା, ସବଡ଼ିଭିଜନାଲ ବାର ଆସୋସିଏସନ ର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ ଈଶ୍ୱର ଦାସ, ସମସ୍ତ ଆଇନଜୀବି, ଅଦାଲତ କର୍ମଚାରୀ, ସ୍ୱେଚ୍ଛାସେବୀ, କଲେଜ ଛାତ୍ର ଛାତ୍ରୀ ମାନେ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସାମାଜିକ ଗଣମାଧ୍ୟମରେ କଥା କଟାକଟିକୁ ନେଇ ଘୋଡ଼ାଂଶ ଗ୍ରାମରେ ଉତ୍ତେଜନା



**ପାରାଦୀପ,୨୭।୧ (ସଂଚାର ବ୍ୟୁରୋ):** ସାମାଜିକ ଗଣମାଧମରେ କଥା କଟାକଟି ଆଉ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡାଂଶ ଗ୍ରାମରେ ଉତ୍ତେଜନା। ପରିସ୍ଥିତି ଏଭଳି ହେଲା ଯେ ଦୁଇ ପ୍ଲାଟୁନ ପୁଲିସ ମୁତୟନ କରିବାକୁ ପଡିଲା। ଅଧା ଡର୍ଜନରୁ ଅଧିକ ପୁଲିସ ଅଧିକାରୀ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ମହଯୁଦ ରହିଲେ। ଦେଶର ଆଇନ୍ ପ୍ରଣେତା ବାବା ସାହେବ ଭିମରାଓ ଆମ୍ବେଦକରଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତପି ମିଶ୍ରଙ୍କ ବିରୋଧରେ କିଛିଦିନ ତଳେ ଅଭିଯୋଗ ଆଣିଥିଲେ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ ମଲ୍ଲିକ। ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧମରେ ଆରମ୍ଭ ହୋଇଥିଲା ଆରୋପ ପ୍ରତ୍ୟାରୋପ। ଅନିଲଙ୍କ ବିରୋଧରେ ମନୁ ସଂହିତା ପୋଡି ଅଭିଯୋଗ କରିଥିଲେ ମଧ କିଛି ଯୁବକ। ପରିସ୍ଥିତି ଏଭଳି ହୋଇଥିଲା ଯେ ଆଜି ତପି ମିଶ୍ର ଓ ତାଙ୍କର କିଛି ସମର୍ଥକ ଅନିଲଙ୍କ ଗୋଡାଂଶ ଗ୍ରାମରେ ଆସି ପହଂଚି ଆଜି ହୋହାଲ୍ଲା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତପି ମିଶ୍ର ଓ ତାଙ୍କ ସମର୍ଥକ ମାନଙ୍କୁ ଅଟକାଇ ଅନିଲଙ୍କ ବାସଭବନ ପର୍ଯ୍ୟନ୍ତ ଛାଡି ନଥିଲା। ଅନିଲ ମଧ ନିଜ ସମର୍ଥକ ମାନଙ୍କ ସହ ନିଜ ବାସଭବନରେ ପ୍ରସ୍ତୁତ ଥିଲେ ତପି ମିଶ୍ରଙ୍କୁ ବିରୋଧ କରିବା ପାଇଁ ସାମାଜିକ ଗଣମାଧମରେ ଯୁଧ ଶେଷରେ ଆସି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡାଂଶ ଗ୍ରାମରେ ପହଂଚି ଏଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଛି, ତାହା ଆଜି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୁଲିସ ଉଭୟ ଗୋଷ୍ଠୀର ଯୁବକଙ୍କ ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେଇଥିବା ବେଳେ ଗ୍ରାମକୁ ଜଗିରହିଛି।

## ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ଯାଜପୁର,୨୭।୧ (ସଂଚାର ବ୍ୟୁରୋ):** ଜାତୀୟ ଗରିମା, ଶୃଙ୍ଖଳା ଓ ଦେଶଭକ୍ତିର ଉତ୍ସାହମୟ ପରିବେଶ ମଧ୍ୟରେ ଆଜି ସ୍ଥାନୀୟ କୁସୁମା ସମ୍ମୁଖ ପଡ଼ିଆରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଭବ୍ୟ ଭାବରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ସହ ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ୍ ମଞ୍ଚାସୀନ ଥିଲେ। ଜିଲ୍ଲାପାଳଙ୍କ ଉଦ୍ବୋଧନରେ ସମ୍ବିଧାନର ମହତ୍ତ୍ୱ ରଖି ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ "ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ପରେ ଭାରତ ସ୍ୱାଧୀନ ହୋଇଥିଲା। ଯାଜପୁରର ମାଟି ସ୍ୱାଧୀନତା ସଂଗ୍ରାମୀ ଓ ଜନନାୟକମାନଙ୍କ ତ୍ୟାଗରେ ପବିତ୍ର, ଯାହା ଭାରତର ଗଣତାନ୍ତ୍ରିକ ଯାତ୍ରାକୁ ଶକ୍ତି ଯୋଗାଇଛି।

ଏବର୍ଷର ପ୍ୟାରେଡରେ ମୋଟ ୫୨ଟି ଦଳ ଅଂଶଗ୍ରହଣ କରି ଶୃଙ୍ଖଳାବଦ୍ଧ ଓ ଦେଶଭକ୍ତିମୟ ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉଦ୍ୟାନ କୃଷିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁମନ ପ୍ରଧାନଙ୍କୁ ପ୍ରାଣକୃଷ୍ଣ କର ସ୍ମାରକୀ ଟ୍ରଫି, ଶ୍ରେଷ୍ଠ ପ୍ରଶାସନିକ ସେବା ପାଇଁ ସ୍ମରଣିକା ଦାଶ ଓ ଶରତ ଚନ୍ଦ୍ର ପାତ୍ରଙ୍କୁ ପ୍ରିୟମ୍ବଦା ଦେବୀ ସ୍ମାରକୀ ଟ୍ରଫି ସହ ମାନପତ୍ର, ଉତ୍ତରୀୟ ଓ ଫଳଚାରା ପ୍ରଦାନ କରାଯାଇଥିଲା।

ଏହି ଦିବସ ଅବସରରେ ଜିଲ୍ଲାପାଳ ବାଳାଶ୍ରମ, କୁଷ୍ଠାଶ୍ରମ ଓ ଜେଲ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ଓ ବସ୍ତ୍ର ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରି ମାନବିକତାର ସନ୍ଦେଶ ଦେଇଥିଲେ।

## ଧାମନଗର ମିଡ଼ିଆ କ୍ଲବରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ

**ଧାମନଗର,୨୭।୧ (ସଂଚାର ବ୍ୟୁରୋ):** ଧାମନଗର ମିଡ଼ିଆ କ୍ଲବ ତରଫରୁ କାର୍ଯ୍ୟାଳୟ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳ ୮ଟା ୩୦ମିନିଟ ସମୟରେ ଏନ ଏ ସି ଅନ୍ତର୍ଗତ ମେଡିକାଲ ବଜାର ନିକଟରେ ଥିବା ମିଡ଼ିଆ କ୍ଲବ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଡ଼ିଆ କ୍ଲବ ଉପସଭାପତି ସେକ ଜାଫର ଅଲ୍ଲୀ,କୋଷାଧକ୍ଷ ପ୍ରଶାନ୍ତ ଦ୍ୱିବେଦୀ,ସଦସ୍ୟ ଦୀନକୃଷ୍ଣ ମହାପାତ୍ର,କୁମାରେଶ ବଳଭଦ୍ର ଖିଲାର,ମାନସ ମହାପାତ୍ର,ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ସ୍‌ବାସ୍ଥ୍ୟ ବିଭାଗ, ବ୍ୟାଙ୍କ, ବଣିକ ଓ ମଟର ଚାଳକ ସଂଘ, ଘରୋଇ ଅନୁଷ୍ଠାନ ଓ ସେବା ସମବାୟ ସମିତି ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରି ୭୭ତମ ସାଧାରଣତନ୍ତ୍ର ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି।

## ପୋଲ ତଳୁ ରାଜ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର



**ଫୁଲବାଣୀ,୨୭।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା କେଳାପଡା ପଞ୍ଚାୟତ ଅଧୀନରେ ଥିବା ନାଥପଦର ଗାଁ ନିକଟସ୍ଥ ଏକ ପୋଲ ତଳୁ ଜଣେ ବ୍ୟକ୍ତିଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ବ୍ୟକ୍ତି ଜଣକ ସେହି କେଳାପଡା ପଞ୍ଚାୟତ ଅଧୀନରେ ଥିବା ଡ଼ଲାଙ୍ଗସୁଗା ଗାଁର ପାଣ୍ଡବ ଦିଗାଲଙ୍କ ପୁଅ ଲବ ଦିଗାଲ ବୋଲି ଜଣାପଡିଥିବା ବେଳେ ସେ ଅଂଚଳର ଜଣେ ଜଣାଶୁଣା ରାଜ ମିସ୍ତ୍ରୀ ବୋଲି ଜଣାପଡିଛି। ଖବର ପାଇ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇ ଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ସେପଟେ ଲବ ଦିଗାଲ ଙ୍କ ତିନୋଟି ବଢ଼ିଲା ଝିଅଙ୍କ ସହ ତାଙ୍କ ସ୍ତ୍ରୀ ଓ ବୁଢ଼ା ମା ବାପା ଥିବା ବେଳେ ସେ ତାଙ୍କ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

## ତୁଳସୀପୁରଠାରେ ୱାର୍ଡ ଅଫିସ, ମିଶନ ଶକ୍ତି ଗୃହ ଓ ଷ୍ଟୋର ରୁମ ଉଦ୍‌ଘାଟିତ



**କଟକ,୨୭।୧ (ସଂଚାର ବ୍ୟୁରୋ):** ଆଜି ସକାଳ ୧୦ ଘଟିକା ସମୟରେ କଟକ ମହାନଗର ନିଗମ ୱାର୍ଡ ନମ୍ବର -୯ ତୁଳସୀପୁର ସ୍ଥିତ ଟିଭି ରୋଡ଼ ଠାରେ ୱାର୍ଡ ଅଫିସ ମିଶନ ଶକ୍ତି ଗୃହ, ଷ୍ଟୋର ରୁମ ସହିତ ସାଧାରଣ ଲୋକ ବସିବା ପାଇଁ ସ୍ଥାନ ଗାର୍ଡେନ ପ୍ରଭୃତି ଥାଇ ଏକ କମ୍ପାଉଣ୍ଡ ଭିତରେ ଉନ୍ନତ ଧାରଣା ପ୍ରୋଜେକ୍ଟ ଆନୁଷ୍ଠାନିକ ଭାବେ ମେୟରଙ୍କ ପୌରହତ୍ୟ ଉଦ୍ବାଟିତ ହୋଇଯାଇଅଛି। ଉକ୍ତ ଉଦ୍‌ଘାଟନ ଉତ୍ସବରେ ମାନ୍ୟବର ମେୟର ସୁବାସ ସିଂହ , ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ କର୍ପୋରେଟର ବିକାଶ ରଞ୍ଜନ ବେହେରା, ସାମାଜିକ ସୁରକ୍ଷା ଷ୍ଟାଣ୍ଡିଙ୍ଗ କାମଟି ଅଧକ୍ଷା ଶ୍ରୀମତୀ ପ୍ରଳୟା ବେଉରା ଯୋଗଦାନ କରିଥିଲେ।

ଏହି ବିଲଡିଙ୍ଗ ପରିସରର ଚତୁଃର୍ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ, ସଭାସ୍ଥଳ ଏବଂ ଆକର୍ଷଣୀୟ କରିବା ପାଇଁ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଉତ୍ସବରେ ୱାର୍ଡ ନମ୍ବର ୯ ର ବରିଷ୍ଠ ନାଗରିକ, ବୁଦ୍ଧିଜୀବି, ମହିଳା ଓ ଯୁବକ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ସାଧାରଣତନ୍ତ୍ର ଦିବସ ପାଳିତ

**ଖୋର୍ଦ୍ଧା,୨୭।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି. ବିଦ୍ୟାଳୟ ର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପାଧକ୍ଷ ପୌର ପରିଷଦ, ଖୋର୍ଦ୍ଧା ସୌର୍ଯ୍ୟ ରଂଜନ ମହାନ୍ତି ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନ ବିଷୟରେ ପୁଙ୍ଖାନୁପୁଖ ଭାବେ କହିଥିଲେ। ଶେଷରେ ବିଦ୍ୟାଳୟର ଉପାଧକ୍ଷ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଭାଇ, ଶାଶ୍ୱତୀ ରାଉତରାୟ, ମମତା ସାହୁ, ସାଗରିକା ଦାସ ପ୍ରମୁଖ ସହଯୋଗ କରିଥିଲେ।

ନଗର ବିଜେପି ପ୍ରତିନିଧି ଦେବବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି। ଏଠାରେ,ଏକ୍ସ ଜିଲ୍ଲା ସେକ୍ରେଟାରୀ ଶୋଭନ ଘୋସ, ବୁଦ୍ଧିଜୀବୀ ପ୍ରକୋଷ୍ଠ ର ଆବାହକ ଗୁଣନିଧି ମହାପାତ୍ର, ଏକ୍ସ କାଉନସିଲର ଶ୍ରୀକୃଷ୍ଣ ଦଳବେହେରା, ମଇନୋରିଟି ମୋର୍ଚ୍ଚା ପ୍ରେସିଡେଣ୍ଟ ଏମଡି କାଲାମ, ବରିଷ୍ଠ ନେତା ଲଳିତ ସ୍ୱାଇଁ, ରାଶିରାଣୀ ମିଶ୍ର, ଜୟନ୍ତୀ ରାଉତରାୟ, ପ୍ରମୁଖ ଯୋଗ ଦେଇଥିଲେ, ଭରତ ରଖ୍ୟା ମଞ୍ଚ ଖୋର୍ଦ୍ଧା ଜିଲ୍ଲା ପ୍ରେସିଡେଣ୍ଟ ମିହିର ବିଧାରଙ୍କ ଦ୍ୱାରା ପତାକା ଉତ୍ତଳନ କରାଯାଇଥିଲା

## ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**କାକଟପୁର/ଅସ୍ତରଙ୍ଗ,୨୭।୧ (ସଂଚାର ବ୍ୟୁରୋ):** ୭୭ତମ ଗଣତନ୍ତ୍ର ଦିବସକୁ ନେଇ ସବୁଠି ଉଲ୍ଲାସ ଉତ୍ସାହ। ଦିଲ୍ଲୀରୁ ପଲ୍ଲୀ ସବୁଠି ଫର ଫର ହୋଇ ଉଡିଛି ଜାତୀୟ ପତାକା ତ୍ରିରଙ୍ଗା। ବଖାଣୁଛି ବୀରତ୍ୱ ଓ ସୋର୍ଯ୍ୟର ଗାଥା। ପବନରେ ଭାସି ଆସୁଥାଏ ବନ୍ଦେ ମାତରଂମ୍, ଜୟ ହିନ୍ଦ ଧ୍ୱନି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ଅସ୍ତରଙ୍ଗ ଥାନା ସାମ୍ନାରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ଆନୁକୂଲ୍ୟରେ ସଭାପତି ବିଜୟ ବେହେରାଙ୍କ ପୌରୋହିତରେ ଅତିଥି ଭାବେ ଅସ୍ତରଙ୍ଗ ଥାନାଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ସମେତ ଅବସର ପ୍ରାପ୍ତ ସେନା କର୍ମଚାରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଦସ୍ୟଙ୍କ ଉପସ୍ଥିତରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟ ପଟେ ଅସ୍ତରଙ୍ଗ ତହସିଲ, ଅସ୍ତରଙ୍ଗ ବ୍ଲକ, ଅସ୍ତରଙ୍ଗ ଥାନା, ନୂଆଗଡ ସାମୁଦ୍ରିକ ଥାନା, ପ୍ରାଣୀ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ସ୍ଥାନରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ଉକୁଳେଇ ସ୍ଥିତ ଅବସରପ୍ରାପ୍ତ ସେନା କର୍ମଚାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ଅବସରରେ ତ୍ରିରଙ୍ଗା ଉଡ଼ିଥିଲା।

## ଏମ୍‌କେଏସ୍‌ପି ଭଲିବଲ୍ ଟୁର୍ଣ୍ଣାମେଣ୍ଟ ; ଫାଇନାଲରେ ରେଣ୍ଡମ୍ ସିକ୍ସ ବିଜୟୀ




**ଫୁଲବାଣୀ,୨୭।୧ (ସଂଚାର ବ୍ୟୁରୋ):** ଦୀର୍ଘ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଯାଇଅଛି। ଖେଳ ଆରମ୍ଭରେ ମୁଖ୍ୟ ଅତିଥି ରୂପେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଯୋଗଦେଇ କ୍ରୀଡାବିତ୍ ମାନଙ୍କ ଶାରିରୀକ ସୁସ୍ଥତା ସହ ଦକ୍ଷତା ବିକାଶ ଦିଗରେ ଏ ପ୍ରକାର ଟୁର୍ଣ୍ଣାମେଣ୍ଟ ସହାୟକ ହେବ ବୋଲି ମତପୋଷଣ କରିଥିଲେ।

ଅନ୍ୟତମ ଅତିଥିଭାବେ ଯୋଗଦେଇ ପ୍ରେମ୍ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ ଏବଂ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ସେଣ୍ଠ ଯୋଗଦେଇ ଏମ୍‌କେଏସ୍‌ପିର ଦୀର୍ଘ ବର୍ଷର ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡାବିତ୍ ମାନଙ୍କର ସାମଗ୍ରିକ ବିକାଶ କ୍ଷେତ୍ରରେ ଏବଂ ଦକ୍ଷ ଖେଳାଳି ଚିହ୍ନଟରେ ଏମ୍‌କେଏସ୍‌ପି ଫୁଲବାଣୀର ଉଦ୍ୟମର ପ୍ରଶଂସା କରିଥିଲେ।

ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ କନ୍ଧମାଳର ରେଣ୍ଡମ୍ ସିକ୍ସ ବିଜୟୀ ଓ ଗଜପତି ଜିଲ୍ଲାର ଅଡବା ଟିମ୍ ରନର୍ସ ଭାବେ ଟ୍ରଫି ପାଇଥିଲେ। ବିଜୟୀ ଦଳକୁ ୨୫୦୦୦ ଟଙ୍କା ଏବଂ ରନର୍ସ ଦଳକୁ ୧୮୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେପରି ଶ୍ରେଷ୍ଠ କ୍ରୀଡାବିତ ସମେତ ବିଭିନ୍ନ ବିଭାଗରେ ଉତ୍କର୍ଷତା ଦେଖାଇଥିବା ସମସ୍ତ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନବମ ବାଲକାଟି ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଲିଓ ଲାନ୍ସରକୁ ହରାଇ ବିବି ରାଇଡର ଚମ୍ପିୟାନ




**ବାଲିଅନ୍ତା,୨୭।୧ (ସଂଚାର ବ୍ୟୁରୋ):** ବାଲକାଟି କଲେଜ ପଡିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ବାଲକାଟି ପ୍ରେମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ସୋମବାର ଉଦଯାପନୀ ବା ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲରେ ଲିଓ ଲାନ୍ସର ଓ ବିବି ରାଇଡର ମଧ୍ୟରେ ହୋଇଥିଲା। ଏଥିରେ ଲିଓ ଲାନ୍ସରକୁ ହରାଇ ବିବି ରାଇଡ଼ର ଚମ୍ପିୟାନ ହୋଇଛି ।

ଫାଇନାଲ ମ୍ୟାଚରେ କ୍ଲବର ସଭାପତି ଇଂ. ରୁଦ୍ରପ୍ରସାଦ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ସଭାରେ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧକ୍ଷ ତିରୁପତି ପାଣିଗ୍ରାହୀ, ବିଶିଷ୍ଟ ସମାଜସେବୀ ଇଂ. ସଞ୍ଜୟ କୁମାର ମହାନ୍ତି, ସୁବ୍ରତ ମହାନ୍ତି, ବିଜୟ କୁମାର ନାୟକ,ନିରଞ୍ଜନ ଜେନା, ପ୍ରଦୀପ ଜେନା, ବରିଷ୍ଠ ସାମ୍ବାଦିକ ବଂକିମ ଚନ୍ଦ୍ର ନାୟକ, ଶିକ୍ଷାବିତ ବିଧୁ ଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି, ସମିତିସଭ୍ୟ ଗଙ୍ଗାଧର ମାହାରୀ ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ପରାଜିତ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ଭାବେ ବୁବୁନ ମହାପାତ୍ର, ମ୍ୟାନ ଅଫ ଦି ସିରିଜ/ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ କାର୍ତ୍ତିକ ମଙ୍ଗରାଜ, ବେଷ୍ଟ ବୋଲର ମୁକେଶ ସାମନ୍ତରାୟଙ୍କୁ ପୁରସ୍କୃତ କରିଥିଲେ ।



## ନୂଆଦିଲ୍ଲୀ ସ୍ଥିତ ବାସଭବନରେ ତ୍ରିରଙ୍ଗା ଉତ୍ତୋଳନ କଲେ କେନ୍ଦ୍ରମନ୍ତ୍ରୀ

# ଏକତା, ଅଖଣ୍ଡତା ଏବଂ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିବା

**ଦେଶବାସୀଙ୍କୁ ଗଣତନ୍ତ୍ର ଦିବସର ଶୁଭକାମନା ଜଣାଇଲେ**

**ନୂଆଦିଲ୍ଲୀ,୨୭।୧:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭୭ତମ ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ନିଜ ବାସଭବନରେ ଗର୍ବର ସହ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ପବିତ୍ର ଅବସରରେ ସେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଚେତନାକୁ ସମ୍ମାନ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର ଏହି ଦିନ ଆମର ଗଣତାନ୍ତ୍ରିକ ଆଦର୍ଶକୁ ପାଳନ କରିବା, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ଏବଂ ଭାରତୀୟ ସମ୍ବିଧାନର ପ୍ରଣେତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଦିନ। ଆମ ସମ୍ବିଧାନରେ ଅନ୍ତର୍ନିହିତ ଥିବା ମୂଲ୍ୟବୋଧ, କର୍ତ୍ତବ୍ୟ ଏବଂ ଅଧିକାର ପ୍ରତି ଏହି ଦିନ ଆମକୁ ସାମୂହିକ ଦାୟିତ୍ୱବୋଧର ସ୍ମରଣ କରାଇଥାଏ। ଶ୍ରୀ ପ୍ରଧାନ ସେହି ଅମର ବଳିଦାନୀ, ସମ୍ବିଧାନ ପ୍ରଣେତା ଏବଂ ରାଷ୍ଟ୍ର ଗଠନରେ ନିୟୋଜିତ ପ୍ରତ୍ୟେକ ନାଗରିକଙ୍କୁ ପ୍ରଣାମ ଜଣାଇଛନ୍ତି, ଯାହାଙ୍କ ତ୍ୟାଗ ଓ ତପସ୍ୟା ବଳରେ ଭାରତ ବିଶ୍ୱ ଦରବାରରେ ଏକ ସଶକ୍ତ ଓ ଗଣତାନ୍ତ୍ରିକ ସନ୍ତାନ ଭାବେ ପ୍ରତିଷ୍ଠିତ ହୋଇପାରି।

ସମସ୍ତେ ମିଶି ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ଗଣତାନ୍ତ୍ରିକ ପରମ୍ପରାକୁ ଅଧିକ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିବା ସହ ଏହି ଗଣତନ୍ତ୍ର ଦିବସ ଆମକୁ ଏକ ସମୃଦ୍ଧ ତଥା ବିକଶିତ ଭାରତ ଗଠନ ଦିଗରେ ଅଧିକ ପରିଶ୍ରମ କରିବାକୁ ଅନୁପ୍ରାଣିତ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଆଦିବାସୀ ମେଳାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ
- ଯୋଗଦେଲେ ୧୧୪୦ ଜଣ ଅଂଶଗ୍ରହଣକାରୀ
- ୧୦୯ଟି ଷ୍ଟଲ୍, ୧୦ଟି ଆଦିବାସୀ କୁଡ଼ିଆ
- ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ତ୍ୟାଗ ଅବର୍ଣ୍ଣନୀୟ
- ଜମି, ଜଙ୍ଗଲ, ଜଳର ସୁରକ୍ଷା ଦାୟିତ୍ୱ ମୋହନ ସରକାରର



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଓଡ଼ିଶା ଏକ ବିବିଧ ସଂସ୍କୃତିର ଭୂମି, ଯେଉଁଠାରେ ଜନଜାତି ସମ୍ପ୍ରଦାୟ ହଜାର ହଜାର ବର୍ଷ ଧରି ପ୍ରକୃତିର କୋଳରେ ବସବାସ କରିଆସୁଛନ୍ତି ଓ ସେମାନଙ୍କ ଜୀବନଶୈଳୀ, ପରମ୍ପରା ଓ ଚିନ୍ତାଧାରା ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆଦିବାସୀ ମେଳା ୨୦୨୬ ଉଦ୍‌ଘାଟନୀ ଅବସରରେ କହିଛନ୍ତି।

ଭୁବନେଶ୍ୱର ୟୁନିଟ ୧ ସ୍ଥିତ ଆଦିବାସୀ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଆଦିବାସୀ ମେଳା ୨୦୨୬। ଏହି ମେଳା ଆସନ୍ତା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଛନ୍ତି । ଏଥିରେ ୩୨୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ମହିଳା ମଧ୍ୟ ଅନ୍ତର୍ଭୁକ୍ତ। ସମୁଦାୟ ୧୦୯ଟି ଷ୍ଟଲ୍ ଖୋଲାଯାଇଛି। ୧୦ ଟି ଆଦିବାସୀ ଗୃହ ମଧ୍ୟ ନିର୍ମିତ ହୋଇଛି, ଏଗୁଡ଼ିକ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି। ଚଳିତ ବର୍ଷ ମେଳାରେ ଓଡ଼ିଶାର ୬୨ ଗୋଟି ଜନଜାତି ସେମାନଙ୍କର ଋଦ୍ଧିମନ୍ତ ପରମ୍ପରା, ଖାଦ୍ୟପେୟ, ପୋଷାକ, କଳା, ସଂସ୍କୃତି ଓ ଲୋକକଳାକୁ ନେଇ ଏକତ୍ରିତ ହୋଇଛନ୍ତି। ତେଣୁ ଏହି ମେଳା କେବଳ ମନୋରଞ୍ଜନ ନୁହେଁ, ଏହା ଜନଜାତି ଜୀବନର କଥା, ସଂଘର୍ଷର ଗାଥା ଓ ପ୍ରକୃତି ସହ ସେମାନଙ୍କର ସମ୍ପର୍କର ମୂଲ୍ୟବୋଧକୁ ବୁଝାଇବ। ଗତବର୍ଷ ଆଦିବାସୀ ମେଳାରେ ୯ କୋଟି ଟଙ୍କାର ବାଣିଜ୍ୟ କାରବାର ହୋଇଥିବା ବେଳେ, ଚଳିତ ବର୍ଷ ତା'ଠାରୁ ଊର୍ଦ୍ଧ୍ୱ କାରବାର ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ଅଧିକାର ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହିତ କହିଥିଲେ ଯେ, ଆପଣମାନେ ବସବାସ କରୁଥିବା ଜମି, ଜଙ୍ଗଲ ଓ ଜଳର ସୁରକ୍ଷା ଦାୟିତ୍ୱ ମୋହନ ସରକାରର। ଆପଣମାନେ ଏଥିପ୍ରତି ନିଶ୍ଚିତ ରୁହନ୍ତୁ।

# ୭୭ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ**



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ରାଜଧାନୀର ମହାତ୍ମାଗାନ୍ଧୀ ମାର୍ଗରେ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟ ପୁଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳ ସମୁଦାୟ ୪୬ଟି ଦଳ ମିଳିତ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ପରେଡ୍ ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହ ସଚେତନତାର ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଶ୍ରୀଅନ୍ନ ଅଭିଯାନ, ଅମୃତ ଅନ୍ନ କାର୍ଯ୍ୟକ୍ରମ), ବାଣିଜ୍ୟ ଓ ପରିବହନ ବିଭାଗ (ଆମେ ସୁବାହକ, ଆଶା ଯୋଜନା), ଶକ୍ତି ବିଭାଗ (ପି.ଏମ୍. ସୂର୍ଯ୍ୟଘର), ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ (ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ରେଶମ ଓଡ଼ିଶା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା), ସ୍ୱରାଷ୍ଟ୍ର ବିଭାଗ (ଉପକୂଳ ସୁରକ୍ଷା ଶାଖା, ଓଡ଼ିଶା ପୋଲିସ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ସମୃଦ୍ଧ ସହର, ବିକଶିତ ଓଡ଼ିଶା), ମିଶନ ଶକ୍ତି ବିଭାଗ (ଆତ୍ମନିର୍ଭର ମହିଳା-ବିକଶିତ ଭାରତ), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଭିବି-ଜି ରାମ ଜି, ସଭିଙ୍କ ପାଇଁ ପକ୍କାଘର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପି.ଏମ୍.ଶ୍ରୀ) ବିଦ୍ୟାଳୟ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷ ଯୁବଶକ୍ତି-ଦେଶର ପ୍ରଗତି), ପର୍ଯ୍ୟଟନ ବିଭାଗ (ପର୍ଯ୍ୟଟନ ସ୍ଥଳୀ ଉନ୍ନତିକରଣ) ଓ ପୂର୍ତ୍ତ ବିଭାଗ (ନ୍ୟାୟିକ ପରିସର, ଭୁବନେଶ୍ୱର)ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହି ଭବ୍ୟ ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ।

● ଧର୍ମଘଟରେ ବସିଲେ କର୍ମଚାରୀ

# ବଲାଙ୍ଗୀରରେ ଠପ୍ ହେଲା ବ୍ୟାଙ୍କ ସେବା




**ବଲାଙ୍ଗୀର,୨୭।୧(ସଂଚାର ବ୍ୟୁରୋ):** ବ୍ୟାଙ୍କରେ ସପ୍ତାହକୁ ୫ ଦିନ କାର୍ଯ୍ୟ ଦିବସ ଦାବିରେ ଆନ୍ଦୋଳନକୁ ଓହ୍ଲାଇଲେ ବ୍ୟାଙ୍କ କର୍ମଚାରୀ। ଦେଶବ୍ୟାପୀ ଚାଲିଥିବା ଏହି ଧର୍ମଘଟର ପ୍ରଭାବ ବଲାଙ୍ଗୀରରେ ମଧ୍ୟ ପଡ଼ିଛି। ଏନେଇ ଆଜି ବଲାଙ୍ଗୀରରେ ସମସ୍ତ ବ୍ୟାଙ୍କ କାମ ଠପ ହୋଇଯାଇଛି। ଡିଜିଟାଲ ଯୁଗରେ ମୋବାଇଲ ଏବଂ ଇଣ୍ଟରନେଟ ମାଧ୍ୟମରେ ଅନେକ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ଅଛି। ଲୋକଙ୍କ ବ୍ୟାଙ୍କ ଉପରେ ନିର୍ଭରଶୀଳତା ବି କମିଛି। ଅନ୍ୟପଟେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଲଆଇସି, କର୍ପୋରେଟ ସେକ୍ଟରର ଏବଂ ଆଇଟି କ୍ଷେତ୍ର ଭଳି ଅନେକ ଆର୍ଥିକ ସଂସ୍ଥା ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି, ଯାହା ଉତ୍ତମ କାମ ଜୀବନ ସମତୁଳନ ପାଇଁ ଆବଶ୍ୟକ। ୨୦୧୫ ମସିହାରୁ ୫ ଦିନିଆ ବ୍ୟାଙ୍କିଙ୍ଗ ପ୍ରଣାଳୀ ପାଇଁ ଦାବି କରୁଛନ୍ତି ବ୍ୟାଙ୍କ କର୍ମଚାରୀ। ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଏହି ଦାବିକୁ ଆଇବିଏ ଦ୍ୱାରା ପୂର୍ବରୁ ସମ୍ମତି ପାଇଥିଲେ ମଧ୍ୟ ସରକାରୀ ସ୍ତରରେ ଏପର୍ଯ୍ୟନ୍ତ ଅପେକ୍ଷାରତ ଅଛି ବୋଲି ଧାରଣାରେ ବସିଥିବା ବ୍ୟାଙ୍କ କର୍ମଚାରୀ କହିଛନ୍ତି।

# ଓଡ଼ିଆ ସାଉଣ୍ଡ ଇଞ୍ଜିନିୟର ସମୀର ପାତ୍ରଙ୍କ ପରଲୋକ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ବଲିଉଡର ଭେଟେରାନ୍ ସାଉଣ୍ଡ ଇଞ୍ଜିନିୟର ସମୀର କୁମାର ପାତ୍ର(୫୦)ଙ୍କ ପରଲୋକ ହୋଇଛି। ୭୫ରୁ ଅଧିକ ସିନେମାରେ କାମ କରି ନିଜ ଯାଦୁଗରୀ କାମର ଛାପ ଛାଡ଼ି ଯାଇଥିବା ସମୀର ପାତ୍ରଙ୍କ ଅକାଳ ବିୟୋଗ ସିନେ ଜଗତରେ ଏକ ଅପୂରଣୀୟ କ୍ଷତ ସୃଷ୍ଟି କରିଛି। ବରିଷ୍ଠ ଶବ୍ଦ ଯନ୍ତ୍ରୀ ତଥା ରେକର୍ଡିଷ୍ଟ ଇଂ. ସମୀର କୁମାର ପାତ୍ର ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅନେକ ପ୍ରଶଂସିତ ହିନ୍ଦୀ ଚଳଚ୍ଚିତ୍ରର ଶବ୍ଦ ସଂଯୋଜନାରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସେ ୧୯୭୬ ମସିହା ଡିସେମ୍ବର ୮ ରେ ଗଞ୍ଜାମର ଭଞ୍ଜନଗରରେ ଜନ୍ମଗ୍ରହଣ କରି ସ୍ଥାନୀୟ ସ୍କୁଲରୁ ଶିକ୍ଷା ଗ୍ରହଣ କରିବା ସହ ଭଞ୍ଜନଗର କଲେଜରୁ ବିଜ୍ଞାନରେ ସ୍ନାତକ ସମାପ୍ତ କରିଥିଲେ। ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟରୁ ସାଉଣ୍ଡ ଆଣ୍ଡ ଟେଲିଭିଜନ ଇଞ୍ଜିନିୟରିଂରେ ଡିପ୍ଲୋମା ପାଠ୍ୟ ଶେଷ କରି ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ୨୬ ବର୍ଷ ଧରି ମୁମ୍ବାଇରେ ଚକ ଦେ ଇଣ୍ଡିଆ, ରକେଟ ସିଂ, ତେରେ ବିନ ଲାଡେନ, ଫୁକ୍ରେ ଭଳି ଅନେକ ସୁପର ହିଟ ଚଳଚ୍ଚିତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ଏହି ବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର ଧୁରନ୍ଧରର ସେ ଥିଲେ ସାଉଣ୍ଡ ଇଞ୍ଜିନିୟର।

● ବୋମା ଭିଡ଼ିବା ବେଳେ ବିସ୍ଫୋରଣ

# ୩ ମହିଳାଙ୍କ ସମେତ ୫ ଆହତ

**ଭୁବନେଶ୍ୱର, ୨୭।୧(ସଂଚାର ବ୍ୟୁରୋ):** ରାଜଧାନୀର ସୁନ୍ଦରପଦା ନିୟୁ ଆଜାଦ୍ ନଗରରେ ଛାତ ଉପରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ବୋମା ବିସ୍ଫୋରଣରେ ୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ତିନି ଜଣ ମହିଳା ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଏୟାରଫିଲ୍ଡ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ୪ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରଣ କରାଯାଇଛି। କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ଆହତଙ୍କ ମଧ୍ୟରେ ଅଛନ୍ତି ସାହିଲ ଖାନ୍, ସାହାଜାନ ମଲ୍ଲିକ, ତୃପ୍ତିମୟୀ ବଳ ଓ ସୌମ୍ୟରଞ୍ଜନ ମୁଦୁଲି। ହସ୍ପିଟାଲରେ ପଞ୍ଜିକୃତ ନାମ ଅନୁସାରେ ଏମାନଙ୍କ ପରିଚୟ ହସ୍ତଗତ ହୋଇଛି। ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କଲେ ଭୁବନେଶ୍ୱର ଡିସିପି। ଘଟଣାରେ ଘରେ ରହୁଥିବା ସାହାନାଜ ଅଲ୍ଲୀ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ।

## ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ

# ଶବ୍ଦର ଅର୍ଘ୍ୟରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

● ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଲାଗି ସଂକଳ୍ପବଦ୍ଧ ହେବା: ମନ୍ତ୍ରୀ



**ଭୁବନେଶ୍ୱର, ୨୭।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପ ଠାରେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦେଶର ସ୍ୱାଧୀନତା, ସାର୍ବଭୌମତା ତଥା ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତିଷ୍ଠା ନିମନ୍ତେ ନିଜର ଯୋଗଦାନ ଦେଇଥିବା ବରପୁତ୍ରମାନଙ୍କୁ ମନେପକାଇବ, ସେମାନଙ୍କୁ ଶବ୍ଦର ଅର୍ଘ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ନିମନ୍ତେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ'ର ଆୟୋଜନ କରାଯାଉଛି। ସାଧାରଣତନ୍ତ୍ର ଦିବସ ଅବସରରେ ଦେଶପ୍ରେମ ଓ ଏକତାର ଭାବନାକୁ ଜାଗ୍ରତ କରିବା ସହ ଆମେ ସମସ୍ତେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବା ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ଦେବୋତ୍ତର ନିରୀକ୍ଷକ, ଅଡିଟରଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

- ରହିବ ଅନ୍‌ଲାଇନ୍ ଅଭିଯୋଗ ବାକ୍ସ
- ୱେବ୍‌ସାଇଟ୍‌ରେ ରହିବ ମନ୍ଦିରର ତଥ୍ୟ



**ଭୁବନେଶ୍ୱର ୨୭।୧(ସଂଚାର ବ୍ୟୁରୋ):** ମନ୍ଦିରଗୁଡ଼ିକର ରୀତିନୀତିଠାରୁ ଆରମ୍ଭ କରି ସମସ୍ତ ସେବା, ପୂଜା, ମନ୍ଦିର ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ଆୟବ୍ୟୟର ହିସାବ ରକ୍ଷଣରେ ଦେବୋତ୍ତର ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଅନ୍‌ଲାଇନ୍ ଅଭିଯୋଗର ବାକ୍ସ ରହିବା ସହିତ ସମସ୍ୟାର ତୁରନ୍ତ ସମାଧାନ କିପରି ହୋଇପାରିବ ସେନେଇ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଏଥିସହିତ ଦେବୋତ୍ତର ବିଭାଗ ଅଧୀନରେ ଥିବା ସମସ୍ତ ପୁରାତନ ମନ୍ଦିରର ବିସ୍ତୃତ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଗବେଷକ, ପର୍ଯ୍ୟଟକ ଏପରିକି ସାଧାରଣ ଜନସାଧାରଣଙ୍କୁ ମନ୍ଦିର ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ସୃଷ୍ଟି କରିବ। ମନ୍ଦିର ପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ନେଇ ମଧ୍ୟ ଅନେକ ଆଇନ ରହିଛି। ତେଣୁ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନେ ଆଇନକୁ ଭଲ ଭାବେ ଅନୁଶୀଳନ କରି କାର୍ଯ୍ୟ କଲେ ଅନେକ ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ୟୁନିଟ୍-୨ସ୍ଥିତ ସଚିବାଳୟ ତାଲିମ ପ୍ରତିଷ୍ଠାନ ପରିସରରେ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ, ଯେକୌଣସି କ୍ଷେତ୍ରରେ ତାଲିମ ଅଧିକ ଜାଣିବା ସହିତ ନିପୁଣ ଭାବେ କାର୍ଯ୍ୟ ସମ୍ପାଦନ ଦିଗରେ ଅଧିକ ଦକ୍ଷ କରିଥାଏ। ଦେବୋତ୍ତର ବିଭାଗରେ ଅନେକ ସମସ୍ୟାର ସମାଧାନ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଦ୍ୱାରା ସମ୍ଭବ ହୋଇପାରିବ।

# କ୍ୟାପିଟାଲ ହସ୍ପିଟାଲରେ ୧୬ରୁ ୪୦କୁ ବଢ଼ିବ ଆଇସିୟୁ ବେଡ୍ ସଂଖ୍ୟା

## ଭୁବନେଶ୍ୱର ସାଂସଦଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତି ବୈଠକରେ ବଡ଼ ନିଷ୍ପତ୍ତି



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଦୂର ହେବ ସମସ୍ୟା, ରୋଗୀଙ୍କୁ ମିଳିବ ଆହୁରି ଉନ୍ନତ ମାନର ଚିକିତ୍ସା ସେବା। ରୋଗୀ କଲ୍ୟାଣ ସମିତି ବୈଠକରେ ଏନେଇ ବଡ ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ୟାପିଟାଲ ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଡାକ୍ତରଖାନାର ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ସକାଶେ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ଡାଇରେକ୍ଟରଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ମଙ୍ଗଳବାର ବସିଥିବା ଆରକେଏସ ବୈଠକରେ କ୍ୟାପିଟାଲ ହସ୍ପିଟାଲରେ ଲାଗି ରହିଥିବା ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଭଲ ଭାବରେ ପଚାରି ବୁଝିଥିଲେ ଭୁବନେଶ୍ୱର ସାଂସଦ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ଆଇସିୟୁ ବେଡ୍ ସଂଖ୍ୟାକୁ ୧୬ରୁ ୪୦କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଆଇସିୟୁ ବେଡ୍ ସଂଖ୍ୟା କିପରି ଯଥାଶୀଘ୍ର ବୃଦ୍ଧି ହୋଇପାରିବ ସେ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆରକେଏସ ବୈଠକରୁ ଫୋନ୍ ଯୋଗେ ଆଲୋଚନା କରିଥିଲେ। ସେହିପରି କ୍ୟାପିଟାଲ ହସ୍ପିଟାଲରେ ପିଜି ପାଠ୍ୟକ୍ରମ ପାଇଁ ଡାକ୍ତରୀ ଛାତ୍ର ଅଧ୍ୟୟନ କରୁଛନ୍ତି। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ଫାକଲଟି ନିଯୁକ୍ତି ସକାଶେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଠିକାରେ କାମ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ୟାପିଟାଲ ହସ୍ପିଟାଲରେ ଦୀର୍ଘ ବର୍ଷରୁ ପ୍ରାୟ ୧୫୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ବେସରକାରୀ ଭାବେ କାମ କରି ଆସୁଛନ୍ତି। ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରିବା ନେଇ ବୈଠକରେ ଆଲୋଚନା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

# ଓଡ଼ିଶାର ଚାଷୀଙ୍କ ସହ ରହିଛି ବିଜେଡି

- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରହିବ
- ନବନିର୍ମାଣ କୃଷକ ସଂଗଠନକୁ ସାଧୁବାଦ



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ଚାଷୀ ସମାଜ ବିହନ ଯୋଗାଣ, ସାର ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ଘୋର ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି। ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ସମଗ୍ର ଓଡ଼ିଶାରେ ଚାଷୀମାନେ ରାଜରାସ୍ତାରେ ଅଛନ୍ତି। ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ପରଠାରୁ ସର୍ବଦା ଚାଷୀ ସଶକ୍ତିକରଣ ସହ ସବୁବେଳେ ଚାଷୀଙ୍କ ସହିତ ଛିଡ଼ା ହୋଇଛି। ମଣ୍ଡିରେ ଅନିୟମିତତା ଏବଂ ଓଡ଼ିଶାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନ ଚାଷୀମାନଙ୍କ ସ୍ୱାର୍ଥରେ ଯେଉଁ ଆନ୍ଦୋଳନର ଡାକରା ଦେଇଛି, ତାହା ଚାଷୀ ହିତକର ପଦକ୍ଷେପ। ବିଜେଡି ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହିତ ବିଜେଡି ଚାଷୀମାନଙ୍କ ହିତରେ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ।

ସମସ୍ତ ଚାଷୀଙ୍କ ଧାନ ଏମ୍‌ଏସପି ଏବଂ ଇନପୁଟ୍ ସବସିଡି ମିଶାଇ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କିଣାଯାଉ। ଧାନ କ୍ରୟ ପରେ ସଠିକ୍ ସମୟ ମଧ୍ୟରେ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଉ। ଟୋକନ ଓ ମଣ୍ଡି ସମସ୍ୟା ନେଇ ଚାଷୀମାନଙ୍କୁ ଯେଉଁ ହଇରାଣ କରାଯାଉଛି, ତାହା ତୁରନ୍ତ ବନ୍ଦ କରାଯାଉ। ଦଲାଲ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜୁ ଜନତା ଦଳ ଏହାର ପ୍ରତିବାଦରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆସନ୍ତା ଫେବୃଆରୀ ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବ। ଏହାପରେ ୨୪ ତାରିଖ ଦିନ ରାଜଧାନୀରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଡ଼ ମହାନ୍ତି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ଚଳିତ ବର୍ଷ ମାତ୍ର ୩୫ ପ୍ରତିଶତ ଧାନ କିଣାଯାଇଛି । ଓଡ଼ିଶା ସରକାରଙ୍କ ଧାନ କିଣା ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି ।

# ଜଳିଗଲା କାର୍: ଦୁଇ ଗୁରୁତର

**ନୂଆପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ପାଁୱାରତୋଳା ଗାଁରେ ଆଜି ଏକ ଅଘଟଣ ଘଟିଛି। ଦ୍ରୁତ ଗତିରେ ଯାଉଥିବା ଏକ କାରରେ ନିଆଁ ଲାଗି କ୍ଷଣକେ କାରଟି ହୁହୁ ହୋଇ ଜଳିଯାଇଛି। କାରରେ ଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। କାର ଜଳିବା କାରଣ ଅସ୍ପଷ୍ଟ ଥିବାବେଳେ କାରରେ ବସିଥିବା ୨ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛତିଶଗଡର ଦୁଇ ଜଣ ବ୍ୟକ୍ତି ନୂଆପଡା ଆସିଥିବା ବେଳେ କାରରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାରେ ଜଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅନ୍ୟ ଜଣଙ୍କର ହାତ ଭାଙ୍ଗି ଯାଇଥିବା ଜଣାପଡିଛି। ଆହତଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ଜନ୍ମଦିନରେ ଅଙ୍ଗନବାଡ଼ି ପିଲାଙ୍କୁ ଫଳ ବାଣ୍ଟି କୁପୋଷଣ ଦୂରକରିବା

- ପଞ୍ଚତତ୍ତ୍ୱ ପାର୍କର ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ
- 'ସୁଭଦ୍ରା ସାଧନ କେନ୍ଦ୍ରର' ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ 'ପଞ୍ଚତତ୍ତ୍ୱ ପାର୍କ'ର ଉଦଘାଟନ କରିବା ସହ 'ସୁଭଦ୍ରା ସାଧନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ ତଥା ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲ୍ଡିଂର ଦୁଇଦିନିଆ କର୍ମଶାଳାର ଶୁଭାରମ୍ଭ କରି 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା' ଅଧୀନରେ ଶିଶୁମାନଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ସଂଶୋଧନ କରି ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି।

ଶ୍ରୀମତୀ ପରିଡା ନିଜ ଅଭିଭାଷଣରେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଥିଲେ। ନବନିର୍ମିତ 'ପଞ୍ଚତତ୍ତ୍ୱ ପାର୍କ' ବିଷୟରେ ଆଲୋକପାତ କରି ସେ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ରାଜ୍ୟ ସରକାର ସଫଳତାର ସହ ୫୫,୦୦୦ ଅଙ୍ଗନବାଡି କେନ୍ଦ୍ରକୁ ନିଜସ୍ୱ ଗୃହ ଯୋଗାଇ ଦେଇଛନ୍ତି। ଏଥିସହ ସମାଜର ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଜନ୍ମଦିନରେ ଅଙ୍ଗନବାଡ଼ି ଶିଶୁଙ୍କୁ ଫଳ ବାଣ୍ଟିବା ପାଇଁ ସଂକଳ୍ପ ନେବେ, ତେବେ ଓଡ଼ିଶା ଖୁବ୍ ଶୀଘ୍ର ଏକ ସୁସ୍ଥ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ସୁପୋଷିତ ଓଡ଼ିଶା ମିଶନର ଲକ୍ଷ୍ୟ ହେଉଛି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କୁପୋଷଣ ମୁକ୍ତ କରିବା। ଯେଉଁ କେନ୍ଦ୍ରରେ ଅତି କମ୍ ଓଜନର ଶିଶୁ ରହିବେ ନାହିଁ, ସେହି କେନ୍ଦ୍ରକୁ 'ସୁପୋଷିତ' ଘୋଷଣା କରାଯିବ ଏବଂ କର୍ମୀଙ୍କୁ ସମ୍ମାନିତ କରାଯିବ। 'ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲଡିଂ କର୍ମଶାଳା' ମାଧ୍ୟମରେ ତୃଣମୂଳ ସ୍ତରରେ କର୍ମଚାରୀଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଶିଶୁମାନଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ରାଜ୍ୟ ସରକାର ଏକ ସଂଶୋଧନ କରିଛନ୍ତି । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ଓ ବିଭିନ୍ନ ଜିଲ୍ଲାର ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ 'କୁପୋଷଣ ମୁକ୍ତ ଓଡ଼ିଶା' ପାଇଁ ସମୂହ ଶପଥ ପାଠ କରାଯାଇଥିଲା।

● ମଶା ଧୂଆଁରୁ ଅଗ୍ନିକାଣ୍ଡ

# ଗୁହାଳରେ ୪ ଗୋରୁ ଜୀବନ୍ତ ଦଗ୍ଧ

**ଭଦ୍ରକ,୨୭।୧(ସଂଚାର ବ୍ୟୁରୋ):** ଭଦ୍ରକ ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତ ଅନ୍ତର୍ଗତ ଜୁଡ଼ାଗଡିଆ ନିବାସୀ ଦୈତାରି ସୂତାରଙ୍କ ଗୁହାଳ ଘରେ ମଶା ପାଇଁ ଧୂଆଁ ଦିଆଯାଇଥିବା ବେଳେ ଏଥିରୁ ଝୁଲ ବାହାରି ନିଆଁ ଲାଗି ଯାଇଥିଲା।

ନିଆଁର ପ୍ରକୋପ ଏତେ ଥିଲା ଯେ, ଗୁହାଳରୁ ଗୋରୁଙ୍କୁ କାଢ଼ିବା ସମ୍ଭବ ହୋଇପାରି ନଥିଲେ। ଯାହା ଫଳରେ ୪ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଖବର ପାଇଁ ଜଗଦଳପୁର ସରପଞ୍ଚ ତିଳୋତମା ମହାପାତ୍ର, ରାଜସ୍ୱ ନିରୀକ୍ଷକ ଗୌତମ ମଲ୍ଲିକ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

କ
ସଂଚାର SANCHAR
ବୁଧବାର ୨୮ ଜାନୁଆରୀ ୨୦୨୬
BUSINESS



# ଛୋଟ ନୋଟ୍ ପାଇଁ ବସିବ ସ୍ୱତନ୍ତ୍ର ଏଟିଏମ୍

ନୂଆଦିଲ୍ଲୀ, ୨୭ା୧ : ଭାରତୀୟ ବଜାରରେ ଛୋଟ ମୂଲ୍ୟର ନୋଟ୍‌ଗୁଡ଼ିକର ଏବେ ଘୋର ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍ୱତନ୍ତ୍ର ଏଟିଏମ୍ ବସାଇବା ପାଇଁ ଯୋଜନା କରୁଛନ୍ତି। ସଂପ୍ରତି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବେ ଭାରତରେ ୟୁପିଆଇର ବ୍ୟବହାର ସର୍ବତ୍ର ଥିବା ସତ୍ତ୍ୱେ ବଜାରରୁ ଛୋଟ ନୋଟ୍‌ଗୁଡ଼ିକର ଚାହିଦା କମିନି। ବଜାରରେ ଛୋଟ ନୋଟ୍ ମିଳୁନଥିବାକୁ ନେଇ ନିକଟରେ ସର୍ବଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇଆର୍‌ବିଇଏ) ଉଦ୍‌ବେଗ ପ୍ରକଟ କରିଥିଲା। ବିଶେଷକରି ୧୦୦ ଟଙ୍କା ତଳକୁ ଭାରତୀୟ ନୋଟ୍ ପାଇଁ ଖୁଚୁରା ବଜାରରେ ଲୋକେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସବୁ ନୋଟ୍ ପର୍ଯ୍ୟାପ୍ତ ପରିମାଣରେ ଛାପିବା ପାଇଁ ସଂଘ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରାଯାଇଥିଲା। ଆଇଆର୍‌ବିଇଏର ସାଧାରଣ ସଂପାଦକ ସମୀର ଘୋଷ ଏ ସଂକ୍ରାନ୍ତରେ ରିଜର୍ଭ ବ୍ୟାଙ୍କଙ୍କୁ କ୍ଷୁଦ୍ର ମୂଲ୍ୟର ନୋଟ୍‌ଗୁଡ଼ିକ ଏଟିଏମ୍‌ରେ ଉପଲବ୍‌ଧ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ କିଭଳି ଭାବେ ୧୦ ଟଙ୍କିଆ, ୨୦ ଟଙ୍କିଆ ଓ ୫୦ ଟଙ୍କିଆ ନୋଟ୍ ସ୍ୱତନ୍ତ୍ର ଏଟିଏମ୍‌ରେ ଉପଲବ୍‌ଧ ହେବ ସେ ନେଇ ପରୀକ୍ଷା ନିରୀକ୍ଷା ଜାରି ରହିଥିବାବେଳେ ମୁମ୍ବାଇରେ ଇତିମଧ୍ୟରେ ପରୀକ୍ଷାମୂଳକ ଭାବେ ଏକ ଛୋଟ ନୋଟ୍ ପାଇଁ ଏକ ମଡେଲ୍ ଏଟିଏମ୍ ପ୍ରଦର୍ଶିତ ହୋଇଛି।

## କ୍ରିପ୍ଟୋ ନିବେଶକଙ୍କ ବଢ଼ିଲା ଚିନ୍ତା!



# ବିଟ୍ କଏନ ସହ ଅନ୍ୟ କରେନ୍ସିରେ ହ୍ରାସ

ନୂଆଦିଲ୍ଲୀ,୨୭ା୧: କ୍ରିପ୍ଟୋକରେନ୍ସି ବଜାର ପାଇଁ ଖରାପ ଖବର। ଗତକାଲି ଜୋରଦାର ହ୍ରାସ ପରେ, ଆଜି ସ୍ଥିତିରେ ବିଶେଷ ଉନ୍ନତି ହୋଇନାହିଁ। ବିଟକଏନ୍ ଏବଂ ଇଥେରିୟମ୍ ଭଳି ପ୍ରମୁଖ ଡିଜିଟାଲ୍ ମୁଦ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟୁଛି। କ୍ରିପ୍ଟୋ ବଜାରରେ ଚାଲିଥିବା ହ୍ରାସ ନିବେଶକଙ୍କ ଚିନ୍ତାବଢ଼ାଇଛି। ଅନ୍ୟପକ୍ଷରେ, ବଢ଼ୁଥିବା ବିଶ୍ୱ ଭୂରାଜନୈତିକ ଉତ୍ତେଜନା ଲୋକଙ୍କୁ ସୁରକ୍ଷିତ ନିବେଶ ଆଡ଼କୁ ଟାଣି ନେଉଛି। ସୁନା ଏବଂ ରୂପାର ଚାହିଦା ବୃଦ୍ଧି ପାଉଛି। ନିବେଶକମାନେ କ୍ରିପ୍ଟୋ ପରି ବିପଦପୂର୍ଣ୍ଣ ଆସେଟ୍‌ରୁ ନିଜକୁ ଦୂରେଇ ରଖୁଛନ୍ତି। ଏହା ମଧ୍ୟ କ୍ରିପ୍ଟୋରେ ଦୁର୍ବଳତାର ଏକ କାରଣ ବୋଲି ବିଶ୍ୱାସ କରାଯାଏ। ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟକଏନ ବିଷୟରେ ଯଦି କଥା ହେବା ତେବେ ଏହାର ମୂଲ୍ୟ ବର୍ତ୍ତମାନ ୮୭,୭୨୫.୭୯ ଡଲାର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହା ୦.୮୩ ପ୍ରତିଶତ ହ୍ରାସ ପାଇଛି। ଏହି ସମୟରେ, ବିଟକଏନ ଗତ ସାତ ଦିନ ମଧ୍ୟରେ ୫.୬୯% ହ୍ରାସ ପାଇଛି।

# ମିଳିବ ଏଚ୍-ଡି ଗୁଣବତ୍ତାବିଶିଷ୍ଟ ଭଏସ୍ କଲ୍ ସୁବିଧା



## ବିଏସ୍‌ଏନ୍‌ଏଲ୍‌ର ଆଇଏମ୍‌ଏସ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୭ା୧(ସଂଚାର ବ୍ୟୁରୋ): ଗତକାଲି ସାଧାରଣତନ୍ତ୍ର ଦିବସ ଅବସରରେ ସ୍ଥାନୀୟ ବିଏସଏନଏଲ ଓଡ଼ିଶାର ଫୋରଜି ଡାଟା ସେଣ୍ଟରଠାରେ ସ୍ୱଦେଶୀ ଭାବେ ବିକଶିତ ଆଇପି ମଲ୍ଟିମିଡିଆ ସବ୍‌ସିଷ୍ଟମ୍ (ଆଇଏମଏସ) ଉଦଘାଟିତ ହୋଇଛି। ବିଏସଏନଏଲ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହାକୁ ଉଦଘାଟନ କରିଛନ୍ତି। ଏହି ସିଷ୍ଟମ୍ ବିଏସଏନଏଲ ଗ୍ରାହକମାନଙ୍କୁ ଏଲଟିଇ (୪-ଜି) ମାଧ୍ୟମରେ ଏଚଡି-ଗୁଣବତ୍ତା ଭଏସ୍ କଲ୍ ପ୍ରଦାନ କରିବ, ଯାହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯୋଗାଯୋଗକୁ ସୁନିଶ୍ଚିତ କରିବ। ଟିସିଏସ ଓ ସିଡିଓଟି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ବିକଶିତ ଏହି ବ୍ୟବସ୍ଥା ପୂର୍ବ ଭାରତର ବିଏସଏନଏଲ ନେଟୱାର୍କରେ ପ୍ରଥମ ଥର ଆରମ୍ଭ କରାଯାଇଛି। ଏଥିସହ ଦୂରସଞ୍ଚାର ନବସୃଜନରେ ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ଗୌରବଶାଳୀ ପଦକ୍ଷେପ। ଏହି ମାଇଲଖୁଣ୍ଟ ସହ ବିଏସଏନଏଲ ସମଗ୍ର ଓଡ଼ିଶାରେ ପ୍ରତ୍ୟେକ ବିଏସଏନଏଲ ଗ୍ରାହକଙ୍କ ପାଇଁ ନବସୃଜନ, ଆତ୍ମନିର୍ଭରଶୀଳତା ଓ ବିଶ୍ୱସ୍ତରୀୟ ସଂଯୋଗ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ କରିଛି।

# ୟୁରୋପୀୟ କାର ଶସ୍ତା ହେବ

## ଆମଦାନୀ ଶୁଳ୍କ ୪୦%କୁ କମିବ

ନୂଆଦିଲ୍ଲୀ: ୟୁରୋପୀୟ ସଂଘ (ଇୟୁ) ଅଧୀନରେ ଥିବା ଦେଶରୁ ଆମଦାନୀ ହେଉଥିବା କାର୍ ଉପରେ ଲଗାଯାଇଥିବା ୧୧୦ ପ୍ରତିଶତ ଶୁଳ୍କ ୪୦ ପ୍ରତିଶତକୁ ହ୍ରାସ ପାଇବ। ଭାରତ ଓ ଇୟୁ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ରାଜିନାମାରେ କାର୍ ଶୁଳ୍କ କମ୍ କରିବା ବ୍ୟବସ୍ଥା ରହିଛି। ଏହା ହେଲେ ୟୁରୋପୀୟ କାର୍‌ଗୁଡ଼ିକ ଭାରତୀୟ ବଜାରରେ ଆହୁରି କମ୍ ଦାମ୍‌ରେ ଉପଲବ୍ଧ ହୋଇପାରିବ। ଇୟୁ ଅଧୀନରେ ୨୭ଟି ରାଷ୍ଟ୍ର ରହିଛନ୍ତି। ଏହି ଦେଶଗୁଡ଼ିକରୁ ଆମଦାନୀ ହେଉଥିବା ୧୫,୦୦୦ ୟୁରୋରୁ ଅଧିକ ମୂଲ୍ୟର କାର୍ ଉପରୁ ଶୁଳ୍କ କମ୍ କରିବାକୁ



ଭାରତ ରାଜି ହୋଇଛି। ଭବିଷ୍ୟତରେ ଶୁଳ୍କକୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ମଧ୍ୟ ଉଭୟ ପକ୍ଷ ସହମତ ହୋଇଛି। ଏହି ରାଜିନାମା ଦ୍ୱାରା ରେନୋ, ଷ୍ଟେଲାଣ୍ଟିସ୍, ଫକ୍ସୱାଗନ, ମର୍ସିଡିସ୍-ବେଞ୍ଜ ଓ ବିଏମ୍‌ଡବ୍ଲ୍ୟୁ ଭଳି କାର୍ ବ୍ରାଣ୍ଡ୍ ଉପକୃତ ହେବେ। ଭାରତ-ଇୟୁ ବାଣିଜ୍ୟ ରାଜିନାମାକୁ ବିଶ୍ୱର ଶ୍ରେଷ୍ଠ ରାଜିନାମା ଭାବେ ବିଚାର କରାଯାଉଛି। ଆମେରିକା ଓ ଚୀନ ପରେ ଭାରତ ହେଉଛି ବିଶ୍ୱର ତୃତୀୟ ବଡ଼ କାର୍ ବଜାର। କିନ୍ତୁ ଭାରତରେ ସ୍ଥାନୀୟ ଅଟୋମୋବାଇଲ୍ ଶିଳ୍ପକୁ ସୁରକ୍ଷା ପ୍ରଦାନ କରିବା ଲାଗି କଠୋର ବ୍ୟବସ୍ଥା ରହିଛି। ବିଦେଶୀ କାର୍ ଉପରେ ୭୦ ପ୍ରତିଶତରୁ ୧୧୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଶୁଳ୍କ ଲାଗୁ କରଯାଇଛି। ଭାରତର ଏଭଳି ଟିକସ ନୀତିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଟେସ୍‌ଲା ପ୍ରତିଷ୍ଠାତା ଏଲନ ମସ୍କ ନିୟମିତ ବ୍ୟବଧାନରେ ବିରୋଧ କରୁଛନ୍ତି। ପ୍ରତିବର୍ଷ ୟୁରୋପର ୨ ଲକ୍ଷ କାର୍ ପାଇଁ ଆମଦାନୀ ଶୁଳ୍କ ୪୦ ପ୍ରତିଶତକୁ ହ୍ରାସ କରିବା ଲାଗି ଭାରତ ପ୍ରସ୍ତାବ ଦେଇଛି। ଅଟୋମୋବାଇଲ୍ ଶିଳ୍ପକୁ ବିଦେଶୀ ନିବେଶକମାନଙ୍କ ଲାଗି ଖୋଲିବା ପାଇଁ ଭାରତର ଏହା ହେଉଛି ଏକ ବଳିଷ୍ଠ ପଦକ୍ଷେପ। ତେବେ ଏହି ପ୍ରସ୍ତାବରେ ଇଲେକ୍ଟ୍ରିକ ଯାନକୁ ସାମିଲ କରାଯାଇନାହିଁ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ଟାଟା ମୋଟର୍ସ ଭଳି ସ୍ଥାନୀୟ ଗାଡ଼ି ନିର୍ମାତାମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଇଭି ଆମଦାନୀ ଉପରେ ସେହି ସୁବିଧା ମିଳିବ ନାହିଁ। ଏହି ଅବଧି ଶେଷ ହେବା ପରେ ଇଭି ଉପରେ ଶୁଳ୍କ ୪୦ ପ୍ରତିଶତକୁ ହ୍ରାସ ପାଇବ। ଭାରତରେ ବର୍ଷକୁ ୪୪ ଲକ୍ଷରୁ ଅଧିକ କାର୍ ବିକ୍ରି ହେଉଥିବା ବେଳେ ସେଥିରେ ୟୁରୋପୀୟ ବ୍ରାଣ୍ଡ୍‌ଗୁଡ଼ିକର ଭାଗ ମାତ୍ର ୪ ପ୍ରତିଶତ ରହିଛି। ଜାପାନର ମାରୁତି ସୁଜୁକି ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟାଟା ଭଳି ସ୍ଥାନୀୟ କମ୍ପାନିର କାର୍ ଅଧିକ ବିକ୍ରି ହେଉଛି।

## ବଡ଼ ଧରଣର ଛଟେଇ କରିବ ଆମାଜନ

# ଚାକିରି ହରାଇବେ ୧୬,୦୦୦ କର୍ମଚାରୀ

ନୂଆଦିଲ୍ଲୀ: ଆମାଜନ୍ ପୁଣି ଥରେ ବଡ଼ ଧରଣର ଛଟେଇ ପାଇଁ ପ୍ରସ୍ତୁତ ହେଉଛି। ଜାନୁଆରୀ ୨୭ ତାରିଖରୁ ନୂତନ ଛଟେଇ ଆରମ୍ଭ କରିପାରେ କମ୍ପାନୀ। ଫଳରେ ସାରା ବିଶ୍ୱରେ ପ୍ରାୟ ୧୬ ହଜାର କର୍ମଚାରୀଙ୍କ ଚାକିରି ବିପଦରେ। ଏଥର, ଭାରତରେ କାର୍ଯ୍ୟରତ ଦଳଗୁଡ଼ିକ ଅଧିକ ପ୍ରଭାବିତ ହେବାର ଆଶା କରାଯାଉଛି। ଆମାଜନ୍ ୱେବ୍ ସର୍ଭିସ(ଏଡବ୍ଲ୍ୟୁଏସ) ଏବଂ ପ୍ରାଇମ୍ ଭିଡିଓ ଭଳି ପ୍ରମୁଖ ବିଭାଗଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଛଟେଇଗୁଡ଼ିକ ଆମାଜନ୍‌ର ବୃହତ ପୁନର୍ଗଠନ ଯୋଜନାର ଏକ ଅଂଶ ବୋଲି କୁହାଯାଉଛି। ଯାହା ୨୦୨୬ ମଧ୍ୟଭାଗ ସୁଦ୍ଧା ପ୍ରାୟ ୩୦,୦୦୦ କର୍ପୋରେଟ୍ ପଦବୀକୁ ହଟାଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଛଟେଇ ପୂର୍ବ ଅପେକ୍ଷା ଅଧିକ ଦେଶକୁ ପ୍ରଭାବିତ କରିବ, ଭାରତୀୟ ଦଳଗୁଡ଼ିକୁ ବିଶେଷ ଭାବରେ ଟାର୍ଗେଟ କରାଯିବାର ସମ୍ଭାବନା ରହିଛି।

ଅନେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମାଜନ୍ ଆଗାମୀ ଦିନରେ ଚାକିରି କାଟ ଘୋଷଣା କରିପାରେ। ବ୍ଲାଇଣ୍ଡ୍ ଏବଂ ରେଡ୍‌ଡିଟ୍ ଭଳି ପ୍ଲାଟଫର୍ମ କର୍ମଚାରୀଙ୍କ ମଧ୍ୟରେ ଏହା




ବିଷୟରେ ଯଥେଷ୍ଟ ଆଲୋଚନା ସୃଷ୍ଟି କରୁଛି। ରିପୋର୍ଟ କରାଯାଉଛି ଯେ ଏଡବ୍ଲ୍ୟୁଏସ, ପ୍ରାଇମ୍ ଭିଡିଓ ଏବଂ ଅନ୍ୟାନ୍ୟ କର୍ପୋରେଟ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଅଧିକ ବିପଦରେ ଅଛନ୍ତି। ଆମାଜନ ୨୦୨୫ ଶେଷରେ ଏହି ପୁନର୍ଗଠନ ଆରମ୍ଭ କରିଥିଲା। ଅକ୍ଟୋବରରେ, କମ୍ପାନୀ ପ୍ରାୟ ୧୪ ହଜାର ହ୍ୱାଇଟ୍-କଲର ପଦବୀକୁ ହଟାଇ ଦେଇଥିଲା। ବର୍ତ୍ତମାନ କୁହାଯାଉଛି ଏହା ଦ୍ୱିତୀୟ ପର୍ଯ୍ୟାୟ, ଯାହା ଫଳରେ ଆଉ ୧୬ ହଜାର ଚାକିରି ହରାଇପାରେ। ୨୦୨୫ ଶେଷରେ ଏକ ରଏଟର୍ସ ରିପୋର୍ଟରେ କୁହାଯାଇଥିଲା ଯେ ଆମାଜନ ପ୍ରାୟ ୩୦ ହଜାର କର୍ପୋରେଟ୍ ଚାକିରି କାଟିବାକୁ ଯୋଜନା କରୁଛି। ଏହି ସଂଖ୍ୟା ୨୦୨୨ ଏବଂ ୨୦୨୩ରେ ରିପୋର୍ଟ କରାଯାଇଥିବା ୨୭ ହଜାର ଛଟେଇକୁ ଅତିକ୍ରମ କରିବ। ଯଦିଓ ଆମାଜନର ବିଶ୍ୱବ୍ୟାପୀ ପ୍ରାୟ ୧.୫୭ ନିୟୁତ କର୍ମଚାରୀ ଅଛନ୍ତି, ଏହି କାଟଗୁଡ଼ିକ ମୁଖ୍ୟତଃ କର୍ପୋରେଟ୍, ପରିଚାଳନା ଏବଂ ସମର୍ଥନ ଭୂମିକା ଉପରେ କେନ୍ଦ୍ରିତ, ଯାହାର ସଂଖ୍ୟା ପ୍ରାୟ ୩ ଲକ୍ଷ ୫୦ ହଜାର। ଏଡବ୍ଲ୍ୟୁଏସ, ପ୍ରାଇମ୍ ଭିଡିଓ, ଖୁଚୁରା କାର୍ଯ୍ୟ ଏବଂ ଆମାଜନର ଏଚଆର ବିଭାଗ, ପିପୁଲ୍ ଏକ୍ସପିରିଏନ୍ସ ଆଣ୍ଡ୍ ଟେକ୍ନୋଲୋଜି (ପିଏକ୍ସଟି) ଉପରେ ପ୍ରଭାବ ପକାଇପାରେ। ଭାରତରେ ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଚେନ୍ନାଇ ଭଳି କର୍ପୋରେଟ୍ ଦଳଗୁଡ଼ିକୁ ଅଧିକ ବିପଦରେ ବିବେଚନା କରାଯାଏ।

କର୍ମଚାରୀଙ୍କ ଅନୁଯାୟୀ, ଜାନୁଆରୀ ୨୭ ତାରିଖ ସପ୍ତାହରୁ ଛଟେଇ ପ୍ରକ୍ରିୟା ଆରମ୍ଭ ହୋଇପାରେ। ରେଡ୍‌ଡିଟ୍, ବ୍ଲାଇଣ୍ଡ୍ ଏବଂ ଲିଙ୍କ୍‌ଡିନ୍‌ରେ ଅନେକ କର୍ମଚାରୀ ଦାବି କରିଛନ୍ତି ଯେ ପରିଚାଳକମାନେ ସମ୍ଭାବ୍ୟ ଛଟେଇ ବିଷୟରେ ସୂଚନା ଦେଇଛନ୍ତି। କେତେକ କହିଛନ୍ତି ଯେ କାର୍ଯ୍ୟଦକ୍ଷତା ଉନ୍ନତି ଯୋଜନା (ପିଆଇପି) ରେ ଥିବା କର୍ମଚାରୀମାନଙ୍କୁ ପ୍ରଥମେ ସୂଚିତ କରାଯାଇପାରେ।

## ବଜେଟରେ ମଧ୍ୟବିତ୍ତଙ୍କୁ ମିଳିପାରେ ବଡ଼ ଆଶ୍ୱସ୍ତି

# ଘର, ଚିକିତ୍ସା ଓ ବୀମା ହେବ ଶସ୍ତା

ନୂଆଦିଲ୍ଲୀ, ୨୭ା୧: ବଜେଟ୍ ୨୦୨୬ରୁ ଦେଶର ମଧ୍ୟବିତ୍ତ ବର୍ଗ ଓ ସାଧାରଣ ଲୋକଙ୍କମ ଆଶା ଅଧିକ ରହିଛି। ଦରବୃଦ୍ଧି ଓ ଦୈନନ୍ଦିନ ଖର୍ଚ୍ଚ ମଧ୍ୟରେ ଲୋକମାନେ ଚଳିତ ଥର ବଜେଟରେ ଏପରି କିଛି ଆଶା ରଖିଛନ୍ତି, ଯାହା ତାଙ୍କ ପକେଟର ବୋଝକୁ କମ କରିବ। ବିଶେଷଜ୍ଞଙ୍କ ମତରେ ଏହି ବିଜେଟ୍ କେବଳ ଅର୍ଥବ୍ୟବସ୍ଥାକୁ ମଜଭୁତ କରିବା ଯାଏ ସୀମିତ ନୁହେଁଷ ବରଂ ସାଧାରଣ ପରିବାର ପାଇଁ ଅନେକ ଆଶ୍ୱସ୍ତି ଆଣିପାରେ।

ବିଶେଷଜ୍ଞଙ୍କ ମତରେ ବଜେଟ୍ ୨୦୨୬ର ଫୋକସ୍ ଭିତ୍ତିଭୂମି, ପ୍ରତିରକ୍ଷା ଓ ରପ୍ତାନୀ ଉପରେ ରହିବ ଏବଂ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରଶିପ୍ ମଜଭୁତ ହେବ। ଏହାସହ ସାଧାରଣ ଲୋକଙ୍କୁ ଟ୍ୟାକ୍ସ, ଜିଏସଟି ଓ ବୀମାରେ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି। ବଜେଟ୍ ୨୦୨୬ରେ ରେଲୱେ, ରୋଡ୍, ଏୟାର ଓ ଡିଜିଟାଲ୍ ଭିତ୍ତିଭୂମି ସମେତ ଅନେକ ପ୍ରମୁଖ ସେକ୍ଟର୍ସରେ ନିବେଶ ବଢ଼ିବାର ସମ୍ଭାବନା ରହିଛି। ଏହାଦ୍ୱାରା କେବଳ ରୋଜଗାର ବଢ଼ିବନି, ବରଂ ମଧ୍ୟବିତ୍ତ ପରିବାରକୁ ଉନ୍ନତ ସୁବିଧା ଓ ସେବା ମଧ୍ୟ ମିଳିବ। କଷ୍ଟମ ଓ ଟିକସ ପ୍ରଣାଳୀକୁ ସରଳ କରିବା, ଏସଇଜେଡ୍ ସୁଧାରିବା ଓ ଟାରିଫ୍ ରାସନଲାଇଜ୍ କରିବା ପଦକ୍ଷେପ ବି ସାଧାରଣ ଲୋକଙ୍କୁ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ପ୍ରଦାନ କରିବାରେ ସହାୟକ ହେବ। ଗତ ବର୍ଷର ଅର୍ଥନୈତିକ ସଂସ୍କାରକୁ ଦୃଷ୍ଟିରେ ରଖି, ଚଳିତ ବର୍ଷ ବଜେଟରେ ଜିଏସଟିରେ ଛାଡ଼ ଓ ଜୀବନ ତଥା ସ୍ୱାସ୍ଥ୍ୟ ବୀମା ଉପରେ ଟ୍ୟାକ୍ସ ରିହାତି ବଢ଼ିବା ଆଶା ରହିଛି। ଏହାଦ୍ୱାରା ମିଡିଲ୍ କ୍ଲାସ୍ ପରିବାର ପାଇଁ ବୀମା ପଲିସି ନେବା ସହଜ ହେବ ଓ ଚିକିତ୍ସା ଖର୍ଚ୍ଚରେ ସିଧା ଲାଭ ମିଳିବ। ବଜେଟ୍ ୨୦୨୬ରେ ଏମଏସଏମଇ ଓ ଷ୍ଟାର୍ଟଅପ୍ସକୁ ଟ୍ୟାକ୍ସ-ଫ୍ରି ପ୍ରୋତ୍ସାହନ ଦେବା ପାଇଁ ଯୋଜନା ରହିଛି। ଏହାଦ୍ୱାରା କ୍ଷୁଦ୍ର ବ୍ୟବସାୟୀଙ୍କ ଉତ୍ପାଦକତା ବଢ଼ିବ ଓ ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା କରିପାରିବ। ଏହାର ପ୍ରଭାବରେ ସାଧାରଣ ଲୋକଙ୍କ ରୋଜଗାର ସୁଯୋଗ ବୃଦ୍ଧି ପାଇବ ଓ ଅର୍ଥବ୍ୟବସ୍ଥାରେ ସ୍ଥିରତାର ଲାଭ ମିଳିବ।



# ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଚାଷୀଙ୍କୁ ଅଡୁଆରେ ପକାଉଛି ମଣ୍ଡି ସମସ୍ୟା

**କଳାହାଣ୍ଡି,୨୭।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଧାନକିଣାରେ ମନ୍ଥରତା ଯୋଗୁଁ ଚାଷୀମାନେ ମାସମାସ ଧରି ମଣ୍ଡିରେ ଜଗି ରହିଛନ୍ତି । ଜିଲ୍ଲା ପାଇଁ ୨ଟି ପର୍ଯ୍ୟାୟରେ ୫୪ ଲକ୍ଷ କ୍ୟୁଣ୍ଟାଲ ଟାର୍ଗେଟ ଆସି ସାରିଛି। ତଥାପି ମଣ୍ଡିଗୁଡ଼ିକରେ ପ୍ରଚୁର ପରିମାଣର ଧାନ ପଡିରହିଥିବା ଯୋଗୁଁ ପୁଣି ଥରେ ତୃତୀୟ ପର୍ଯ୍ୟାୟରେ ୧୨ ଲକ୍ଷ କ୍ୟୁଣ୍ଟାଲର ଟାର୍ଗେଟ ପ୍ରଦାନ ପ୍ରଦାନ ନିମନ୍ତେ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି ।



ସୂଚନାନୁସାରେ, ଜିଲ୍ଲାକୁ ୨ଟି ପର୍ଯ୍ୟାୟରେ ୫୪ ଲକ୍ଷ କ୍ୟୁଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଛି । ଏପର୍ଯ୍ୟନ୍ତ ଜିଲ୍ଲାର ୨୩୦ଟି ମଣ୍ଡିରେ ୪୫ ଲକ୍ଷ କ୍ୟୁଣ୍ଟାଲ ଧାନଉଠାଣ ସରିଛି। ହେଲେ ଏବେ ବି ପ୍ରାୟ ୨୦ ଲକ୍ଷ କ୍ୟୁଣ୍ଟାଲରୁ ଅଧିକ ଧାନ, ମଣ୍ଡିଗୁଡ଼ିକରେ ପଡିରହିଛି। ଏଥିପାଇଁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଆହୁରି ୧୨ ଲକ୍ଷ କ୍ୟୁଣ୍ଟାଲ ଟାର୍ଗେଟ୍ ମଗା ଯାଇଛି । ଗତବର୍ଷ ୬୨ ଲକ୍ଷ କ୍ୟୁଣ୍ଟାଲ ଧାନ କିଣାଯାଇଥିବା ବେଳେ ଚଳିତବର୍ଷ ଅଧିକ ଧାନ ଉତ୍ପାଦନ ହୋଇଥିବାରୁ ମଣ୍ଡିଗୁଡ଼ିକରେ ଧାନ ପଡିରହିଛି । ଚାଷୀମାନଙ୍କ ଟୋକନ୍ ଧାର୍ଯ୍ୟ ସମୟ ଶେଷ ହେଉଥିବା ବେଳେ ପୁଣିଥରେ ନବୀକରଣ ହୋଇ ମାସେ ଲେଖାଏଁ ଘୁଞ୍ଚୁଛି। ଅନ୍ୟପକ୍ଷରେ ମଣ୍ଡିରେ ଧାନ ଧରି ଅପେକ୍ଷା କରିଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି । ଗୋଟିଏ ପଟେ ବିଭ୍ରାଟ ବାଟ ଯୋଗୁଁ ଏକରପିଛା କମ୍ ଧାନ ବିକ୍ରି ପାଇର୍ ଟୋକନ୍ ମିଳିଛି। ଏବେ ତାହା ଲାପ୍ସ ହୋଇ ପୁଣି ଅବଧି ଘୁଞ୍ଚୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ତେବେ ବର୍ତ୍ତମାନ ଇନ୍ଦ୍ରାବତୀ କେନାଲ ପାଣି ଛଡାଯାଇଥିବାରୁ ରବିଚାଷ ଆରମ୍ଭ ହେବାକୁ ଯାଉଛି। ତେଣୁ କେବେ ଖରିଫ ଧାନ ବିକିବେ ଓ ରବିଧାନ ପାଇଁ ପ୍ରସ୍ତୁତ ହେବେ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଗୋଟିଏ ପଟେ ପର୍ଯ୍ୟାପ୍ତ ବସ୍ତା ନ ମିଳିବା ଓ ଅନ୍ୟପଟେ ମିଲରମାନେ କମ୍ ଟ୍ରକ୍ ଉଠାଣ ପାଇଁ ପଠାଉଥିବାରୁ ମଣ୍ଡି ମନ୍ଥର ଗତିରେ ଚାଲିଛି। ଏହା ଉପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ପାରାଦ୍ୱୀପ,୨୭।୧ (ସଂଚାର ବ୍ୟୁରୋ):** ପାରାଦୀପ ରିଫାଇନରୀରେ ୭୭ତମ ସାଧାରଣତନ୍ତ୍ର ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳନ କରାଗଲା । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପ୍ ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ଆମ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ପ୍ରଦର୍ଶନୀ ସହିତ ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

## ଇଫକୋ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ପାରାଦ୍ୱୀପ,୨୭।୧ (ସଂଚାର ବ୍ୟୁରୋ):** ପାରାଦୀପ ଇଫକୋ ସାର କାରଖାନା ରେ ମହାଆଡ଼ମ୍ବର ରେ ପାଳିତ ହୋଇଯାଇଛି ୭୭ତମ ସାଧାରଣ ତନ୍ତ୍ର ଦିବସ। ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଯେ. ପଟେଲ ଏହି ଉତ୍ସବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପ୍ୟାରେଡ୍ ର ଅଭିବାଦନ ଗ୍ରହଣ କରିଥିଲେ। ଇଫକୋ କାରଖାନାର ସୁରକ୍ଷା କର୍ମଚାରୀ, ଫାୟାର ୟୁନିଟ, ଇଫକୋ ଡି ଏ ଭି ସ୍କୁଲ ର ଛାତ୍ର ଛାତ୍ରୀ ପ୍ରମୁଖ ଏହି ପ୍ୟାରେଡ୍ ରେ ଅଂଶ ଗ୍ରହଣ କରି, ଚିତାକର୍ଷକ କଳା କୌଶଳ ପରିଦର୍ଶିତ କରିଥିବା ଦେଖିବାକୁ ମିଳିଥିଲା।

## ପିଆଇସିଟିରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

**ପାରାଦ୍ୱୀପ,୨୭।୧ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ଇଣ୍ଟର ନ୍ୟାସେନାଲ କାରଗୋ ଟର୍ମିନାଲ (ପିଆଇସିଟି)ରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଟ୍ରମିନାଲ ଭିତରେ ଟ୍ରମିନାଲ ମୁଖ୍ୟ ରାଜେଶ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସୁରକ୍ଷା କର୍ମୀଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡର ଅଭିଭାଦନ ଗ୍ରହଣ କରିଥିଲେ। ଆଗାମୀ ଦିନରେ ପିଆଇସିଟି ତାର ପଣ୍ୟ କାରବାର କ୍ଷମତା ଅଭିବୃଦ୍ଧି ଦିଗରେ ବେସ ଯତ୍ନଶିଳ ହେବାକୁ ଯାଉଥିବା, ଶ୍ରୀଯୁକ୍ତ ନାୟକ ତାଙ୍କ ଉଦବୋଧନରେ ପ୍ରକାଶ କରିଥିଲେ। ଶ୍ରମିକ, ଓ ସେମାନଙ୍କ ପରିବାର ଏହି ଉତ୍ସବରେ ଯୋଗଦାନ କରିଥିବା ବେଳେ ଭିନ୍ନ ଢଙ୍ଗର ସାଂସ୍କୃତିକ କାର୍ଯ୍ୟକ୍ରମ ଟର୍ମିନାଲ ଭିତରେ ଅନୁଷ୍ଠିତ ହୋଇଥିଲା।

## ଏନ୍‌ଟିପିସି ଦୁଲଙ୍ଗାରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ




**ସୁନ୍ଦରଗଡ଼,୨୭।୧ (ସଂଚାର ବ୍ୟୁରୋ):** ଏନ୍‌ଟିପିସି ଦୁଲଙ୍ଗା କୋଲ୍ ମାଇନିଂ ପ୍ରକଳ୍ପ ପକ୍ଷରୁ୨୦୨୬ ଜାନୁଆରୀ ୨୬ ତାରିଖରେ ଦୁଲଙ୍ଗା ସାଇଟ୍ ଅଫିସରେ ୭୭ତମ ଗଣତନ୍ତ୍ର ଦିବସ ମହାନ ଉତ୍ସାହ ଓ ଦେଶପ୍ରେମର ଭାବନା ସହିତ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଅଧିକାରୀ ଓ ବିଭାଗମୁଖ୍ୟ ମାନଙ୍କର ସମାବେଶ ହୋଇଥିଲା, ଯାହା ପରେ ପ୍ରମୁଖ ଅତିଥି ବ୍ରିଜ୍ ରାଜ୍ ପ୍ରସୁନ୍, ପ୍ରକଳ୍ପ ମୁଖ୍ୟ , ଏନ୍‌ଟିପିସି ଦୁଲଙ୍ଗାଙ୍କ ଆଗମନ ହୋଇଥିଲା। ଓଆଇଏସଏଫ୍ ଦ୍ୱାରା ଦିଆଯାଇଥିବା ଔପଚାରିକ ସଲାମୀ ପରେ ପ୍ରମୁଖ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା, ଯାହା ଜାତୀୟ ଗର୍ବ ଓ ଏକତାର ପ୍ରତୀକ ଥିଲା।

ସଭାକୁ ସମ୍ବୋଧନ କରି ଶ୍ରୀ ବ୍ରିଜ୍ ରାଜ୍ ପ୍ରସୁନ୍ ଗଣତନ୍ତ୍ର ଦିବସର ଗୁରୁତ୍ୱ ବିଷୟରେ ଆଲୋକପାତ କରି ଏହାକୁ ଭାରତର ସଂବିଧାନିକ ମୂଲ୍ୟବୋଧ ଓ ସାମୂହିକ ଦାୟିତ୍ୱର ସ୍ମୃତି ସ୍ୱରୂପ ବର୍ଣ୍ଣନା କରିଥିଲେ। ଉତ୍ସବର ଅଂଶ ଭାବେ, ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ସମର୍ପଣ ପାଇଁ କର୍ମଚାରୀମାନଙ୍କୁ ପ୍ରକଳ୍ପ ମୁଖ୍ୟ ମେରିଟୋରିଅସ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିସହିତ, ସଚେତନତା, ପରିଚ୍ଛନ୍ନତା ଓ ଜାତୀୟ ଭାଷାର ପ୍ରଚାରକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଚେତନତା ସତର୍କତା ସପ୍ତାହ– ୨୦୨୫, ସ୍ୱଚ୍ଛତା ହି ସେବା–୨୦୨୫ ଓ ହିନ୍ଦୀ ପକ୍ଷାହ–୨୦୨୫ ଅନ୍ତର୍ଗତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଫାଇ ମିତ୍ର, ଉଦ୍ୟାନ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମୀମାନଙ୍କୁ ସମ୍ମାନ ସୂଚକ ଉପହାର ପ୍ରଦାନ କରାଯାଇଥିଲା।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ଖଲ୍ଲିକୋଟ,୨୭।୧ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପ୍ରଥମେ ଖଲ୍ଲିକୋଟ ରାଜା ସାହେବ ହରିହର ମର୍ଦ୍ଦରାଜ ଦେଓ ଏବଂ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କ୍ୟାପଟେନ ଡ. ଯତୀନ ବିଷୋୟୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ଠାରୁ ଅଭିବାଦନ ଗ୍ରହଣ ପୂର୍ବକ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ସହ ସମବେତ ଭାବେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । କୁଳପତି ପ୍ରଫେସର ଦାଶ ନିଜ ବକ୍ତବ୍ୟରେ ସାଧାରଣତନ୍ତ୍ର ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ ପୂର୍ବକ ସମ୍ବିଧାନ ପ୍ରଣେତା ଡ. ବି. ଆର. ଆମ୍ବେଦକରଙ୍କର ଅବଦାନ ସମ୍ପର୍କରେ କହିଥିଲେ । ଆମ ଦେଶ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଏହାର ଜନନାୟକ ମାନଙ୍କୁ ସର୍ବଦା ସ୍ମରଣ କରିବା ସହ ସେମାନଙ୍କର ତ୍ୟାଗକୁ ମର୍ଯ୍ୟାଦା ଦେବା ନିମନ୍ତେ ସମସ୍ତେ ସଚେତନ ରହିବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧିତ କରିଥିଲେ । ଏହା ସହ ଭାରତ ବିଶ୍ୱ ଗୁରୁ ଦିଗରେ ଅଗ୍ରସର ହେଉଥିବା କଥା ଉଲ୍ଲେଖ କରିଥିଲେ । ଏହି ୭୭ତମ ସାଧାରଣତନ୍ତ୍ର ଉତ୍ସବ ପାଳନ ଅବସରରେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଜାତୀୟ କର୍ତ୍ତବ୍ୟ ନିର୍ବାହ କରିଥିଲେ।

## ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପଟାଭାଡି ସମ୍ମାନିତ



**ସୁବର୍ଣ୍ଣପୁର,୨୭।୧ (ସଂଚାର ବ୍ୟୁରୋ):** ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ସୋନପୁର ସହରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଟାଭାଡି ଜିଲ୍ଲାର ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବରେ ଜିଲ୍ଲାପାଳ ଡ଼ ନୃପରାଜ୍ ସାହୁଙ୍କ ଠାରୁ ମାନ ପାତ୍ର ଓ ମେଡାଲ ଗ୍ରହଣ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସନ୍ଧ୍ୟାରାଣୀ ମିଶ୍ର ନିଜର ଖୁସି ବ୍ୟକ୍ତ କରିବା ସହ ସବୁ ଶ୍ରେୟ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କ ଅବଦାନ, ଅଭିଭାବକ ତଥା ଏସ୍‌ଏମ୍‌ସି ସଭ୍ୟସଭ୍ୟା, ପିଲାଙ୍କ ଭଲ ପାଇବା ପାଇଁ ସମ୍ଭବ ହୋଇ ପାରିଛି। ଏହାସହ ପ୍ରଧାନ ଶିକ୍ଷୟିତ୍ରୀ ଗଡଭିତର୍ କ୍ଲଷ୍ଟର ସିଆରସିସି ବୁଦ୍ଧଦେବ ସା, ବ୍ଲକ୍ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଫକିର ଚରଣ ଭୋଇଓ ଅତିରିକ୍ତ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ଘନଶ୍ୟାମ ମେହେରଙ୍କ ଠାରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜାତୀୟ ମତଦାତା ଦିବସ ପାଳିତ

**ନବରଙ୍ଗପୁର,୨୭।୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଅଛି। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳ ୯.୦୦ ଘ ସମୟରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ,ଜିଲ୍ଲା ସ୍ତରୀୟ ଅଧିକାରୀ, ବିଏଲ୍‌ଓ, ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ "ମୋ ଭାରତ ମୋ ଭୋଟ" ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଭଳି ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଗଲା। ଏହା ବ୍ୟତୀତ ୪ଟି ନିର୍ବାଚନମଣ୍ଡଳୀର ଭଲ ପ୍ରଦର୍ଶନ କରିଥିବା ବିଏଲଓ ଏବଂ ବିଏଲଓ ପର୍ଯ୍ୟବେକ୍ଷକମାନଙ୍କୁ ଏବଂ ସମସ୍ତ ଇ ଆର ଓଏବଂ ଏ ଇ ଆର୍ ଓ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଗଲା। କାର୍ଯ୍ୟକ୍ରମ ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ଚିନ୍ମୟ ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।




## ପ୍ରଜ୍ଞା ପରିମିତାଙ୍କୁ ରାଷ୍ଟ୍ରୀୟ ସମ୍ମାନ



**ବାଲିକୁଦା,୨୭।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଥାଇଲୋ ଗ୍ରାମ ପଞ୍ଚାୟତ ଅଧୀନ ଚାଟେଶ୍ୱର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପରିମିତା ଶାସମଲ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ବୀର ଗାଥା ୫.୦ ପ୍ରତିଯୋଗିତାରେ ସୁପର ୧୦୦ଜଣ ରାଷ୍ଟ୍ରୀୟ ବିଜେତା ମାନଙ୍କ ମଧ୍ୟରେ ସମ୍ମାନ ପାଇ ଜିଲ୍ଲା ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି।

ଦିଲ୍ଲୀରେ ଭାରତ ସରକାରଙ୍କର ରକ୍ଷା ମନ୍ତ୍ରାଳୟ ଏବଂ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବୀରଗାଥା ପୁରସ୍କାର ବିତରଣ ଉତ୍ସବରେ ମେଡାଲ, ଅର୍ଥରାଶି ଏବଂ ପ୍ରଶଂସା ପତ୍ର ସହ ପ୍ରଜ୍ଞା ଏହି ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଗୌରବ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଧନା ତ୍ରିପାଠୀ ଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ପ୍ରଜ୍ଞା ପରିମିତା ବାଲିକୁଦା ବ୍ଲକର ତେନ୍ତୋଇ ଗ୍ରାମର ପ୍ରକାଶ ଶାସମଲ ଓ ଝିଲ୍ଲୀନା ଶାସମଲଙ୍କ ର ସୁକନ୍ୟା ଅଟନ୍ତି। ପ୍ରଜ୍ଞା ପରିମିତାଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଥିବାର ଦେଖିବାକୁ ମିଳିଛି।

## ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନର୍ଲା,୨୭।୧ (ସଂଚାର ବ୍ୟୁରୋ):** ସାଧାରଣତନ୍ତ୍ର ଦିବସ ଅବସରରେ ବଡ଼ଗୁଣ୍ଡରୀ ଗାଁର ଏସସି ପଡ଼ା ଠାରେ ମହାମାନବ ଡ଼ଃ ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଯାଇଛି। ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେସନ (ଏଓଏସସିଏଫ) ଉପଦେଷ୍ଟା ଧରମ କୁମାର ତାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଓଏସସିଏଫର ରାଜ୍ୟ ସଭାପତି ଧନଞ୍ଜୟ ଦୀପ, ମୁଖ୍ୟ ବକ୍ତା ଭାବେ ବିକେଏମ କଳାହାଣ୍ଡି ସଂଯୋଜକ ଲବ କରୁଆଁ, ସମ୍ମାନିତ ଅତିଥି ଭାବେ ଏଓଏସସିଏଫ କଳାହାଣ୍ଡି ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ବିଶିଷ୍ଟ ନାରୀନେତ୍ରୀ କମଳିନୀ ଯାଦବ, ନର୍ଲା ବ୍ଲକ ଏଓଏସସିଏଫ ସଭାପତି ରଘୁନାଥ ଦୀପ, ଏଓଏସସିଏଫ ମହାସଚିବ ଶତ୍ରୁଘ୍ନ ନାଏକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ଏଓଏସସିଏଫ ମହିଳା ସଭାନେତ୍ରୀ ସୁଭଦ୍ରା ସେକ ଆଜାଦ, ଗାଡେବନ୍ଧ ଏଓଏସସିଏଫ ସଭାପତି ବନମାଳୀ ତାଣ୍ଡି, ପୂର୍ବତନ ସରପଞ୍ଚ ସୁକାନ୍ତି ସୁନା, କଳମପୁର ସଭାପତି ବଳରାମ ଦୁର୍ଗା, ମ.ରାମପୁର ସଭାପତି ଦୟା ଦାନ୍ ନାଗ, ନର୍ଲା ଉପସଭାପତି ଶୈଳ କୁମାର, କେସିଙ୍ଗା ଏନଏସି ସଭାପତି ବିଷ୍ଣୁ ମଙ୍ଗରାଜ, ନର୍ଲା ବ୍ଲକ ଯୁବ ସଂଯୋଜକ ଦିଲ୍ ଦେଓ ଘରଡା, ଭକ୍ତ ଗୌର ସୁନା, ଭୂମୀଦାତା ବିମଳା ସୁନା, ଶିକ୍ଷାବିତ ଲୋକନାଥ କରୁଆଁ, ଜିଲ୍ଲା ସାମାଜିକ ଉପମୁଖ୍ୟ ଗିରିଜା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏଓଏସସିଏଫ ନର୍ଲା ବ୍ଲକ ଉପସଭାପତି ନରୋତ୍ତମ କରୁଆଁ ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୀକର ସୁନା, ଅର୍ଜୁନ ସୁନା, ଲବଣୀ ସୁନା, ରାହୁଲ ସୁନା ଓ ଏସସି ପଡ଼ାବାସୀ ସହଯୋଗ କରିଥିଲେ।



## ବାଲ୍ୟବିବାହ ବିରୋଧରେ ଶୋଭାଯାତ୍ରା

**ଭେଡେନ,୨୭।୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଠାରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟ ବିବାହ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭେଡେନ କୋର୍ଟ ନ୍ୟାୟଧୀଶ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲଙ୍କ ନେତୃତ୍ୱ ରେ ହୋଇଥିବା ଏହି ଶୋଭାଯାତ୍ରା ରେ ଭେଡେନ ଅତିରିକ୍ତ ତହସିଲଦାର, ସରକାରୀ ଓକିଲ ଯଞ୍ଜସେନ ମହାନନ୍ଦ, ଅଶ୍ୱିନୀ ଦାସ, ବାର ସଭାପତି ଜଗତ ଭୂଷଣ ଶତପଥି ଙ୍କ ସମେତ ବହୁ ସଂଖ୍ୟା ରେ ଆଇନଜୀବୀ ଓକିଲ ଏବଂ କୋର୍ଟ ଷ୍ଟାଫ ଅଂଶ ଗ୍ରହଣ କରିଥିଲେ । ଏହି ସାଇକେଲ ଶୋଭାଯାତ୍ରା ଭେଡେନ କୋର୍ଟ ପରିସରରୁ ବାହାରି ଭେଡେନ ବସ୍ତି ପରିକ୍ରମା କରିଥିଲା ।




## ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରୀଙ୍କ ନୃତ୍ୟକଳା ମନ ମୋହିଲା




**ବାଲିଆପାଳ,୨୭।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମ ପ୍ରାରମ୍ଭରେ ଛାତ୍ରୀ ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ କଳା ସର୍ଭିଙ୍କ ମନ ମୋହିଥିଲା ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ନାଥ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସିଆରସିସି ଅଶୋକ କୁମାର ଗିରି, ସମ୍ମାନୀତ ଅତିଥି ଭାବରେ ସିମୁଳିଆ କ୍ଲଷ୍ଟର ସିଆରସିସି ଯଶୋବନ୍ତ ଜେନା, ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଷ କିଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ



**ବୈଶିଙ୍ଗା,୨୭।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧମିକ ବିଦ୍ୟାଳୟ, ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ଗର୍ବ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ପବିତ୍ର ଅବସରରେ ଆମ ବିଦ୍ୟାଳୟର ମାନ୍ୟବର ଅଧକ୍ଷ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ମହୋଦୟ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ସଭାକୁ ସମ୍ବୋଧନ କରିଥିଲେ। ସେ ଗଣତନ୍ତ୍ରର ମୂଲ୍ୟ, ସଂବିଧାନର ମହତ୍ତ୍ୱ ଏବଂ ଦେଶପ୍ରେମର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଦେଶର ସଂବିଧାନକୁ ସମ୍ମାନ ଦେବା ଓ ଭାରତକୁ ଏକ ସଶକ୍ତ, ସଂଘଟିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ସଙ୍କଳ୍ପ ନେଇଥିଲେ।

## ଅଗ୍ନିଶମ କାର୍ଯ୍ୟାଳୟରେ ରକ୍ତଦାନ ଶିବିର



**ଯାଜପୁର ରୋଡ଼,୨୭।୧ (ସଂଚାର ବ୍ୟୁରୋ):** ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଯାଜପୁର ରୋଡ ଅଗ୍ନିଶମ କେନ୍ଦ୍ର ଠାରେ ଅଗ୍ନିଶମ ଅଧିକାରୀ ଶ୍ରୀ ତାପସ ମନ୍ତ୍ରୀ ଓ ସମ୍ବାଦ ଆମ ଓଡିଶାର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଅତିଥି ଭାବେ ବ୍ୟାସନଗର ଭାରପ୍ରାପ୍ତ ତହସିଲଦାର ଶ୍ରୀ ମନୋଜ କୁମାର ପୁହାଣ, ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ପୀତବାସ ଭୂୟାଁ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାନ ଏକ ମହତ ଦାନ ଏବଂ ରକ୍ତଦାତା ହେଉଛନ୍ତି ଜୀବନ ଦାତା ଏହାକୁ ଆଖି ଆଗରେ ରହି ଅଗ୍ନିଶମ ଅଧିକାରୀ ନିଜେ ଏଭଳି ଦିନରେ ନିଜେ ରକ୍ତଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଦୁର୍ଘଟଣାରେ ଅନେକ ଜନଜୀବନ ପ୍ରାଣ ହାନି ଘଟୁଥିବା ବେଳେ ଏହି ରକ୍ତରେ କେହିନା କେହି ଜଣେ ବଂଚିପାରିବ ବୋଲି କହି ଏଭଳି ଏକ ଆୟୋଜନ କରିଥିବା ଅଗ୍ନିଶମ ଅଧିକାରୀ ଶ୍ରୀମନ୍ତ୍ରୀ କହିଥିଲେ। ପାଖପାଖି ୨୦ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଅଗ୍ନିଶମର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା

**ରାଜନଗର,୨୭।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ୭୭ ତମ ସାଧାରଣ ତନ୍ତ୍ର ଦିବସ ବଡ ଉତ୍ସାହର ସହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କଲେଜ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ନୂତନ କରି ମହାବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀ ,ମଧୁସୂଦନ ଦାସ, ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତାପରେ ମହାବିଦ୍ୟାଳୟ ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତତ୍‌ପରେ ଅଧକ୍ଷ ଶ୍ରୀ ମହାନ୍ତି ସାଧାରଣତନ୍ତ୍ର ଦିବସ ଅବସରରେ ନିଜର ବକ୍ତବ୍ୟ ରେ ବିଶ୍ୱର ସବୁଠାରୁ ଦୀର୍ଘ ଲିଖିତ ସମ୍ବିଧାନ ଆମର ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶକ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଜୀବନର ମାନଦଣ୍ଡ । ଏହା କେବଳ ଏକ ବିଧି ବ୍ୟବସ୍ଥା କି ଲିଖିତ ସମ୍ପତ୍ତି ନୁହେଁ ବରଂ ଏହା ପ୍ରତ୍ୟେକ ଭାରତୀୟଙ୍କ ହୃଦୟର ସ୍ପନ୍ଦନ।। ଏହା ଆମ ପାଇଁ ଧର୍ମ, କର୍ମ ଓ ଜୀବନ ଯାପନ ର ଦର୍ପଣ ବୋଲି କହିଥିଲେ। ଏହି ସାଧାରଣତନ୍ତ୍ର ଦିବସ ଅବସରରେ ମହାବିଦ୍ୟାଳୟ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା

## ୧୫ଲକ୍ଷ ବ୍ୟୟରେ ରୋ ୱାଟର ପ୍ଲାଣ୍ଟ ଉଦ୍‌ଘାଟିତ



**ନୀଳଗିରି,୨୭।୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧିନସ୍ଥ ଧୋବଶିଳା ପଞ୍ଚାୟତ ଅଧୀନସ୍ଥ ଧୋବଶିଳା ଜଗଦଳ ପୋଖରୀ ଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା ରେ ପାରାଦ୍ୱୀପ ପୋର୍ଟ ର ସିୱିଙ୍ଗ ମେସିନ ୱାର୍କ ସପ ର ୧୪ଲକ୍ଷ ୭୯ହଜାର ୫୦୦ଟଙ୍କା ଅନୁଦାନ ରାଶିର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ର ଶୁଭ ଉଦ୍ଘାଟନ ହୋଇଯାଇଛି। ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ପାନୀୟ ଜଳ ପ୍ରକଳ୍ପ ର ଶୁଭ ଉଦ୍ଘାଟନ କରିଥିଲେ। ପରେ ମେସିନ ସୁଇସ ଟିପି ପ୍ରକଳ୍ପ ଚଳାଇବା ପରେ ଏକ ସଭାର ଆୟୋଜନ ହୋଇଥିଲା। ଆୟୋଜିତ ସଭାରେ ସାଂସଦ ତାଙ୍କ ଅଭିଭାଷଣରେ ବିଷାକ୍ତ କୀଟନାଶକ, ସାର, ବିଷ ପ୍ରୟୋଗ ଫଳରେ ଦିନକୁ ଦିନ ପାନୀୟ ଜଳ ବିଷାକ୍ତ ହେବାରେ ଲାଗିଛି। ମଣିଷ ବିଷାକ୍ତ ଜଳ ପାନ କରି ବିଭିନ୍ନ ରୋଗରେ ମୃତ୍ୟୁ ବରଣକରୁଛନ୍ତି। ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସେ ଚେଷ୍ଟା କରିଥିଲି। ଆଜି ତାହା ସାକାର ହୋଇଛି। ତେବେ ଏହି ପାନୀୟ ଜଳ ବଜାରରେ ବିକ୍ରି ହେଉଥିବା ବୋତଲ ଜଳ ସଙ୍ଗେ ସମାନ। ଅନ୍ତତଃ ପକ୍ଷେ ଏହି ଜଳ ପିଇବା ଦ୍ୱାରା ସାଧାରଣ ଲୋକମାନେ ନିରୋଗ ରହିବେ ବୋଲି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଥିଲେ।

ଏହି ଅବସରରେ ସିୱିଙ୍ଗ ମେସିନ ୱାର୍କସପର ଭୁବନେଶ୍ୱର ଅର୍ଗାନାଇଜର ସଂଜୀବ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ସିଂ,ସମିତି ସଭ୍ୟ ପାଗୁଲୁ ସିଂ, ବିଜେପି ଯୁବନେତା ତାପସ ମହାନ୍ତି, ମଣ୍ଡଳ ସଭାପତି ରତିକାନ୍ତ ସିଂ, ନାଏବ ସରପଞ୍ଚ ଜୟନ୍ତୀ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ଖୋର୍ଦ୍ଧା ରୋଡ ମଣ୍ଡଳରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ

**ଖୋର୍ଦ୍ଧା,୨୭।୧ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ୭୭ତମ ଗଣତନ୍ତ୍ର ଦିବସ ମହା ଗର୍ବ ଓ ଦେଶପ୍ରେମର ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ଅଧିକାରୀ, କର୍ମଚାରୀ, ସ୍ୱୀକୃତିପ୍ରାପ୍ତ ୟୁନିଅନ୍ ଓ ସଂଘର ପ୍ରତିନିଧି, ଗଣମାଧମ ପ୍ରତିନିଧି ଏବଂ ରେଳ କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବୋଧିତ କରିଥିଲେ।



ସେ ଜାତୀୟ ବିକାଶ ଏବଂ ସଂଯୋଗୀକରଣରେ ଭାରତୀୟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଟ୍ରାକ୍ ନବୀକରଣ, ସୁରକ୍ଷା ବାଡ଼, ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟକ୍ଷମତା ସହିତ କ୍ଷମତା ବୃଦ୍ଧି, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନଃବିକାଶ ଏବଂ ମୋଟ ₹୧୩, ୦୦୦ କୋଟିରୁ ଅଧିକ ଆୟ ସହିତ ଦୃଢ଼ ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ପ୍ରଗତି ହୋଇଛି।

ଶ୍ରୀ ତ୍ରିପାଠୀ ରେଳକର୍ମୀମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକାର କରି ୟୁନିଅନ୍, ସଂଘ, ଋଉକ୍ସଜଡଡଙ୍ଗ ଓ ମାଧମଙ୍କ ସହଯୋଗ ପ୍ରତି କୃତଜ୍ଞତା ଜଣାଇଥିଲେ।



# ମୁଁ ରିକ୍ସାବାଲା

ଖୋଲା ଆକାଶ ତଳେ ଖେଳେଇ ହୋଇ ପଡିଛି ଶୀତ। ଷ୍ଟ୍ରିଟ୍ ଲାଇଟର ଫର୍ଚ୍ଚା ଆଲୁଅରେ କୁହୁଡି ସହ କବାଡି ଖେଳୁଛି ଶୀତ । ଥରିଲା ରାତିରେ ଆମ ତମ ଭଳି ଜାକେଟ୍ ପିନ୍ଧା ଆଉ ସ୍ୱେଟର ପିନ୍ଧା ମଣିଷଙ୍କ ପାଇଁ ଏ ଦୃଶ୍ୟ ହୁଏତ ଶୀତର ଗୋଟେ ଗୋଟେ ସୁନ୍ଦର ସ୍କ୍ରିନସଟ୍ ହୋଇପାରେ କିନ୍ତୁ ସେହି ସହରର ଟିକେ ଦୂରରେ ହିଁ ଶୀତର ଶାସ୍ତି ଭୋଗୁଥାନ୍ତି କିଛି ଅଭାବୀ ମଣିଷ । ନା ପାଦରେ ଥାଏ ସକ୍ସ ନା ହାତରେ ଥାଏ ଓଷୁମ ଗ୍ଲୋଭ୍ସ। ଏତେବଡ ଶୀତଟାର ମୁକାବିଲା ପାଇଁ ବି ଦେହରେ ମୋଟା ସ୍ୱେଟର କି ଚାଦର ନଥାଏ । ପତଳା ପୋଷାକ ଭେଦି ଶୀତର ଛାଟରେ ଦେହ ପଟପଟ ଥରୁଥାଏ। ତଥାପି ପରିବାର ମୁହଁରେ ଦାନା ଗଣ୍ଡେ ଦେବାର ସେ ଝୁଙ୍କ ଥରିଲା ଦେହରେ ବି ଗମଗମ ଝାଳ ହୋଇ ବହିଯାଏ...

ରାତିର ବୟସ ବଢେ, ଶୀତର ଆୟୁଷ ବଢେ। ରାସ୍ତାଘାଟ ଯେବେ ଶୂନଶାନ ହେଇଯାଏ ସେବେ ଆହୁରି ବଢିଯାଏ ଶୀତର ଶକ୍ତି। ଶୀତ ଭୟଙ୍କର ରୂପ ନିଏ, ସାରା ଓଡିଶାକୁ ଥରାଏ। ହାଡଭଙ୍ଗା ଜାଡର ଯନ୍ତ୍ରଣାରେ ଜୀବନ ଅସ୍ତବ୍ୟସ୍ତ କରିଦିଏ। ଡରି ଯାଆନ୍ତି ସୌଖିନ ମଣିଷ। ଶୀତକୁ ସାମ୍ନା କରିବାକୁ ନଥାଏ ସେମାନଙ୍କ ସାହସ। କାରଣ- ଶୀତ ସେମାନଙ୍କ ପାଇଁ କମ୍ବଳ ତଳର ଉଷୁମ ଉତ୍ସବ। ସୁଖନିଦ୍ରାର ବିରାଟ ସୁଯୋଗ... ହେଲେ ଶୀତର ସେ ନାଲି ଆଖିକୁ ଡରନ୍ତିନି ଏମାନେ। ଶୀତର ଶାସ୍ତିକୁ ନଥାଏ ଖଟିଖିଆଙ୍କ ଖାତିର। କାରଣ ସେମାନେ ଜାଣନ୍ତି ଥିଲାବାଲା ଶୀତକୁ ଉପଭୋଗ କରନ୍ତି ଆଉ ନଥିଲାବାଲା ଶୀତରେ ଉଦ୍ୟମ କରନ୍ତି। ଶୀତକୁ ଡରି ଯଦି ସେମାନେ ଘରେ ରହିଯିବେ ତେବେ ଘରେ ଜଳିବନି ଚୁଲି, ପେଟରେ ପଡିବନି ଦାନା। ବୋଧେ ସେହି ଭୟ ଶୀତର ଏ ଭୟକୁ କାଟି କଳା ମଚମଚ ରାସ୍ତାରେ ରାତିର ଅନ୍ଧାର ଚିରି ପଇସା ପାଇଁ ପେଡାଲ୍ ମାରେ। ଏଇ ଦେଖୁ ନାହାନ୍ତି ଏ ରିକ୍ସାବାଲା ମାନଙ୍କୁ। କେମିତି ଜାଡ ଜଡସଡ ଅଧରାତିରେ ରିକ୍ସାକୁ ଧରି ଗ୍ରାହକଙ୍କ ଆସିବା ବାଟକୁ ଚାହିଁ ରହିଛନ୍ତି। କିଏ ଆସିବ ଆଉ ତାଙ୍କ ରିକ୍ସାରେ ବସି, ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ପରିଶ୍ରମର ପାଉଣା ଦେବ। କିନ୍ତୁ ହାଏ ଶୀତ ପାଇଁ କେବେ କେବେ ରୋଜଗାର ହୁଏ ତ ପୁଣି କେବେ ପକେଟ ଖାଲି ରହେ। ଆଉ ସେମାନେ ସେହି ରିକ୍ସାରେ ହିଁ କାଟି ଦିଅନ୍ତି ତତମା ଶୀତର ରାତି... ଆଜିର ଗାଡି ମଟର ଯୁଗରେ ରିକ୍ସାକୁ କିଏ ବା ପଚାରେ। ତଥାପି ଶୀତ ରାତିରେ ଗାଡି ବାହାରୁ ନଥିବାରୁ କାଳେ ଦିପଇସା ହେଇଯିବ ଏଇ ଆଶାରେ ଶୀତକୁ ଚେତାବନୀ ଦେଇ ଆଗକୁ ଗଡିଚାଲେ ରିକ୍ସାର ଚକ...





## ମାଆ ସରସ୍ୱତୀ

**ସ୍ୱାଗତିକା ସାହୁ**

ସୁନ୍ଦର ଅଙ୍ଗ ସୌଷ୍ଟବ
ସ୍ୱର୍ଗୀୟ ଅଭାରେ ଉଜ୍ଜ୍ୱଳିତ...
ବସନ୍ତ ମଳୟ ଫୁଲର ସୌରଭେ
ଶୁଭ୍ର ରଙ୍ଗରେ ରଙ୍ଗେଇ ରତ୍ନବିଭୂଷିତା
ମର୍ତ୍ତ୍ୟରେ ସ୍ୱର୍ଗୀୟ ରଛନ୍ତି ମାଁ ବୀଣାପାଣୀ...!
ଅଜ୍ଞାନର ସମସ୍ତ ନିସ୍ତବତା ହଟାଇବା
ସତେ ଯେପରି ତୁମ ଦିବ୍ୟ ପ୍ରଣ...!!

ମାଘ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ
ଶ୍ୱେତେ ପଦ୍ମ ସିଂହାସନ ପରେ ଅଭିଷିକ୍ତା
କର୍ଣ୍ଣରେ କୁଣ୍ଡଳ,ଗଳା ଗଜମୁକୁତା ହାର...
ସୁସଜ୍ଜିତ ଶ୍ୱେତ ବସ୍ତ୍ରପରିହିତା ମାଁ ବାଗ୍ଦେବୀ
ଝଟକୁ ଥାଏ ଶାନ୍ତ ଶୀତଳ ପଦ୍ମାସନୀ ତନୁ....!
ହସ୍ତେ ବୀଣା ପୁସ୍ତକର ସମ୍ଭାର
ଅପୁର୍ବ ସଙ୍ଗୀତର ଆବାହାନୀ ଝଙ୍କାର...!

ଅମାପ ଜ୍ଞାନ ଭଣ୍ଡାର ସେ ଶାନ୍ତିର ପ୍ରୀତିକ
ତୁମ କରୁଣାର ଅମୀୟ ଅମୃତ ବାଣୀରେ
ରଚିଦିଅ ପ୍ରତି ମନୁଷ୍ୟେ ବିଦ୍ୟାବୁଦ୍ଧି ଧୀଶକ୍ତି...
ହେ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ
ତୁମ ଶବ୍ଦ ଆଶିଷରେ ଆଙ୍କିଦିଅ
ଶାନ୍ତି ମୈତ୍ରୀର ସମ୍ଭାବନାମୟ ସୃଷ୍ଟି...
ସ୍ୱଚ୍ଛନ୍ଦରେ ଲଙ୍ଗିଯାଉ ଜ୍ଞାନାଲୋକ ।

ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ସତେ
ଉତ୍ସାବ ମୁଖରିତ ହୋଇଉଠେ
ପ୍ରତି ଶିକ୍ଷାନୁଷ୍ଠାନ ପରିବେଶ...
ପୂର୍ବକାଳେ ରାଜା ମହାରାଜା ପାଳନ୍ତି...
କୌମୁଦୀ ମହତ୍ସୋବ ରୂପେ
ଶ୍ରୀକୃଷ କରନ୍ତି ଯେ ରାସ ...
ଗୋପିଙ୍କ ସାଙ୍ଗରେ କରି ଚଳଞ୍ଚଳ
ଶ୍ରୀପଞ୍ଚମୀ ଦିନ ବିବାହ,ନିର୍ବନ୍ଧେ
ଦାମ୍ପତ୍ୟ ଜୀବନ ହୁଏ ସୁଖମୟ
ଶ୍ରୀମନ୍ଦିରେ ହୁଏ ପଞ୍ଚପଲ୍ଲବ...!
ଅନୂକୁଳ ହୁଏ କାଠ ରଥ ଯାତରା ନିମନ୍ତେ

ତୁମ ଦୟା ବଳେ ମାଁ ମୂର୍ଖ କାଳୀଦାସ...
ହେଲାକ ଗଣିତା ଶ୍ରେଷ୍ଠ ପଣ୍ଡିତରେ
ନାରୀ ତୁମେ ବିଚତ୍ର ବର୍ଣ୍ଣା ଜ୍ଞାନ ସ୍ରୋତସ୍ୱିନୀ....
ଝୁରେ ତୁମ ପ୍ରେମ ମକରନ୍ଦ...!
ସକଳ ସିଦ୍ଧିଦାତ୍ରୀ ହେ କାବ୍ୟ ଜନନୀ
ଅନନ୍ତ ପ୍ରକୃତିର ସପ୍ତରାଗେ ମାଁ
ଫୁଟି ଉଠୁ ଜ୍ଞାନର ସ୍ଫୁଲିଙ୍ଗ....!
ସେଇ କଣିକାରେ ଧ୍ୱଂସ ହେଉ
ସବୁ ଅବଗୁଣ ମାଁ ଭକ୍ତିର ଉଚ୍ଛ୍ୱାସ ପଣେ
ସଦା ପୁନଃ ପ୍ରମାଣ ଦେଉ ତୁମ ଉପସ୍ଥିତି....!!!

**ଉମରକୋଟ, ନବରଙ୍ଗପୁର**





## ହେ ହଂସବାହିନୀ ଜ୍ଞାନ ଦାୟିନୀ

**ଶୋଭାମୟୀ ପାତ୍ରୀ**

ମାଘମାସ ଶୁକ୍ଳ ପଞ୍ଚାମୀ ତିଥିରେ
ବାଗ୍ଦେବୀଙ୍କ ଆବାହନି,
ବୀଣା ଝଙ୍କାରରେ ଉଚ୍ଛୁଳେ ଗଗନ
ପୁଣ୍ୟବତୀ ଏ ଧରଣୀ ||
ଭକ୍ତି ଅର୍ଘ୍ୟ ବାଢ଼ି କରୁଛି ବନ୍ଦନା
ଅଧିଷ୍ଠାତ୍ରୀ ବୀଣାପାଣି,
ମରାଳ ବାହିନୀ ସ୍ଫଟିକ ଧାରିଣୀ
ବେଦମାତା ତ୍ରିଭୁବନୀ ||
ଆଦ୍ୟାଶକ୍ତି ମହାମାୟା ସରସ୍ୱତୀ
ଦେବୀମାତା ଭଗବତୀ,
ଯୋଗମାୟା କଣ୍ଠସମ୍ଭୁତା ବିଧିସୁତା
ଚତୁର୍ଭୁଜା ବିଦ୍ୟାଦାତ୍ରୀ ||
ଶ୍ୱେତାମ୍ବରଧାରୀ ପଦ୍ମାସନୀ ଦେବୀ
ଶୁଭ୍ରା ରତ୍ନ ବିଭୁଷିତା,
ତବ କୃପାବଳେ ମୂର୍ଖ ଜନ ହୁଏ
ପାଣ୍ଡିତ୍ୟରେ ବିମଣ୍ଡିତା ||
କୃପାମୟୀ କୃପା ଲଭି କାଳିଦାସ
ମହାଜ୍ଞାନି ଭାବେ ଖ୍ୟାତ,
ବରଦା ଶାରଦା ଭାରତୀ ପ୍ରସାଦେ
ବିଜ୍ଞାନୀରେ ରୁପାୟିତ ||
ହେ ହଂସବାହିନୀ ଜ୍ଞାନ ପ୍ରଦାୟିନୀ
ବିଦ୍ୟାମୟୀ ସରସ୍ୱତୀ,
ପଙ୍କଜ ଚରଣେ ସରଣ କିଙ୍କର
ଫେଡ଼ ବାରେ ମୋ ଦୁର୍ଗତି ||
ନମୋ ବୀଣାପାଣି ଶ୍ରୀବିଷ୍ଣୁ ଘରଣୀ
ବାରେ ହୁଅ ମା ପ୍ରସନ୍ନ,
ତବ କୃପାଶିଷ ଝରୁ ମଥାପରେ
ହଟୁ ବିପଦ ଆସନ୍ନ ||

**କେନ୍ଦ୍ରାପଡ଼ା**





# ମିଡିଲ୍ ଏଜ୍ ସାଇକୋଲୋଜି

**ଚିନ୍ମୟୀ ବାରିକ**



ମଧ ବୟସ୍କା ନାରୀମାନଙ୍କ ଭିତରେ ମାନସିକତା କିଛି ଅଲଗା ପ୍ରକାରର ହୋଇଥାଏ। ସେମାନେ ସବୁ କିଛି ଦାୟିତ୍ୱ କର୍ତ୍ତବ୍ୟକୁ ସୂଚାରୁ ରୂପରେ ସମ୍ପନ୍ନ କରୁଥିଲେ ଓ ଗହଳି ଭିତରେ ରହୁଥିଲେ ମଧ ନିଜ ଭିତରେ ଗୋଟିଏ ଖାଲିପଣ ଅନୁଭବ କରି ଥାଆନ୍ତି। ଭାବନ୍ତି ଜୀବନରେ ଅନେକ ସମୟ ଅନ୍ୟମାନଙ୍କ ସହ ସାଲିସ୍ ରେ ଚାଲିଗଲା।ହୁଏତ ଟିକେ ସ୍ୱାର୍ଥପର ହୋଇଥିଲେ ଭଲ ହୋଇ ଥାଆନ୍ତା।ନିଜ ଉପରେ ଟିକେ ଧ୍ୟାନ ଦେଇଥିଲେ ଆଜି ଯେଉଁଠି ଅଛନ୍ତି ତାହାଠାରୁ ନିଶ୍ଚୟ ଗୋଟିଏ ଉନ୍ନତ କ୍ଷେତ୍ରରେ ରହି ପାରି ଥାଆନ୍ତେ। ସେମାନେ ସମସ୍ତଙ୍କୁ ସ୍ନେହ ପ୍ରେମରେ ବାନ୍ଧି ରଖିଲେ ମଧ ସାଧାରଣତଃ କାହାକୁ ହଠାତ୍ ବିଶ୍ୱାସ କରି ପାରନ୍ତି ନାହିଁ। ସବୁ ଜାଗାରେ ସବୁ ପରିସ୍ଥିତିରେ ନିଜକୁ ଚଳାଇବାରେ ଅଭ୍ୟସ୍ତ ହୋଇ ପଡିଲେ ମଧ ଆତ୍ମଭିମାନ ଜିନିଷଟି ତାଙ୍କ ପାଖରେ ଦେଖାଯାଏ। ଯାହା ଅନ୍ୟମାନଙ୍କ ପାଇଁ ବେଳେ ବେଳେ ଅହଂକାର ବୋଲି ପ୍ରଦର୍ଶୀତ ହୁଏ। ପ୍ରେମଠାରୁ ବନ୍ଧୁତ୍ୱକୁ ଅଧିକ ଗୁରୁତ୍ୱ ଦିଅନ୍ତି।ସତ କହିଲେ ସମ୍ମାନ ପାଇବାର କ୍ଷୁଧା ବି ତାଙ୍କ ପାଖରେ ବଳବତ୍ତର ହୁଏ। ଯେଉଁଠାରେ ବର୍ଷ ବର୍ଷ ଧରି ନିଜକୁ ସାଲିସ୍ କରାଇ ଥାଆନ୍ତି ସେହିଠାରେ ସେମାନେ ଅଚାନକ ଦୃଢ ଭାବରେ ନିଜର ଇଛାକୁ ପ୍ରତିପାଦନ କରନ୍ତି। ସବୁ କଥା ରେ ଅଯଥା ପ୍ରଶ୍ନ କରିବା ଗୋଟେ ଅଭ୍ୟାସରେ ପାଲୋଟି ଯାଏ ।ବେଳେ ବେଳେ ସଂସାର ଓ ସମାଜ ପ୍ରତି ବି ଅନାସକ୍ତ ହୋଇ ପଡନ୍ତି।ଶରୀରରେ ହରମୋନ୍ ର ଅସନ୍ତୁଳତା ଯୋଗୁଁ ଚିଡ୍ ଚିଡ୍ ସ୍ୱଭାବ ମଧ ଘାରି ବସେ।ଶାରିରୀକ ପରିବର୍ତ୍ତନ ଯୋଗୁଁ ମାନସିକ ଅସ୍ଥିରତା ଆସେ।ବୟସ ଲୁଚାଇବାର ମଧ ଯଥା ସାଧ ଚେଷ୍ଟା କରନ୍ତି।ନୂଆ କିଛି ହେବାର କିମ୍ବା କରିବାର ଇଛା ଥିଲେ ମଧ ନିଜକୁ ଅସମର୍ଥ ଭାବି ପଛାଇ ଯାଆନ୍ତି।ଆତ୍ମ ବିଶ୍ୱାସ କମ୍ ହୋଇ ପଡେ।ଜୀବନରେ କିଛି କରି ପାରିଲିନି ବୋଲି ନିଜକୁ ଦୋଷୀ କରିବସନ୍ତି।ଅତୀତରେ କଣ କଣ ହରାଇଛନ୍ତି ବୋଲି ବାରବାର ଘାରି ହୁଅନ୍ତି।ବେଳେ ବେଳେ ଅତୀତର ସୁକ୍ଷ୍ମ ସ୍ମୃତିରେ ବୁଡି ଯାଆନ୍ତି।ଅଦ୍ଭୁତ ଅଦ୍ଭୁତ କଳ୍ପନା ବି ମନରେ ଆସେ।କେହି କେହି ନିଜକୁ ପାଗଳ ବୋଲି ମଧ ଭାବି ବସନ୍ତି। ଯାହା ତାଙ୍କ ପାଇଁ ଖରାପ ପ୍ରଭାବ ପକାଏ।କିଛି ନାରୀ ପ୍ରଖର ଆସ୍ତିକରୁ ନାସ୍ତିକ ବି ହୋଇ ଯାଆନ୍ତି।ଗୋଟିଏ ମୁକ୍ତ ପରିବେଶ ଲୋଡା କରନ୍ତି।ସେମାନେ ବାରବାର କୁହନ୍ତି ଡିପ୍ରେସନ୍ ରେ ଅଛନ୍ତି ବୋଲି। କିନ୍ତୁ ଏହା ଡିପ୍ରେସନ୍ ନୁହେଁ ଏହା ଏକ ପ୍ରକ୍ରିୟା ଯାହା ଶରୀରର ହରମୋନ୍ ଅସନ୍ତୁଳନ ଯୋଗୁ ହୋଇଥାଏ।ଏହା ସାଧାରଣତଃ ଅଧିକାଂଶ ନାରୀ ମାନଙ୍କ ସହ ମଧବୟସରେ ଘଟେ। ଏହାର ନିରାକରଣ ଔଷଧ ଦ୍ୱାରା ନୁହଁ ବରଂ ନିଜର ଆତ୍ମ ବିଶ୍ୱାସ ବଢାଇବାରେ ହିଁ ଭଲ ହୁଏ।ଇଶ୍ୱରଙ୍କ ସୃଷ୍ଟିରେ ସେମାନେ ନିଜକୁ ଆର୍ଶୀବାଦପୂର୍ଣ୍ଣ ଗୋଟିଏ ଗୋଟିଏ ମହାନ୍ ଆତ୍ମା ବୋଲି ନିଜକୁ ଭାବିବା ଉଚିତ।



## ଲେଖିଛି ନାଆଁ ତୁମ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଜୀବନ ବାଟରେ ଚାଲୁ ଚାଲୁ ଦିନେ
ଝୁଣ୍ଟି ମୁଁ ପଡ଼ିଗଲି
ହାତ ଧରି ତୁମେ ଉଠାଇଲ ମୋତେ
ସାଥୀଟେ ମୁଁ ପାଇଗଲି...

ପ୍ରଥମ ଦେଖାରେ କେମିତି କେଜାଣି
ମୋ ମନକୁ ବୁଝିନେଲ
ଫିକା ଫିକା ମୋର ମନ ଉପବନେ
ସବୁ ରଙ୍ଗ ଭରିଦେଲ...

ମନ ସରସୀରେ ଗଢି ଦେଲ ତୁମେ
ପ୍ରଣୟର ପଦ୍ମବନ
ସ୍ନେହ ମମତାରେ ବନ୍ଦିନୀ ହୋଇ
ପଶିଲି ତୁମ ଶରଣ...

କିଏ ସେ ବିଧାତା ଯୋଡ଼ି ଦେଲେ ମୋତେ
ତୁମ ସହ ସମ୍ପର୍କରେ
ରହି ପାରେନା ମୁଁ ତୁମ ବିନା ଜମା
ନୀରବେ ନୀରବେ ଝୁରେ...

ହୃଦୟ ଭିତରେ ଲେଖିଦେଲି ନାଆଁ
ତୁମେ ମୋ ରାଜକୁମାର
ତୁମ ସୁଖେ ସୁଖୀ ତୁମ ଦୁଃଖେ ଦୁଃଖୀ
ହେଉଥିବି ନିରନ୍ତର...

ଦିବ୍ୟ ତୁମର ପ୍ରେମ ଅନୁରାଗ
ଅଭୁଲା ଆମ କାହାଣୀ
ମୋ ମନ ମନ୍ଦିରେ ତୁମେ ମୋ ଦେବତା
ମୁଁ ତୁମର ପୂଜାରିଣୀ ||

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



## ଜୀବନ ଓ ଯୁଦ୍ଧ

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଅନେକ ଯନ୍ତ୍ରଣାକୁ
ବୁକୁପରେ ଚାପି
ସତ୍ୟ ସନ୍ଧାନେ ବାହାରି
ପଞ୍ଚପତି ପାଞ୍ଚାଳୀ ପରି
କେଶଗୁଚ୍ଛ ଆଜି ବି ମୁକୁଳା
ବେଦନା ଓ ଅପମାନ ଭାରେ।
ଯାହା ଦୁଃଶାର ନାଲିଆ ରକ୍ତେ
ହୋରି ଖେଳି ଶାନ୍ତି ଲଭିପାରେ।
କିନ୍ତୁ ମହାଯୁଦ୍ଧ ରକ୍ତର ତର୍ପଣ
ଲୋଡ଼ାନାହିଁ ମତୁଆଲା ଗନ୍ଧ
ବିବର୍ଣ୍ଣ ଦିଶଇ ତୁମ ସମ୍ମୁଖରେ।
ହେ ମୃତ୍ୟୁ,
ତୁମେ ଅଟ ଶାଶ୍ୱତ ସୁନ୍ଦର
ଅନ୍ଧାର ଜୀବନ ପଥେ
ଆଲୁଅର ଧାର
ଆଉ ଶାନ୍ତିର ଆଧାର।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**



## ସାଧାରଣତନ୍ତ୍ର ଦିବସ

**କବି ଭାରତୀ ବାସନ୍ତୀ ଲତା ଜେନା**

ସତ୍ୟ ଧର୍ମେ ଚାଲି ଅହିଂସା ପଥରେ
ଶୁଭିଲା ବିଜୟ ସ୍ୱନ
ପରାଧୀନ ଦେଶ ହୋଇଲା ସ୍ୱାଧୀନ
ଜାତୀୟ ସଂଗୀତ ଗାନ ।୦।
ତ୍ରିରଙ୍ଗା ପତାକା ଆକାଶେ ଉଡିଲା
ମୁକ୍ତିର ଗୀତିକା ଗାଇ
ଗଗନ ପବନ ମୁଖରିତ ହେଲା
ସ୍ୱାଧୀନ ଭାରତ ଭୂଇଁ,
ଆବଶ୍ୟକ ହେଲା ନୀତି ଓ ନିୟମ
ଶୃଙ୍ଖଳା ଭରା ଶାସନ
ପରାଧୀନ ଦେଶ..... ।୧।
ଲୋକ ଶାସନର କଲ୍ୟାଣ ପାଇଁକି
ଆମ୍ବେଦକରଙ୍କ ଦାନ
ଶାସନ ଖସଡ଼ା ଲେଖିଲେ ସ୍ୱହସ୍ତେ
ନାମ ହେଲା ସମ୍ବିଧାନ
ଉଣେଇଶ ପଚାଶ ଜାନୁଆରୀ ଛବିଶି
କାର୍ଯ୍ୟକାରୀ ସମ୍ବିଧାନ
ପରାଧୀନ ଦେଶ........ ।୨।
ସେହି ଦିନ ଠାରୁ ଭାରତ ହୋଇଲା
ସର୍ବଭୌମ ଗଣତନ୍ତ୍ର
ଧର୍ମ ନିରପେକ୍ଷ ସ୍ୱାଧୀନ ଭାରତ
ବିଶ୍ୱେ ହେଲା ପ୍ରଚାରିତ
ଐତିହ୍ୟ ସଂସ୍କୃତି ଉଦ୍ଭାସିତ ହେଲା
ନାଗରିକଙ୍କୁ ସମ୍ମାନ
ପରାଧୀନ ଦେଶ ସ୍ୱାଧୀନ..... ।୩।
ଶାନ୍ତି ମୈତ୍ରୀ ପ୍ରୀତି ଭାଇ ଚାରା ସୃଷ୍ଟି
ଗଣତନ୍ତ୍ର ମୂଳ ମନ୍ତ୍ର
ଜାତୀୟ ଦିବସେ ସଚେତନ ବାର୍ତ୍ତା
ଦେଇ ଥାନ୍ତି ବୀର ପୁତ୍ର
ଦେଶର ସୁରକ୍ଷା ସମୃଦ୍ଧି ଦିବସ
ଭାରତ ଦେଶ ମହାନ
ପରାଧୀନ ଦେଶ......।୪।
ଜାତୀୟ ପତାକା ଦେଶର ଗୌରବ
ଜାତିର ସୁନାମ ପାଇଁ
ସତ୍ୟ ଧର୍ମ ନ୍ୟାୟ ଶାନ୍ତି ଓ ଅହିଂସା
ସ୍ୱଚରିତ୍ର ଗୁଣ ପାଇଁ
ନିଷ୍ଠାପର ହେବା କର୍ତ୍ତବ୍ୟ କରିବା
ଏହି ଆମ ସ୍ୱାଭିମାନ
ପରାଧୀନ ଦେଶ....... ।୫।
ଦେଶ ଜନନୀର ସୁଯୋଗ୍ୟ ସନ୍ତାନ
ଦିଅରେ ହାତ ମିଶାଇ
ଦେଶର ସମୃଦ୍ଧି ଆମ ଶ୍ରମେ ହେବ
ଉନ୍ନତ ଶିଖର ଛୁଇଁ
ନୂଆ ନୂଆ ଚିଜ ଗଢିବା ଆମେରେ
ରଖିବା ଜାତିର ମାନ ।୬।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
।



## ବୀର ସୁରେନ୍ଦ୍ର ସାଏ

**ଅନୁପମା ବିଶ୍ୱାଳ**

ସମ୍ବଲପୁରରେ ଖିଣ୍ଡା ଗ୍ରାମଠାରେ
ଜନମି ଶୁଭ ଲଗନେ
ଜନକ ଧରମ ଜନନୀ ରେବତୀ
ଥିଲ ବୀର ମଧ୍ୟେ ଜଣେ।

ତୁମ ବାଲ୍ୟକାଳ ଖେଳିଅଛି ଖେଳ
ଖଣ୍ଡା ,ତୀର, ତରବାରୀ
କାକା ବଳରାମ ଦେଲେ ଯେ ତାଲିମ
ଛୋଟ ବେଳୁ ଅଶ୍ୱାଚାରୀ।

ଇଂରେଜ ଅଧୀନ ହୋଇଲା ଶାସନ
ଯେବେ ନିଜ ଜନ୍ମମାଟି
ହେ ମହା ବିପ୍ଳବୀ ଦେଖାଇଲ ଛବି
ସାହସ ଦମ୍ଭ ଉଚ୍ଛାଟି।

ଧରି ଧନୁଶର ଗରିଲା ଯୁଦ୍ଧର
ଅନୁଗାମୀ ହେଲେ ସାଥୀ
ଇଂରେଜ ସଇନ ହୋଇ ବଳହୀନ
ଭରେ ଅଶାନ୍ତର ତାତି।

ରାସ ପୂର୍ଣ୍ଣିମାରେ ନିଶାର୍ଦ୍ଧ ବେଳାରେ
ବଳରାମ ହେଲେ ହତ
ଦେହୁରୀପାଲିରେ ବନ୍ଧା ହେଲାପରେ
ହୋଇଲ କାରା ଦଣ୍ଡିତ।

ସିପାହୀ ବିଦ୍ରୋହ ହୋଇଲା ଆରମ୍ଭ
ଭାଙ୍ଗିଗଲା ବନ୍ଦୀଶାଳ
ହଜାରୀବାଗରୁ ସତର ବର୍ଷରୁ
ତୁମେ ମୁକତ ହୋଇଲ।

ଗଲାନାହିଁ ଥମି ଦେଲହେ ଆରମ୍ଭି
ପୁଣିଥରେ ଯୁଦ୍ଧନୀତି
ଇଂପେଙ୍କ ସହିତ ହୋଇଲା ଓ୍ୱିଚାରି
ଫେରସ୍ତ ପ୍ରଜା ସମ୍ପତ୍ତି।

ତାଙ୍କ ମୃତ୍ୟୁପରେ ନିର୍ଦ୍ଦୋଷ ହୋଇବି
ଦୋଷାରୋପେ ବନ୍ଦୀ ହେଲ
ଅଦମ୍ୟ ସାହସ ଜାତି ମୋହ ବାସ
ଶେଷଯାଏଁ ରଖିଥିଲ।

ଡରିଯାଇନାହଁ ହାରିଯାଇ ନାହଁ
ସୁରେନ୍ଦ୍ର ସାଏ ହେ ବୀର
ଏ ମାଟି ଖୋଜୁଛି ବାହୁନି କାନ୍ଦୁଛି
ଫେରି ଦେଖ ରୂପ ତା'ର।

ତୁମରି ନାମରେ ବିମାନ ବନ୍ଦର
ପୁଣି ବିଶ୍ୱବିଦ୍ୟାଳୟ
ତୁମ ପ୍ରତିମୂର୍ତ୍ତି ଆଣିଦିଏ କୀର୍ତ୍ତି
ତୁମେ ସଦା ବନ୍ଦନୀୟ।

ସମ୍ବଲପୁର



## ବିଡମ୍ବନା

**ସନ୍ତୋଷ କୁମାର ସାହୁ**

ଭିଜିବାକୁ ଦିଅ ପ୍ରୀତିର ବାରିରେ
ନିଃସ୍ୱାର୍ଥ ମନରେ ଥରେ
ପିଇଯିବି ସବୁ ଛଳନା ବିଷକୁ
ନିଃସଙ୍କୋଚ ଭାବନାରେ...
ପ୍ରତିବାଦ କେବେ କରିବିନି ଜମା
ତୁମ ପ୍ରଣୟରେ ହଜି
ବିଞ୍ଚିଥିବି ମୁହିଁ ତୁମେ ଥିବାଯାଏଁ
ବିଷରୁ ଅମୃତ ଖୋଜି...
ଲେଖି ଚାଲୁଥିବି ପୃଷ୍ଠା ପରେ ପୃଷ୍ଠା
କବିତା ମୁଁ ଭାବିଭାବି
କଳଙ୍କିତ ବୋଲି କଲେ ପରିହାସ
ହସିହସି ସହିଯିବି...
ନ ମିଳିବ ଯଦି ତୁମେ ମୋ ଭାଗ୍ୟରେ
ଏକାନ୍ତରେ ଭାବି ବସି
ଦୋଷୀ ବୋଲି ତୁମେ କହିବିନି କେବେ
ତୁମରି ପାଖକୁ ଆସି...
ତୁମକୁ ମୁଁ ଯେତେ ଭଲ ପାଇଲେବି
ହେବନାହିଁ ଯଦି ପ୍ରାପ୍ତି
ତଥାପି ସ୍ମୃତିକୁ ଆଦରି ନେବି ମୁଁ
ପାଇବାକୁ ଟିକେ ତୃପ୍ତି...
ଦେଲେ ଦିଅ ପଛେ ଅସହ୍ୟ ଯନ୍ତ୍ରଣା
କିମ୍ବା ବିରହ ବେଦନା
ନିର୍ବିବାଦେ ସବୁ ସହିଯିବି ଭାବି
ମୋ ଭାଗ୍ୟର ବିଡମ୍ବନା...

**ଗାନ୍ଧୀ ନଗର, କୋରାପୁଟ**

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



**ସୁନ୍ଦରଗଡ଼,୨୭।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସଦର ମହକୁମାଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼ା ମହାପାତ୍ର ସମସ୍ତ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମ୍ବିଧାନ ସଭାର ଅଧକ୍ଷ ଏବଂ ସମସ୍ତ ସଦସ୍ୟଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସେହିଭଳି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ 'ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକ ଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଛି'। ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକ କିଭଳି ସୁଦୂର ପ୍ରସାରିତ ହେବ ଏବଂ ହିତାଧିକାରୀ ମାନେ ଯେଭଳି ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ଉପରେ ନିଜ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ସେହିଭଳି ସୁନ୍ଦରଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରା ଉପରେ ମଧ ନିଜର ଅଭିଭାଷଣ ରଖିବା ସହିତ ସୁନ୍ଦରଗଡ଼ ଜିଲ୍ଲାକୁ ଆହୁରି ସରସ ସୁନ୍ଦର ଓ ସମୃଦ୍ଧ କରିବା ଦିଗରେ ଆଗଭର ହେବାକୁ ନିଜ ବକ୍ତବ୍ୟରେ କହିଥିଲେ।

## ଉପଖଣ୍ଡସ୍ତରୀୟ ଅମୃତ ମହୋତ୍ସବ ତଥା ସାଧାରଣତନ୍ତ୍ର ଦିବସ ପାଳିତ




**କଳାହାଣ୍ଡି,୨୭।୧(ସଂଚାର ବ୍ୟୁରୋ):** ଧର୍ମଗଡ଼ ଠାରେ ଉପଖଣ୍ଡ ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ବା ଅମୃତ ମହୋତ୍ସବ ଧର୍ମଗଡ଼ ସ୍ଥିତ ଖେଳ ପଡ଼ିଆ ଠାରେ ମହା ଆଡମ୍ବର ରେ ପାଳିତ ହୋଇଯାଇଛି।ଏହି ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷ୍ୟା ଅଗ୍ରୱାଲ ତ୍ରିରଙ୍ଗା ଯିତ ପତାକାକୁ ଉତ୍ତୋଳନ କରିବା ସହ ସମ୍ମିଳିତ ଅନୁଷ୍ଠାନିକ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ।ଉଦବୋଧନ ଭାଷଣ ରେ ଉପଜିଲ୍ଲାପାଳ ପ୍ରେକ୍ଷ୍ୟା ଅଗ୍ରୱାଲ ବିକଶିତ ଭାରତ ଓ ବିକଶିତ ଓଡିଶା ସହ ବିକଶିତ ଧର୍ମଗଡ଼ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ କରିଥିଲେ।ଏହି ଅବସରକୁ ନେଇ ସେ ଦେଶର ସର୍ବ ଭୌମତ୍ୱ ରକ୍ଷା କରି ଦେଶର ସାମ୍ବିଧାନିକ ନିୟମ ଅନୁଯାୟୀ ସମସ୍ତେ ଏକତ୍ରିତ ହୋଇ ଦେଶ ମାତୃକାର ସେବା କରିବା ସହ ଦେଶର ସୁରକ୍ଷା ରେ ସମସ୍ତ ଙ୍କ ଅବଦାନ ରହିବା ଅତ୍ୟନ୍ତ ଜରୁରୀ ବୋଲି ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ ଏବଂ ଏହି ପବିତ୍ର କାର୍ଯ୍ୟକ୍ରମ ରେ ଦେଶ ପାଇଁ ବଳିଦାନ ଦେଇ ଥିବା ସହିଦ ଓ ଦେଶ ଭକ୍ତ ମାନଙ୍କ ସ୍ମୃତିଚାରଣ କରିଥିଲେ। ଆଜିର ୭୭ ତମ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ବା ତ୍ରିରଙ୍ଗାପତାକା ଉତ୍ତୋଳନର କାର୍ଯ୍ୟକ୍ରମରେ ଧର୍ମଗଡ଼ ତହସିଲଦାର କୀର୍ତ୍ତି ରଞ୍ଜନ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଶିକ୍ଷା ଅଧିକାରୀ ପଂକଜିନୀ ମାଝୀ ଶରତ ପାତ୍ର, ଏସ.ଡି.ପି.ଡୋଳା ମଣି ଭୋଇ ଓ ବରିଷ୍ଠ ସଦସ୍ୟ ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବୁଦ୍ଧିଜୀବି ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଜାତୀୟ ପତାକା ଉତୋଳନ କାର୍ଯ୍ୟକ୍ରମ ପରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ଓ କୃତି ଛାତ୍ର ଛାତ୍ରୀ ମାନଂକୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ



**ସୁବର୍ଣ୍ଣପୁର,୨୭।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୋର ସକାଳୁ ସୋନପୁର ସହର ସାରା ରାମଧୁନ ପରିବେଷଣ କରାଯାଇଥିଲା ଓ ପ୍ରଭାତ ଫେରି ଭୋର ୫.୩୦ ରୁ ୬.୩୦ ଘଟିକା ପର୍ଯ୍ୟନ୍ତ ପ୍ରଭାତ ଫେରି ଅନୁଷ୍ଠିତ କରାଯାଇଥିଲା। ପରେ ପରେ ସକାଳ ୦୬.୩୦ ଘଟିକା ଠାରୁ ସୋନପୁର ସହର ସ୍ଥିତ ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉପରେ ଜିଲ୍ଲା ପ୍ରଶାସନ ଦ୍ୱାରା ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ ସୁବର୍ଣ୍ଣପୁର ଜିଲ୍ଲାସ୍ଥିତ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ୍ ସାହୁ, ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲା ସ୍ତରୀୟ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିବା ସହିତ ସମବେତ ଜନତାଙ୍କୁ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। ସେ ଅଭିଭାଷଣରେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ବିଷୟ ମତ ରଖିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ରେ ଅଂଶ ଗ୍ରହଣ କରିଥିବା ଦେଶ ଓ ସୁବର୍ଣ୍ଣପୁର ଜିଲ୍ଲା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ତତ୍ ସହିତ ସୁବର୍ଣ୍ଣପୁର ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ମହାନ୍ ବୋଲି ତାଙ୍କ ଅଭିଭାଷଣ ରେ କହିଥିଲେ। ଜିଲ୍ଲା ରେ ଚାଲୁଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ମଧ ସେ ଆଲୋକପାତ କରିଥିଲେ।

## ୨୬ ଜାନୁଆରୀ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଐତିହାସିକ ଦିନ: ଜିଲ୍ଲାପାଳ



**ବଲାଙ୍ଗିର,୨୭।୧(ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ମୁଖ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌରପରିଷଦ ଅଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସହକାରୀ ଜିଲ୍ଲାପାଳ ଦେବସ୍ମିତ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ, ଲକ୍ଷ୍ମୀ ସାକିଆଙ୍କ ସମେତ ଜୟରାମ ମିଶ୍ର, ନୀଳମଣି ମିଶ୍ର, ବିଷ୍ଣୁ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ। ସେ ଜିଲ୍ଲାର ସମସ୍ତ ସଂଗ୍ରାମୀ, ସହିଦ ଓ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜିଲ୍ଲାବାସୀଙ୍କୁ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଜାନୁଆରୀ ୨୬ ତାରିଖଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି କହିବା ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ସାମ୍ବିଧାନ ନିର୍ମାତା ଏବଂ ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ବୀର ସହିଦମାନଙ୍କୁ ସ୍ମରଣ କରିଥିଲେ।

### ମିଲରଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ

# ୭କେଜି କଟନୀରେ ଧାନ କିଣା ଆରମ୍ଭ



**ଧାମନଗର,୨୭।୧(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅଧିନରେ ଥିବା ୧୧ ଗୋଟି ସେବା ସମବାୟ ସମିତି ଗତ ଜାନୁୟାରୀ ୫ ତାରିଖରେ ସରକାରୀ ନିୟମ ଅନୁସାରେ ଧାନ କିଣିବା ପାଇଁ ମଣ୍ଡି ପୂଜା କରି ସାରିଥିଲେ ମଧ ପ୍ରଶାସନ ଓ ମିଲରଙ୍କ ମଧରେ ତାଳମେଳର ଅଭାବରୁ ଚାଷୀଙ୍କଠାରୁ କିପରି ଭାବରେ ସମବାୟ ସମିତି ଧାନ କିଣିବ ଏଫଏକ୍ୟୁ ମାନର ନା ୭କେଜି କଟିନୀରେ ତାହାର ଶେଷ ନିଷ୍ପତ୍ତିରେ ପ୍ରଶାସନ ପହଞ୍ଚି ନପାରିବାରୁ ଚାଷୀମାନେ ଧାନ ସମିତିକୁ ନେଇ ବିକ୍ରି କରିନପାରି ଶୀତ କାକରରେ ପଡ଼ିରହି ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ବିଭିନ୍ନ ଅଞ୍ଚଳର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେବା ସହିତ ବିଭିନ୍ନ ରାଜନୈତିକ ଦଳ ତରଫରୁ ଠିକ ସମୟରେ ଧାନ କିଣା ନଗଲେ ଧାରଣାରେ ବସିବେ ବୋଲି ଚେତାବନୀ ଦେବାପରେ କିଛି ସମବାୟ ସମିତିରେ ଗତ ୨୫ ତାରିଖ ରବିବାର ଦିନ ଧାନ ଚାଷୀଙ୍କ ଠାରୁ କିଣାଯାଇଥିବାର ଦେଖିବାକୁ ମିଳିଥିଲା। ଚାଷୀଙ୍କ ପାଖରୁ କିପରି ଭାବରେ ଧାନ କିଣାଯାଉଛି ଜାଣିବା ପାଇଁ ଆମ ପ୍ରତିନିଧି ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତି ଭଗବାନପୁର ସଂପାଦକ ପ୍ରକାଶ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ଆମେ ସରକାରୀ ନିୟମ ଅନୁସାରେ ଏଫଏକ୍ୟୁ ମାନର ଧାନ ବିନା କଟିନୀ ଛଟିଣୀରେ କିଣୁଛୁ। କିନ୍ତୁ ସମବାୟ ସମିତିର ସଂପାଦକଙ୍କ ଏଭଳି ମନ୍ତବ୍ୟକୁ ଏଡାଇ ଦେଇ ଗତ ୨୩ ତାରିଖରେ ପ୍ରେସ ଇସ୍ତାହାର ମାଧମରେ ସୂଚନା ଦେଇଥିବା ଭଗବାନପୁର ବିଜେଡି ପଞ୍ଚାୟତ ସଭାପତି କହିଛନ୍ତ ଯେ ସଂପାଦକଙ୍କ ଏଭଳି ମନ୍ତବ୍ୟ ଭିତିହୀନ।ଏହି ବିଷୟକୁ ନେଇ ସମିତି ସଂପାଦକ, ଚାଷୀ, ସମିତିର ବୋର୍ଡ ମେମ୍ବର ପଞ୍ଚାୟତର ସମିତି ସଭ୍ୟଙ୍କୁ ନେଇ ଗୋଟିଏ ଦିନରେ ଦୁଇ ଦୁଇ ଥର ବୈଠକ ଡାକି ସମସ୍ତଙ୍କର ମତାମତ ଅନୁସାରେ ୭କେଜି କଟିନୀରେ ୨୫ତାରିଖ ଠାରୁ ଧାନ କିଣା ହେବ ବୋଲି ଗଣମାଧମ ଜରିଆରେ ସୂଚନା ଦେଇଥିବା କଥାରେ ସହମତ ପ୍ରକାଶ କରିବା ସହିତ ପଞ୍ଚାୟତ ସମିତି ସଭ୍ୟ ମଧ ୭କେଜି କଟିନୀରେ ଧାନ କିଣା ଯିବା କଥାରେ ସହମତି ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସରକାରୀ ନିୟମକୁ ଖୋଲା ଖୋଲି ଉଲଙ୍ଘନ କରି କିପରି ୭କେଜି କଟିନୀରେ ଧାନ କିଣୁଛନ୍ତି।ଯଦି ଯୋଗାଣ ବିଭାଗ ଏସବୁ କଥା ଜାଣି ଶୁଣି ପରୋକ୍ଷରେ ସହଯୋଗ କରୁଛି ତାହେଲେ ଏଠି ଗରିବ ଅନ୍ନଦାତାଙ୍କ ସ୍ୱାର୍ଥକୁ ବଳି ଦେଇ ନିଜ ପକେଟ ଗରମ କରିବାକୁ ଯାଇ ଧାନ କିଣାରେ ବିଳମ୍ବର ଷଡଯନ୍ତ୍ର ରଚି ମିଲରଙ୍କ ଜିଦ୍ ଓ ହୀନ ସ୍ୱାର୍ଥ ଆଗରେ ମୁଣ୍ଡ ନୁହାଁଇବା ଏକ ହୀନ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବାଲ୍ୟବିବାହ ବିରୋଧରେ ସଚେତନତା ରାଲି




**ବାଲିଆପାଳ,୨୭।୧(ସଂଚାର ବ୍ୟୁରୋ):** ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ସମାଜ ଗଢ଼ିବା ଲକ୍ଷ୍ୟରେ ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷା ଶ୍ରୀମତୀ ସିଲଭସା ବଡ଼ଜେନାଙ୍କ ସଭାପତିତ୍ୱ ଓ ତତ୍ତ୍ୱାବଧାନରେ ବସ୍ତା କୋର୍ଟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ରାଲି ସାଇକେଲ ଯୋଗେ ମାଥାନୀ ଛକ ନିକଟସ୍ଥ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁଣି କୋର୍ଟ ପରିସରକୁ ଫେରିଥିଲା। ଏହି ଅବସରରେ ଅଧକ୍ଷା ବଡ଼ଜେନା କହିଥିଲେ ଯେ ପ୍ରତ୍ୟେକ ବାଳିକା ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷିତ ଉଜ୍ଜ୍ୱଳ ଭବିଷ୍ୟତର ଅଧିକାରୀ। ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ କୁପ୍ରଥା ଯାହା ବାଳିକାମାନଙ୍କ ସ୍ୱପ୍ନ, ଶିକ୍ଷା ଓ ସମ୍ଭାବନାକୁ ଧ୍ୱଂସ କରେ। ଏହି କୁପ୍ରଥାକୁ ମୂଳୁଚ୍ଛେଦ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ସଚେତନତା ରାଲିରେ ବସ୍ତା କୋର୍ଟର ବହୁ ଆଇନଜୀବୀ, କୋର୍ଟ କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦେଇ ବାଲ୍ୟ ବିବାହ ବିରୋଧରେ ସମାଜକୁ ସନ୍ଦେଶ ଦେଇଥିଲେ। ରାଲି ସମୟରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥିଲା।

## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ ଶୁଣିଲେ ଢେଙ୍କାନାଳ ସାଂସଦ

**ତାଳଚେର,୨୭।୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ମନ କି ବାତ କାର୍ଯ୍ୟକ୍ରମ ପ୍ରତି ମାସ ଶେଷ ରବିବାର ଦିନ ୧୧ଟାରୁ ୧୧.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ।ବିଭିନ୍ନ ଚାନେଲ ସୋସିଆଲ ମିଡ଼ିଆ ମାଧ୍ୟମରେ ସମଗ୍ର ଦେଶ ବାସୀ ତାହାକୁ ଶୁଣିଥାନ୍ତି। ଗତ ରବିବାର ପ୍ରଧାନମନ୍ତ୍ରୀଙ୍କ ୧୩୦ ତମ ମନ କି ବାତ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଶତାଧିକ କାର୍ଯ୍ୟକର୍ତା ଓ ଜନସାଧାରଣ ଙ୍କ ସହ ମିଶି ଶୁଣିଥିଲେ।ତାଳଚେର ଘଣ୍ଟପଡା ଓଭର



ବ୍ରିଜ ର ଉଦଘାଟନ ପୂର୍ବରୁ ସେହି ସ୍ଥାନରେ ଏଲଇଡ଼ି ଟିଭି ମାଧମରେ ମନ କି ବାତ କାର୍ଯ୍ୟକ୍ରମ କୁ ଶୁଣିଥିଲେ।ଏହି ସ୍ଥାନରେ ସାଂସଦ ଙ୍କ ସହ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିରରେ ହିନ୍ଦୁ ସମ୍ମିଳନୀ

**ବାଲିପାଟଣା,୨୭।୧ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜା ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠ ରେ ହିନ୍ଦୁ ସମ୍ମିଳନୀ ଆୟୋଜନ ହୋଇଯାଇଛି।ସକାଳୁ ହୋମ ଓ ଗୀତା ପାଠ ଏବଂ ହନୁମାନ ଚାଳିଶା କରାଯାଇଥିଲା। ପଣ୍ଡିତ ଡ଼ମ୍ବରୁଧର ମିଶ୍ର ଗୀତା ପାଠ କରିଥିଲେ। ପଣ୍ଡିତ ଉମାକାନ୍ତ ରଥ, ସୁବୋଧ କୁମାର ମିଶ୍ର, ସନ୍ତୋଷ ପଣ୍ଡା ହୋମ ଏବଂ କାଳନ୍ଦୀ ଚରଣ ସାହୁ ହନୁମାନ ଚାଳିଶା ପାଠ କରିଥିଲେ। ଏହି ଅବସରରେ ମଧାହ୍ନରେ ଆୟୋଜିତ ସଭାରେ ମୁଖ୍ୟାଅତିଥି ଭାବେ ବ୍ରହ୍ମ ଚାରିଣୀ ମନିଷା ଚିତନ୍ୟା(ସୁଧାନନ୍ଦ ଆଶ୍ରମ), ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସୋୟଂ ସେବକ ସଂଘ ପୁରୀ ବିଭାଗ ତଥା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପ୍ରବନ୍ଧକ ରାଜେଶ୍ ରାୟ, ରାଷ୍ଟ୍ରୀୟ ସୋୟଂ ସେବକ ସଂଘ ପୁରୀ ବିଭାଗ ର ସହ ଶାରୀରିକ ପ୍ରମୁଖ ଅଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁ ସମାଜ ଜାଗ୍ରତ ନ ହେଲେ ଭବିଷ୍ୟତ ରେ ମନ୍ଦିର ମାଳିନୀ ଓ ଦେବଦେବୀଙ୍କ ସହ ସନାତନିଙ୍କ ପ୍ରତି ସଙ୍କଟ ଜାଗ୍ରତ ହେବା ଆଶଙ୍କା ରହିଛି। ପ୍ରତ୍ୟେକ ସନାତନି ହିନ୍ଦୁ ଧର୍ମର ସୁରକ୍ଷା ଦିଗରେ ପ୍ରୟାସ କରିବା ଗୁରୁ ଦାୟିତ୍ୱ ରହିଛି।

## ମିନି ମାରାଥନ-୨୦୨୬



**ସୁବର୍ଣ୍ଣପୁର,୨୭।୧(ସଂଚାର ବ୍ୟୁରୋ):** ଶିକ୍ଷା, ସାମାଜିକ ସଶକ୍ତି କରଣ ଏବଂ ନବ ସର୍ଜନା ମାଧମରେ ସଂମ୍ପ୍ରଦାୟକୁ ପରିବର୍ତ୍ତନ କରିବା ପାଇଁ ସମର୍ପିତ ଦୃଷ୍ଟି ସଂମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଡଃ. ଅଚ୍ୟୁତ ସାମନ୍ତଙ୍କ ନିଆରା ପ୍ରାୟାସ ମିନି ମାରାଥନ।ଚଳିତ ବର୍ଷର ମିନି ମାରାଥନର ଥିମ ରହିଛି ସମସ୍ତଙ୍କ ପାଇଁ ଶିକ୍ଷା। ଏହି ମହତ ଉଦ୍ଦେଶ୍ୟରେ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ପଡ଼ିଆରୁ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ର/ଛାତ୍ରୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ମିନି ମାରାଥନରେ ଭାଗନେଇ ନଳିନୀ ଛକ, ଆମ୍ବେଦକର ଛକ ଏବଂ ବ୍ଲକ ଛକ ଦେଇ ରୋୟାଲ ପଡ଼ିଆରେ ପହଂଚି ଥିଲେ। ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ଚାଷୀ ନେତା ବୈକୁଣ୍ଠ ଶତପଥି, କୋଶଳ ସ୍କୁଲର ସମ୍ପାଦକ ସଞ୍ଜୟ ସାହୁ, କଳିଙ୍ଗ ଟିଭି ଜିଲ୍ଲା ପ୍ରତିନିଧି ଶେଷଦେବ ବାରିକ, କିସ ଜିଲ୍ଲା ସଂଯୋଜକ ପ୍ରଭଞ୍ଜନ କୁମାର ପୂଝାରୀ ପ୍ରମୁଖ ଯୋଗଦେଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭ ଉଦଘାଟନ କରିଥିଲେ।

## ବ୍ଲକ୍ କାର୍ଯ୍ୟାଳୟରେ ୪୩ ଅଭିଯୋଗ, ୧୨ଟିର ତତ୍କାଳ ଫଇସଲା



**କଳିଙ୍ଗନଗର,୨୭।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ପ୍ରଚାର-ପ୍ରସାର ଅଭାବରୁ ଫିକା ପଡ଼ିଥିବା ଦେଖିବାକୁ ମିଳିଛି। ବ୍ଲକ୍ ଅଞ୍ଚଳରେ ମାଳମାଳ ଅଭିଯୋଗ ଥିବା ସତ୍ତ୍ୱେ ଜନଶୁଣାଣୀ ଶିବିରରେ ସାଧାରଣ ଲୋକଙ୍କ ଉପସ୍ଥିତି ନଗନ୍ୟ.. ଏହି ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ସ୍ୱୟଂ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି-ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ଯୋଗ୍ୟ ମାମଲାରେ ଯଥାସମ୍ଭବ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁଣାଣି ସମୟରେ ମୋଟ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ସମସ୍ୟା, ୨ଟି ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୨ଟି ଅଭିଯୋଗ ରହିଥିଲା। ଏହାମଧ୍ୟରୁ ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବା ଜଣାପଡ଼ିଛି। ଏହି ମିଳିତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଯାଜପୁର ରୋଡ଼; ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ-ସହ-ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି; ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ; ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ; ତହସିଲଦାର, ଦାନଗଦି ରଞ୍ଜିତ କୁମାର ମଲ୍ଲିକ ସହ ବିଭିନ୍ନ ଜିଲ୍ଲା, କ୍ଷେତ୍ରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

● ବିଭିନ୍ନ ପ୍ରକାରର ୪୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୭।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଏସ.ପତ୍ରପାଲି ଗ୍ରାମ କାର୍ଯ୍ୟାଳୟ ସ୍ଥିତ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୪୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା, ଚିନ୍ମୟ କୁମାର ମହାନନ୍ଦ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, କାଳିଆ ମଲ୍ଲିକ, ଉପ - ଜିଲ୍ଲାପାଳ, ବିରମହାରାଜପୁର, ଡେପୁଟି କଲେକ୍ଟର, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର, ଉଲୁଣ୍ଡା, ନିରଞ୍ଜନ କୁମାର ଧଳ, ସରପଞ୍ଚ, ଏସ.ପତ୍ରାପାଳି ଗ୍ରାମ ପଞ୍ଚାୟତ ସନାତନ ମହାଳିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏସ.ପତ୍ରାପାଲି, ପ୍ରିୟଙ୍କା ପଣ୍ଡା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

**ସୁବର୍ଣ୍ଣପୁର,୨୭।୧ (ସଂଚାର ବ୍ୟୁରୋ):** ସୋମବାର ଦିନ ସାହାଜବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ପଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଥିବା ଏହି ଉତ୍ସବରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମାନ୍ ଗଣେଶ କିଷାନ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାର ଏକ ସୋପାନ ଶୈକ୍ଷିକ ପଦ୍ଧତିର ସୁନ୍ଦର ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ମାୟାବର୍ହା ଆଞ୍ଚଳିକ ସାଧନ କର୍ମୀ ସୌରଭ କୁମାର ସାହୁ, ମାୟାବର୍ହା ଗ୍ରା.ପ.ର ଭାରପ୍ରାପ୍ତ ସରପଞ୍ଚ ସଂପଦ ବାଘ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି



ନନ୍ଦିଘୋଷ ମାଝି ଏବଂ ମୁଖ୍ୟ ବକ୍ତା ଭାବରେ ହୀରାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଣିକର ମାଝି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଗୁପ୍ତେଶ୍ୱର ନନ୍ଦ ସଭା ସଂଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ପଧାନ ଅତିଥି ପରିଚୟ ଏବଂ ସହକାରୀ ଶିକ୍ଷକ ଦୀପକ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବାଲ୍ୟବିବାହକୁ ନା ବିଦ୍ୟାଳୟକୁ ହଁ ବାର୍ତ୍ତା ନେଇ ସାଇକେଲ ରାଲି



**ବାରିପଦା,୨୭।୧(ସଂଚାର ବ୍ୟୁରୋ):** ବାଲ୍ୟ ବିବାହ ନିବାରଣ ଏବଂ ଶିଶୁମାନଙ୍କ ଶିକ୍ଷା, ସ୍ୱପ୍ନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାଲ୍ୟ ବିବାହ ମୁକ୍ତ ଭାରତ ୧୦୦ ଦିନିଆ ଅଭିଯାନ ଅଧୀନରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ (ସମାଜ ମଙ୍ଗଳ ବିଭାଗ) ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସାଇକେଲ ରାଲୀ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଲି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରୁ ବାହାରି ବାରିପଦା ସହର ପରିକ୍ରମା କରି ପୁନଃ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ଏହି ରାଲିରେ ପ୍ରାୟ ୧୫୦ ଜଣ ବାଳିକା ଅଂଶ ଗ୍ରହଣ କରିଥିଲେ।। ରାଲୀ ମାଧମରେ "ବାଲ୍ୟ ବିବାହ ଏକ ଅପରାଧ" ଓ "ଶିଶୁମାନଙ୍କୁ ବାଲ୍ୟ ବିବାହ କୁ ନା ଓ ବିଦ୍ୟାଳୟକୁ ହଁ, ବାର୍ତ୍ତା ସାଧାରଣ ଲୋକଙ୍କୁ ପହଞ୍ଚା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଏବଂ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧିକାରୀ ଓ କର୍ମଚାରୀ, ହବ୍ ର କର୍ମଚାରୀ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ବାଲ୍ୟ ବିବାହ ବିରୋଧରେ ସମାଜକୁ ସଚେତନ କରିଥିଲେ। ଏଥିରେ ବିଭିନ୍ନ କଲେଜ ର ଛାତ୍ରଛାତ୍ରି ଏବଂ ଯୁବ ଗୋଷ୍ଠି ଭାଗ ନେଇଥିଲେ।

## ଯୁବ ସଭାପତି ବଜାୟ ରଖିଲେ ଦୁର୍ଯ୍ୟୋଧନ, ଛାତ୍ରରେ ଅମରେଶ୍ୱର

**ନୟାଗଡ଼,୨୭।୧(ସଂଚାର ବ୍ୟୁରୋ):** ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ୧୦ଟି ଜିଲ୍ଲାର ଯୁବ ସଭାପତି ଓ ଛାତ୍ର ସଭାପତିଙ୍କ ନାମ ଘୋଷଣା କରିଛନ୍ତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ। ୧୦ଟି ଜିଲ୍ଲା ମଧରେ ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଓ ବିଜୁ ଛାତ୍ର ଜନତା ଦଳର ସଭାପତିଙ୍କ ନାମ ଘୋଷଣା କରିଛନ୍ତି ବିଜେଡ଼ି ସୁପ୍ରିମୋ। ତେବେ ପୂର୍ବରୁ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ଦୁର୍ଯ୍ୟୋଧନ ବେହେରା ମଙ୍ଗ ଧରିଥିବା ବେଳେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଶ୍ରୀଯୁକ୍ତ ବେହେରାଙ୍କ ଉପରେ ଆଉ ଥରେ ଆଶା ପ୍ରକଟ କରି ବିଯୁ ଯୁବ ଜନତା ଦଳର ସଭାପତି ଭାବେ ନିଯୁକ୍ତ କରିଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ପୂର୍ବରୁ ନୀଳମାଧବ ପଣ୍ଡା



ଦୀର୍ଘ ବର୍ଷ ଧରି ନିଜ ଦାୟିତ୍ୱ ତୁଲାଇ ଆସିଥିବା ବେଳେ ଏଥର କିନ୍ତୁ ଅମରେଶ୍ୱର ଜେନାଙ୍କ ଉପରେ ବିଜେଡ଼ି ସୁପ୍ରିମୋ ଆଶା ପ୍ରକଟ କରି ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ନିଯୁକ୍ତ କରିଛନ୍ତି। ବିଜୁ ଯୁବ ଓ ଛାତ୍ର ସଭାପତିଙ୍କ ନାମ ଘୋଷଣା ହେବା ପରେ ଉଭୟଙ୍କୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଥିବା ବେଳେ ଉଭୟ ଯୁବ ଓ ଛାତ୍ର ସଭାପତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।